'ହିଜାବ୍ ପରିହିତା ଦିନେ ଦେଶର ପ୍ରଧାନମନ୍ତ୍ରୀ ହେବେ'

ପୃଷ୍ଠା ୫

ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

ଜିଲ୍ଲା ପ୍ରତିନିଧି ଆବଶ୍ୟକ

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

ଯୋଗାଯୋଗ

Mail :- sancharodisha@gmail.com
Whatsapp :- +91 8093008776

Vol. 33 | ISSUE 289 | ଭାଗ ୩୩ | ସଂଖ୍ୟା ୨୮୯ | Sunday 11 January 2026 | Page 8 Rs. 5.00 | ଭୁବନେଶ୍ୱର ରବିବାର ୧୧ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ରାଉରକେଲାରେ ବିମାନ ଦୁର୍ଘଟଣା

ଯାନ୍ତ୍ରିକ ତ୍ରୁଟିରୁ କ୍ରାସ-ଲ୍ୟାଣ୍ଡ୍, ୬ ଗୁରୁତର

- ଆହତଙ୍କ ମଧ୍ୟରେ ଦୁଇ ପାଇଲଟ୍ ସାମିଲ୍
- ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

ରାଉରକେଲା, ୧୦।୧ (ସଂଚାର ବ୍ୟୁରୋ): ଆଜି ରାଉରକେଲା ଅଭିମୁଖେ ଯାଉଥିବା ଏକ ଇଣ୍ଡିଆୱାନ୍ ଏୟାର୍ ଦ୍ୱାରା ପରିଚାଳିତ ଏକ ଛୋଟ ଆକାରରେ ଚାର୍ଟର୍ଡ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୪ ଜଣ ଯାତ୍ରୀ ଓ ଦୁଇ ଜଣ କ୍ରିଉ ମେମ୍ବର୍ ଆହତ ହୋଇଛନ୍ତି। ଏହି ବିମାନଟି ଭୁବନେଶ୍ୱରରୁ ୪ ଜଣ ଯାତ୍ରୀଙ୍କୁ ନେଇ ଅପରାହ୍ନ ୧୨ଟା ୨୭ ମିନିଟ୍ ସମୟରେ ବାହାରିବା ପରେ ରାଉରକେଲାରେ ୧ଟା ୧୫ ପୃଷ୍ଠା-୬

ବିକାଶ ଯାତ୍ରାରେ ଯୋଡ଼ିହେଲା ଆଉ ଏକ ଅଧ୍ୟାୟ

ସମ୍ବଲପୁରକୁ ମୁଖ୍ୟମନ୍ତ୍ରୀଙ୍କ ୯୪୮ କୋଟିର ପ୍ରକଳ୍ପ ଭେଟି

- ୫୭ କୋଟିର ୧୪ ପ୍ରକଳ୍ପ ଉଦ୍‌ଘାଟିତ
- ୮୯୦ କୋଟିର ୧୧ ପ୍ରକଳ୍ପ ପାଇଁ ଶିଳାନ୍ୟାସ

ଭୁବନେଶ୍ୱର, ୧୦।୧ (ସଂଚାର ବ୍ୟୁରୋ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ଗସ୍ତରେ ଯାଇ ସେଠାରେ ଜିଲ୍ଲା ପାଇଁ ପ୍ରାୟ ୯୪୮ କୋଟି ଟଙ୍କାର ୨୫ଟି ଉନ୍ନୟନମୂଳକ ପ୍ରକଳ୍ପ ଭେଟିଦେଇଛନ୍ତି। ଏଥିମଧ୍ୟରୁ ୫୭ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ୧୪ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହୋଇଥିବା ବେଳେ ୮୯୦ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ୧୧ଟି ପ୍ରକଳ୍ପ ପାଇଁ ଶିଳାନ୍ୟାସ ସ୍ଥାପନ କରାଯାଇଛି। ଏହି ସମସ୍ତ ଉନ୍ନତିମୂଳକ ପ୍ରକଳ୍ପ ମଧ୍ୟରେ ସଡ଼କ, ସେତୁ ନିର୍ମାଣ, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଗୋଦାମ ଗୃହ, ଅଟଳ ବସ୍‌ଷ୍ଟାଣ୍ଡ, ଛାତ୍ରାନିବାସ, ପର୍ଯ୍ୟଟନ ବିକାଶ, ପାନୀୟ ଜଳ ସହ ଅନ୍ୟାନ୍ୟ ଉନ୍ନୟନ ପ୍ରକଳ୍ପ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ବଲପୁରର ବିକାଶଧାରାକୁ ଲୋକଙ୍କ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିବା ସହ ସମ୍ବଲପୁର ବିକାଶକୁ ସଙ୍କୁଚିତ ବିକାଶ ଓ ସୁଶାସନର ଏକ ଅଭିନ୍ନ ଅଙ୍ଗ ବୋଲି ମତ ଦେଇଛନ୍ତି।

ସେ କହିଛନ୍ତି ଯେ ସମ୍ବଲପୁର ଜିଲ୍ଲାର ବିକାଶ ଯାତ୍ରାରେ ଏହିସବୁ ପ୍ରକଳ୍ପ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିବ। ଏହି ସମସ୍ତ ପ୍ରକଳ୍ପ ସମ୍ବଲପୁର ଜିଲ୍ଲାରେ ବିକାଶର ଏକ ନୂଆଧାରା ସୃଷ୍ଟି କରିବା ସହ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମୂଳଦୁଆ ପକାଇବ। ଏହିସବୁ ପ୍ରକଳ୍ପ ମାଧ୍ୟମରେ ସମ୍ବଲପୁର ସହରର ସୌନ୍ଦର୍ଯ୍ୟ ଆହୁରି ବୃଦ୍ଧି ପାଇବ। ରାଜ୍ୟର ପ୍ରମୁଖ ଶକ୍ତିପୀଠ ତଥା ଦର୍ଶନୀୟ ସ୍ଥାନ ଭାବେ ମା' ସମଲେଇଙ୍କ ମନ୍ଦିରର ବିକାଶ ପାଇଁ ୩୧୬ କୋଟି ବିନିଯୋଗ ସହ ରିଭର ଫ୍ରଣ୍ଟ ଡେଭଲପମେଣ୍ଟ କାମ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପ୍ରଥମ ପର୍ଯ୍ୟାୟରେ ମନ୍ଦିର ଚତୁଃପାର୍ଶ୍ୱର କରିଡର ନିର୍ମାଣ, ଗୋପାଳଜିଉ ମଠର ବିକାଶ, ଦୀପ ଘର, ପାର୍କିଂ ସୁବିଧା ସହ ପୃଷ୍ଠା-୬

ବଢୁଛି ଶୀତ ଯନ୍ତ୍ରଣା

ରାଜଧାନୀରେ ଭାଙ୍ଗିଲା ୨୨ ବର୍ଷର ରେକର୍ଡ

ଭୁବନେଶ୍ୱର, ୧୦।୧ (ସଂଚାର ବ୍ୟୁରୋ): ରାଜଧାନୀରେ କ୍ରମାଗତ ଭାବେ ଶୀତ ବଢ଼ିଚାଲିଛି। ରାଜଧାନୀବାସୀ ଶୀତରୁ ତ୍ରାହି ପାଇବା ସକାଶେ ଆଶା ରଖିଥିଲେ ମଧ୍ୟ ସେମାନଙ୍କ ଆଶାରେ ବରଫ ମାଡ଼ିଯାଉଛି। କାରଣ ଗତ ୪ ଦିନ ହେଲା ଲଗାତାର ତାପମାତ୍ରା ନିମ୍ନମୁଖୀ ହୋଇଚାଲିଛି। ଏହି କ୍ରମରେ ଗତକାଲି ରାତିରେ ରାଜଧାନୀ ୨୨ ବର୍ଷ ମଧ୍ୟରେ ସବୁଠାରୁ ଅଧିକ ଥଣ୍ଡା ଅନୁଭୂତ ହୋଇଛି। ରାତି ସମୟରେ ରାଜଧାନୀ ତାପମାତ୍ରା ୯.୨ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ରାଜ୍ୟର ୨୮ଟି ଜିଲ୍ଲାରେ ତାପମାତ୍ରା ୧୦ ତଳେ ରହିଛି। ତେବେ ରାଉରକେଲାରେ ଗତକାଲି ରାତି ୪.୧ ଡିଗ୍ରୀ ତାପମାତ୍ରା ରହିଥିବାରୁ ଏହା ସବୁଠାରୁ ଥଣ୍ଡା ସହର ରହିଥିଲା।

ସେହିପରି ସକାଳ ୫ଟା ୩୦ରେ ଝାରସୁଗୁଡ଼ାରେ ୬.୨ ଡିଗ୍ରୀ ତାପମାତ୍ରା ରହିବା ଫଳରେ ଏହା ପୃଷ୍ଠା-୬

ପ୍ରାକ-ବଜେଟ ପରାମର୍ଶ ବୈଠକରେ ୧୦ ପ୍ରସ୍ତାବ

ବିକଶିତ ଓଡ଼ିଶା ପାଇଁ ଅଧିକ ସହାୟତା ଦାବି

- ଭିତ୍ତିଭୂମି ବିକାଶ ପାଇଁ ଦରକାର କେନ୍ଦ୍ରୀୟ ସମର୍ଥନ
- ରାଜ୍ୟକୁ ମିଳୁ ପୁଞ୍ଜିନିବେଶ ଲାଗି ସ୍ୱତନ୍ତ୍ର ସହାୟତା
- ଆର୍ଥିକ ଶୃଙ୍ଖଳା ରାଜ୍ୟକୁ ଦିଆଯାଉ ପ୍ରୋତ୍ସାହନ
- ଧାନ ସଂଗ୍ରହ ପାଇଁ ଆବଶ୍ୟକ କେନ୍ଦ୍ରୀୟ ସହାୟତା

ଭୁବନେଶ୍ୱର, ୧୦।୧ (ସଂଚାର ବ୍ୟୁରୋ): ଆସନ୍ତା କେନ୍ଦ୍ରୀୟ ବଜେଟରେ ଓଡିଶାକୁ ଅଧିକ କେନ୍ଦ୍ରୀୟ ଅନୁଦାନ ଏବଂ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଦାବି କରାଯାଇଛି। ପୂର୍ବୋଦୟ ଭିଜନରେ ଓଡିଶାକୁ ଭିତ୍ତିଭୂମି ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ସମର୍ଥନ ସହ ପୁଞ୍ଜି ନିବେଶ ସ୍ୱତନ୍ତ୍ର ସହାୟତା ଯୋଜନାରେ ଅଧିକ ଅନୁଦାନ ଦାବି କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା।

ଆଜି ନୂଆଦିଲ୍ଲୀରେ ଆୟୋଜିତ ୨୦୨୬—୨୭ କେନ୍ଦ୍ରୀୟ ବଜେଟ ପାଇଁ ପ୍ରସ୍ତାବ ଗ୍ରହଣ ଉଦ୍ଦେଶ୍ୟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରାକ-ବଜେଟ ପରାମର୍ଶ ବୈଠକରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ଅର୍ଥମନ୍ତ୍ରୀମାନଙ୍କ ସହ ଓଡିଶା ସରକାରଙ୍କ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅଂଶଗ୍ରହଣ କରିଥିଲେ। ବୈଠକରେ ରାଜ୍ୟ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ମଧ୍ୟ ଉପସ୍ଥିତ ଥିଲେ। ଆଗାମୀ କେନ୍ଦ୍ରୀୟ ବଜେଟ ୨୦୨୬—୨୭ରେ ଓଡ଼ିଶା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ସମ୍ପଳିତ ଏକ ୧୦ ଦଫା ସ୍ମାରକପତ୍ର କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।

ପୂର୍ବୋଦୟ ଭିଜନ ଅଧୀନରେ ବିକଶିତ ଓଡ଼ିଶା ପାଇଁ ବିକଶିତ ଭାରତ ଲକ୍ଷ୍ୟ ପୂରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବିକାଶରେ କେନ୍ଦ୍ର ସରକାରଙ୍କ ସମର୍ଥନ ଲୋଛନ୍ତି ରାଜ୍ୟ ସରକାର। ସେହିଭଳି ଆର୍ଥିକ ଶୃଙ୍ଖଳା ପାଳନ କରୁଥିବା ରାଜ୍ୟମାନଙ୍କୁ ପ୍ରୋତ୍ସାହନ ସହ ରାଜ୍ୟମାନଙ୍କ ପାଇଁ ପୁଞ୍ଜି ନିବେଶ ସ୍ୱତନ୍ତ୍ର ସହାୟତା ଯୋଜନା (ଏସଏଏସସିଆଇ) ୨୦୨୬—୨୭ ଅଧୀନରେ ଅଧିକ ଅନୁଦାନ ଦାବି କରାଯାଇଛି। ସ୍ୱତନ୍ତ୍ର ପୋଷଣ କାର୍ଯ୍ୟକ୍ରମ (ଏସଏନପି) ଓ କିଶୋରୀ ଯୋଜନା (ଏସଏଜି) ଅଧୀନରେ ରାସନ ମୂଲ୍ୟ ମାନଦଣ୍ଡର ସଂଶୋଧନ ପାଇଁ ପ୍ରସ୍ତାବ ଦିଆଯାଇଛି। ଏହାଦ୍ୱାରା ପୃଷ୍ଠା-୬

- ଡ୍ରପ୍ ଆଉଟ୍ ରୋକିବାକୁ ଗୁରୁଙ୍କୁ ଗୁରୁଦାୟିତ୍ୱ

ଛାତ୍ରଛାତ୍ରୀ ୭ ଦିନ ଧରି ନ ଆସିଲେ ଘରେ ପହଞ୍ଚିବେ ଶିକ୍ଷକ

ଭୁବନେଶ୍ୱର, ୧୦।୧ (ସଂଚାର ବ୍ୟୁରୋ): ଦୀର୍ଘ ବର୍ଷ ଧରି ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ଡ୍ରପ୍ ଆଉଟ୍ ଏକ ପ୍ରମୁଖ ସମସ୍ୟା ହୋଇଆସିଛି। ଏହାକୁ ରୋକିବା ସକାଶେ ବିଭିନ୍ନ ସମୟରେ ପୃଥକ୍ ପଦକ୍ଷେପ ନିଆଯାଇଥିଲେ ହେଁ ଅଦ୍ୟାବଧି କୌଣସି ସ୍ଥାୟୀ ସମାଧାନ ପନ୍ଥା ବାହାରିପାରିନାହିଁ। ତେଣୁ ସରକାରଙ୍କ ପାଇଁ ଏହା ସବୁବେଳେ ଏକ ମୁଣ୍ଡବ୍ୟଥାର କାରଣ ସାଜିଛି। ତେବେ ବିଜେପି ସରକାର ରାଜ୍ୟରେ ଦେଢ଼ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କ୍ଷମତାରେ ରହିବା ପରେ ଏବେ ଏହି ଦୀର୍ଘକାଳୀନ ସମସ୍ୟାର ସମାଧାନ ପାଇଁ ଏକ ଭିନ୍ନ ପନ୍ଥା ବାହାର କରିଛି। ଏହି ସମସ୍ୟା ଦୂର ଦିଗରେ ସରକାର ଗୁରୁମାନଙ୍କ ଉପରେ ଭରସା କରିଛନ୍ତି। ନୂଆ ପଦକ୍ଷେପ ଭାବେ ଯଦି କୌଣସି ପିଲା ସପ୍ତାହେ ଧରି ସ୍କୁଲକୁ ନ ଆସିବ, ତା'ହେଲେ ଶିକ୍ଷକଙ୍କୁ ଉକ୍ତ ଛାତ୍ର ବା ଛାତ୍ରୀଙ୍କ ଘରେ ପହଞ୍ଚିବାକୁ ପଡ଼ିବ। କେଉଁ କାରଣ ପାଇଁ ସମ୍ପୃକ୍ତ ବିଦ୍ୟାର୍ଥୀ ସ୍କୁଲ ଆସୁନାହାନ୍ତି, କ'ଣ ସମସ୍ୟା ହେଉଛି ଆଦି ସମ୍ପର୍କରେ ଶିକ୍ଷକମାନେ ତଥ୍ୟ ସଂଗ୍ରହ କରିବେ। ପିଲାର ଭବିଷ୍ୟତ ପାଇଁ ପାଠପଢ଼ା କେତେ ଜରୁରୀ, ସେନେଇ ଶିକ୍ଷକମାନେ ପିତାମାତା ସହ ଆଲୋଚନା ବି କରିବେ। ଏହାଦ୍ୱାରା ପାଠ ଛାଡ଼ିବାକୁ ଚାହୁଁଥିବା ପିଲା ନିଶ୍ଚିତ ଭାବେ ସ୍କୁଲ୍‌କୁ ଫେରିଆସିବ ବୋଲି ସରକାର ଆଶା ରଖିଛନ୍ତି। ଏନେଇ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି କରାଯାଇଛି।

ମିଳିଥିବା ସୂଚନାନୁସାରେ, ଗତ ଡିସେମ୍ବର ୨୬ ତାରିଖରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି। ଏଥିରେ ଡ୍ରପ୍ ଆଉଟ୍ ହାର ରୋକିବା, ଶିଶୁ ଶ୍ରମିକ ରୋକିବା ଓ ବାଲ୍ୟ ବିବାହ ରୋକିବା ଉପରେ ଗୁରୁତ୍ୱ ଦିଆଯାଇଛି। ଯେଉଁଥିପାଇଁ ଯଦି କୌଣସି ପିଲା ସପ୍ତାହେ ଧରି ସ୍କୁଲ ନ ଆସେ, ତା'ହେଲେ ତା' ଘରକୁ ସ୍କୁଲ ଶିକ୍ଷକ ନିଜେ ଯିବେ। ଆବଶ୍ୟକ ହେଲେ ପ୍ରଧାନଶିକ୍ଷକ, ସ୍କୁଲ ପରିଚାଳନା କମିଟି (ଏସ୍‌ଏମ୍‌ସି) ସଦସ୍ୟ ମଧ୍ୟ ଘରକୁ ଯିବେ। ସିଧାସଳଖ ପିଲାର ବାପା- ପୃଷ୍ଠା-୬

ବିଶ୍ୱ ପୁସ୍ତକ ମେଳାରେ 'କୁଦୋପାଲି'ର ବୀରତ୍ୱ ଗାଥାକୁ ପ୍ରାଧାନ୍ୟ

ବିଶ୍ୱ ଦରବାରରେ ଓଡ଼ିଶା ବୀରତ୍ୱ ପାଇବ ନୂଆ ପରିଚୟ

ନୂଆଦିଲ୍ଲୀ, ୧୦।୧: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସ୍ଥାନୀୟ ଭାରତ ମଣ୍ଡପମ୍‌ଠାରେ 'ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳା (ଏନଡିଡବ୍ଲ୍ୟୁବିଏଫ)-୨୦୨୬'କୁ ଉଦଘାଟନ କରିଛନ୍ତି। ଏହି ବର୍ଷର ମେଳାରେ ଓଡ଼ିଶାର ୧୮୫୭ ସଂଗ୍ରାମର ଅନାଲୋଚିତ ଅଧ୍ୟାୟ 'କୁଦୋପାଲି'କୁ ବିଶେଷ ପ୍ରାଧାନ୍ୟ ଦିଆଯାଇଛି।

ଏହି ଅବସରରେ କୁଦୋପାଲିର ସଂଘର୍ଷ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ଭିଡିଓ ପ୍ରଦର୍ଶିତ ପୃଷ୍ଠା-୬

ଓଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ

ଭୁବନେଶ୍ୱର, ୧୦।୧ (ସଂଚାର ବ୍ୟୁରୋ): ଆଇଏଏସ ସ୍ତରରେ ଅଦଳବଦଳ ପୂର୍ବରୁ ଓଡ଼ିଶା ପ୍ରଶାସନିକ ସେବା ବା ଓଏଏସ ସ୍ତରରେ ଏକ ବଡ଼ ଧରଣର ପରିବର୍ତ୍ତନ ହୋଇଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରମ ଓ ନିଯୋଜନ ବିଭାଗର ଅତିରିକ୍ତ ସଚିବ ରାଜେଶ କୁମାର ଅଗ୍ରୱାଲଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ଭୁବନେଶ୍ୱର ଏଡିଏମ ରୁଦ୍ରନାରାୟଣ ମହାନ୍ତିଙ୍କୁ ଅବକାରୀ ବିଭାଗର ଅତିରିକ୍ତ କମିଶନର ଭାବେ ବଦଳି କରାଯାଇଛି। ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ୍‌ର ରେଜିଷ୍ଟ୍ରାର ଭାବେ ବଦଳି କରାଯାଇଛି।

ଏମକେସିଜି ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କୁ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ ଭାବେ ଅବସ୍ଥାପିତ କରାଯାଇଛି। ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ ଧୀରେନ୍ଦ୍ରନାଥ କରଙ୍କୁ ଶ୍ରମ ଓ ନିଯୋଜନ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠର ଅତିରିକ୍ତ ସଚିବ ରଶ୍ମିରଞ୍ଜନ ସାହୁଙ୍କୁ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ଭାବେ, ନୂଆପଡା ଏଡିଏମ ପ୍ରଫୁଲ୍ଲ କୁଜୁରଙ୍କୁ ଏମଏସଏମଇ ବିଭାଗର ଯୁଗ୍ମ ସଚିବ ଭାବେ, ରାଜ୍ୟ ପଣ୍ୟାଗାର ନିଗମର ସଚିବ ରଞ୍ଜିତା ସାହୁଙ୍କୁ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ଭାବେ, ଯାଜପୁର ସଦର ବିଡିଓ ହେମନ୍ତ ପୃଷ୍ଠା-୬



ଭକ୍ତଙ୍କୁ ଜୟଦେବ ମାରିଲେ ତେର୍‌ଛା ବାଣ

ସଙ୍ଗଠନ ବଞ୍ଚାଇବାକୁ ବିଷ ପିଅନ୍ତୁ ସଭାପତି

ଘନ ଘନ କାର୍ଯ୍ୟାନୁଷ୍ଠାନ ଦଳକୁ ଦୁର୍ବଳ କରୁଛି

ଭୁବନେଶ୍ୱର, ୧୦।୧ (ସଂଚାର ବ୍ୟୁରୋ): ଭକ୍ତ ଚରଣ ଦାସ ଓଡ଼ିଶା କଂଗ୍ରେସର ମଙ୍ଗ ଧରିବା ପରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା କାର୍ଯ୍ୟକାରୀ କରୁନାହାଁନ୍ତି। ଦଳର ସବୁ ସ୍ତରର ନେତାଙ୍କୁ ସାଙ୍ଗରେ ନେଇ କାମ କରିବାକୁ ଘୋଷଣା କରି କଂଗ୍ରେସ ଭବନରେ ବିରାଟ ସଭା କରିଥିଲେ ଭକ୍ତ। ହେଲେ ଏବେ ସେ ନିଜସ୍ୱ ଏଜେଣ୍ଡାରେ ଦଳ ଚଳାଉଛନ୍ତି, ଯାହାକୁ ନେଇ ରାଜ୍ୟ କଂଗ୍ରେସରେ ଅସନ୍ତୋଷ ଘନୀଭୂତ ହୋଇଛି। ଗୋଟିଏ ପରେ ଗୋଟିଏ ବରିଷ୍ଠ ନେତା ତାଙ୍କ ହାତ ଛାଡିଲେଣି। ଆଗକୁ ଆହୁରି ଛାଡିବେ। ଏନେଇ ଆଜି ଭକ୍ତ ଦାସଙ୍କୁ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ତେର୍‌ଛା ବାଣ ମାରି ସତର୍କ କରାଇଦେଇଛନ୍ତି।

ରାଜ୍ୟ କଂଗ୍ରେସକୁ ଏକାଠି କରିବାକୁ ହେଲେ ସଭାପତିଙ୍କୁ ବିଷ ପିଇବାକୁ ହେବ। ଏଭଳି କହିଛନ୍ତି ଶ୍ରୀ ଜେନା। ଦଳର ଦାୟିତ୍ୱ ନେଉଥିବା ନେତାମାନେ ପୃଷ୍ଠା-୬

ରାଜ୍ୟସଭା ନିର୍ବାଚନ ସ୍ପଷ୍ଟ କରିବ ବିଜେଡି ଭବିଷ୍ୟତ

"ରାଜ୍ୟସଭା ନିର୍ବାଚନ ପାଇଁ ବିଜେଡିର ପାର୍ଥୀ ଚୟନ ରଣନୀତି ସହ ଯୋଡ଼ି ହୋଇଛି ଏସଆଇ ପରୀକ୍ଷା ସ୍କାମ। ବର୍ତ୍ତମାନର ରାଜ୍ୟ ସରକାର ଏସଆଇ ସ୍କାମର ସିବିଆଇ ତଦନ୍ତ ପାଇଁ ସୁପାରିସ କରିବା ଏକ ସୁଚିନ୍ତିତ ରଣନୀତି ବୋଲି କୁହାଯାଉଛି। ଗତ କିଛି ମାସ ମଧ୍ୟରେ କିଛି ବରିଷ୍ଠ ପ୍ରଶାସକଙ୍କୁ ସଚିବାଳୟ ବାହାରେ ପୋଷ୍ଟିଂ ଦିଆଯିବା ମଧ୍ୟ ସେଇ ରଣନୀତିର ଅଂଶବିଶେଷ । ବିଜେଡି ସରକାର ଅମଳରୁ ଆରମ୍ଭ ହୋଇଥିବା ଏହି ସ୍କାମ ଏବେ ଦଳର ଭବିଷ୍ୟତ ନିର୍ଣ୍ଣୟରେ ଏହା ଆଉ କାରକ ହେବ।"

ଭୁବନେଶ୍ୱର, ୧୦।୧ (ସଂଚାର ବ୍ୟୁରୋ): ଆସନ୍ତା ଏପ୍ରିଲରେ ହେବାକୁ ଥିବା ରାଜ୍ୟସଭା ନିର୍ବାଚନ ସ୍ପଷ୍ଟ କରିବ ଦଳର ଭବିଷ୍ୟତ। ଦଳ ଆଗକୁ ଏକାକି ନିର୍ବାଚନ ଲଢିବ ନା ବିଜେପି ସହ ମେଣ୍ଟ କରିବ ତାହା ରାଜ୍ୟସଭା ନିର୍ବାଚନରୁ ସଙ୍କେତ ମିଳିବ। ଏଥିସହିତ ନବୀନ ପଟ୍ଟନାୟକ କାହାକୁ ପ୍ରାର୍ଥୀ କରିବେ ତାହା ମଧ୍ୟ ଦଳର ନେତାଙ୍କୁ ପ୍ରଭାବିତ କରିବାକୁ ଯାଉଛି।

ରାଜ୍ୟସଭା ନିର୍ବାଚନ ପାଇଁ ବିଜେପିର ପ୍ରାର୍ଥୀ ଚୟନ ଯେତିକି ଚର୍ଚ୍ଚିତ ନୁହେଁ, ତା'ଠାରୁ ଅଧିକ ରାଜନୈତିକ ଆଲୋଚନାର ଖୋରାକ ଯୋଗାଉଛି ବିଜେଡିର ପ୍ରାଥିତ୍ୱକୁ ନେଇ। ଖାଲି ହେଉଥିବା ୪ଟି ଆସନ ମଧ୍ୟରୁ ବିଜେପି ନିଜ ସଂଖ୍ୟା ଅନୁସାରେ ଦୁଇଟି ଆସନ ସହଜରେ ଦଖଲ କରିବ। ଏହି ଦୁଇଟି ଆସନ ପାଇଁ ମଧ୍ୟ ବିଜେପିରେ ଦାବିଦାରଙ୍କ ସଂଖ୍ୟା କମ ନୁହେଁ। ଖୋଦ ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ରାଜ୍ୟ ପୃଷ୍ଠା-୬

SIKSHA 'O' ANUSANDHAN
DEEMED TO BE UNIVERSITY

SAAT-2

ପି.ଏମ୍ ଶ୍ରୀ ଅହମ୍ମଦ ବକ୍ସ ସରକାରୀ ଉଚ୍ଚବିଦ୍ୟାଳୟରେ ବାର୍ଷିକ ଉତ୍ସବ

ନିଶ୍ଚିନ୍ତକୋଇଲି, ୧୦।୧ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନ ନିଶ୍ଚିନ୍ତକୋଇଲି ପି.ଏମ୍ ଶ୍ରୀ ଅହମ୍ମଦ ବକ୍ସ ସରକାରୀ ଉଚ୍ଚବିଦ୍ୟାଳୟର ପିଏମ ଶ୍ରୀ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କାଦମ୍ବିନୀ ମଲିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଯୋଗଦାନ କରିଥିଲେ। ବିଧାୟକ ଶ୍ରୀ ପ୍ରଧାନଙ୍କୁ ନିଶ୍ଚିନ୍ତକୋଇଲି ବଜାରରୁ ବିଦ୍ୟାଳୟ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରାରେ ଶତାଧିକ ଜନସାଧାରଣ ସଭାସ୍ଥଳକୁ ପାଛୋଟି ନେଇଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନ ଏହି ଉତ୍ସବରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସବୁବେଳେ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେଇଆସୁଛନ୍ତି, ଏହି ପିଏମଶ୍ରୀ ଯୋଜନା ମାଧ୍ୟମରେ ଛାତ୍ର ଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଡିଜିଟାଲ ଲାଇବ୍ରେରୀର ବ୍ୟବସ୍ଥା, ଉଚ୍ଚକୋଟୀର ଲାବ୍ରୋଟୋରୀ ଏବଂ ମୁଖ୍ୟତଃ ଆମର ମାତୃଭାଷାକୁ ଗୁରୁତ୍ୱ ଦିଆଯାଇ ଓଡ଼ିଆ ଭାଷାରେ

ଶିକ୍ଷାଦାନ, ପରୀକ୍ଷା, ଚାକିରୀ ଆଦି କ୍ଷେତ୍ରରେ ନିଜର ମାତୃଭାଷାକୁ ମୁଖ୍ୟତଃ ଗୁରୁତ୍ୱ ଦିଆଯାଇଛି ବୋଲି ପ୍ରକାଶ କରିବା ସହିତ ଶିକ୍ଷାର ବିକାଶ ନିମନ୍ତେ ବର୍ତ୍ତମାନର କେନ୍ଦ୍ର ଓ ରାଜ୍ୟ ସରକାର ଯେଉଁ ଯୋଜନାମାନ ପ୍ରଣୟନ କରିଛନ୍ତି ତାହାକୁ ବାଖ୍ୟା କରିବା ସହିତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଓ ଅନ୍ୟସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟକୁ ନିଜ ଘର ଭାବି ଛାତ୍ର ଛାତ୍ରୀମାନଙ୍କୁ ନିଜ ପିଲା ଭଳି ସ୍ନେହ ଆଦର ପୂର୍ବକ ସମ୍ପୂର୍ଣ୍ଣ ଯତ୍ନ ସହକାରେ ଶିକ୍ଷା ପ୍ରଦାନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ପକ୍ଷରୁ ପ୍ରଦର୍ଶିତ କରାଯାଇଥିବା ବିଭିନ୍ନ ଆକାଂକ୍ଷୀ ଛାତ୍ର ପରିଷଦ ଓ ଦୋକାନକୁ ଉଦ୍‌ଘାଟନ କରିଥିଲେ।

ବନ୍ଦେ ମାତରଂ ପାଇଁ ଦିନିକିଆ ପ୍ରଶିକ୍ଷଣ

ମହାକାଳପଡ଼ା, ୧୦।୧ (ସଂଚାର ବ୍ୟୁରୋ): ସମସ୍ତ ବିଦ୍ୟାଳୟ ତଥା ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ "ବନ୍ଦେ ମାତରମ"ର ସାଂସ୍କୃତିକ, ଐତିହାସିକ ଏବଂ ଭାବନାତ୍ମକ ସାରାଂଶ ସହିତ ପୁନଃ ସଂଯୋଗ କରିବା ଏବଂ ସମଗ୍ର ଓଡିଶାରେ ଏହାର ମର୍ଯ୍ୟାଦାପୂର୍ଣ୍ଣ ଏବଂ ସଠିକ ଉପସ୍ଥାପନା ସୁନିଶ୍ଚିତ କରାଇବା ପାଇଁ ସରକାରୀ ସ୍ତରରେ ନିଷ୍ପତି ଗ୍ରହଣ କରାଯାଇଛି। ଏହି ପ୍ରସଙ୍ଗରେ ମହାକାଳପଡା ବ୍ଲକ ଅଧିନସ୍ଥ ସମସ୍ତ ବିଦ୍ୟାଳୟ ତଥା ମହାବିଦ୍ୟାଳୟରୁ ଆସିଥିବା ଶିକ୍ଷକ, ଶିକ୍ଷୟତ୍ରୀ, ଅଧ୍ୟାପକ, ଅଧ୍ୟାପିକାଙ୍କୁ ଦିନିକିଆ ପ୍ରଶିକ୍ଷଣ ଶିବିର ମହାକାଳପଡା ବ୍ଲକ ପରିସରରେ

ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣ ଶିବିରରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ତଥା "ଜାତୀୟ ଯୁବ ଦିବସ" ଅବସରରେ ମହାକାଳପଡା ବ୍ଲକର ସମସ୍ତ ଶିକ୍ଷା ଅନୁଷ୍ଠାନ ମାନଙ୍କରେ ଛାତ୍ରଛାତ୍ରୀ ମାନେ ଏକତ୍ରିତ ହୋଇ କିପରି "ବନ୍ଦେ ମାତରମ"ର ସାମୂହିକ ଗାନ କରିବେ ତଥା ଆତ୍ମନିର୍ଭର ଭାରତ ଉପରେ "ସ୍ୱଦେଶୀ ସଂକଳ୍ପ ପାଠ" କରିବେ, ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଅଲୋଚନା କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶାତ୍ମବୋଧ ଜାତ କରିବା ନିମନ୍ତେ, ଏହି ଦିବସ ଅବସରରେ ସମସ୍ତ ଶିକ୍ଷାନୁଷ୍ଠାନ ମାନଙ୍କରେ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ପ୍ରତିଯୋଗିତା ଗୁଡିକର ବିଷୟବସ୍ତୁ ଦେଶାତ୍ମକ ବୋଧକ/ଆତ୍ମନିର୍ଭର ଭାରତ ଉପରେ ପର୍ଯ୍ୟବସିତ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରାଯାଇଥିଲା।

ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥିଭାବେ ମଣ୍ଡଳ ଉନ୍ନୟନ ଅଧିକାରୀ ତଥା ତହସିଲଦାର, ମହାକାଳପଡା ଶ୍ରୀଯୁକ୍ତ ରବିନାରାୟଣ ଆଚାର୍ଯ୍ୟ, ପ୍ରଶିକ୍ଷକ ଶ୍ରୀକାନ୍ତ କୁମାର ନନ୍ଦ, ଜନ୍ମେଜୟ ପ୍ରଧାନ, ଅଂଶୁମାନ ରାଉତରାୟ ଏବଂ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶେଷରେ ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ଦିପକ ରଞ୍ଜନ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

କେନ୍ଦ୍ରାପଡ଼ାର ଝିଅ ସ୍ମୃତିଶ୍ରୀଙ୍କୁ ଓଡ଼ିଶା ଗୌରବ ସମ୍ମାନ

କେନ୍ଦ୍ରାପଡ଼ା,୧୦।୧(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ନିଆଳ ଗ୍ରାମର ବିରି ନାରାୟଣ ମହାନ୍ତିଙ୍କ ଏକମାତ୍ର କନ୍ୟା ଯୁକ୍ତ-୩ ପ୍ରାଣୀବିଜ୍ଞାନ ସମ୍ମାନ ଶ୍ରେଣୀରେ ଅଧ୍ୟୟନରତ ସ୍ମୃତିଶ୍ରୀ ମହାନ୍ତି ଜଣେ ମେଧାବୀ ଛାତ୍ରୀ ଅଟନ୍ତି। ଏଥିସହିତ ସେ ଜଣେ ଜାତୀୟ କଳାକାର ଓ ସମାଜସେବୀ ଭାବରେ ବିଭିନ୍ନ ଜନହିତକର କାର୍ଯ୍ୟରେ ନିଜକୁ ସାମିଲ କରିଛନ୍ତି। ୱାଲଡ ଚାରିଟି ଓ୍ୱେଲଫେୟାର ଫାଉଣ୍ଡେସନ ପକ୍ଷରୁ ସ୍ମୃତିଶ୍ରୀଙ୍କୁ ବ୍ରହ୍ମପୁରସ୍ଥିତ ଗଞ୍ଜାମ କଳାପରିଷଦ ସମ୍ମିଳନୀ କକ୍ଷରେ ଓଡିଶା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ସ୍ମୃତିଶ୍ରୀଙ୍କୁ ମାନପତ୍ର, ମୋମେଣ୍ଟ ଓ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି। ଏଭଳି ସମ୍ମାନ ପାଇବା ପରେ ତାଙ୍କୁ ବିଭିନ୍ନ କ୍ଷେତ୍ରରୁ ଶୁଭେଚ୍ଛାର ସୁଅ ଛୁଟିଛି ।

୧୧କେଭି ବିଦ୍ୟୁତ ତାରରୁ ନିଆଁଟୁଲ ଖସି ଜଳିଗଲା ଧାନ ଓ ପାଳଗଦା

ରାଜନଗର, ୧୦।୧ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ଭିତରଗଡ ପଚାଂୟତ ଶି ଳ ଟ ପା । ଖ ର ୀ ଗାଁ ନିକଟରେ ୧୧କେଭି ବିଦ୍ୟୁତ ତାରରୁ ନିଆଁଟୁଲ ଖସି ଧାନଗଦା ସହ ପାଳଗଦା ପୋଡି ପାଉଁଶ ହୋଇଯାଇଛି । ଟ୍ରାକ୍ଟରରେ ପାଳଲଦି ଘର ନିକଟ ଜମିରେ ପାଳ କାଢୁଥିବା ବେଳେ ଓହଲିଥିବା ୧୧କେଭି ବିଦ୍ୟୁତ ତାରରେ ବାଜିଥିଲା । ସେଥିରୁ ନିଆଁଟୁଲ ଖସି ବିଜୟ ମଣ୍ଡଳଙ୍କର ପାଳଗଦା ସହ ଧାନଗଦା ପୋଡି ଯାଇଛି । ଖବରପାଇ ଅଗ୍ନିଶମ ବାହିନୀ ପହଂଚି ନିଆଁକୁ ଆୟତ କରିଥିଲେ ମଧ୍ୟ ବହୁ ପରିମାଣରେ କ୍ଷୟକ୍ଷତି ହୋଇଛି । ଅପରପକ୍ଷରେ ଟ୍ରାକ୍ଟର ଡ୍ରାଇଭର ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଦୀର୍ଘଦିନ ହେବ ବିଦ୍ୟୁତ ତାରଗୁଡିକ ଓହଳି ଗ୍ରାମାଂଚଳରେ ଧନଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଟାଟା କଂମ୍ପାନୀ ବିଦ୍ୟୁତ ବଣ୍ଟନ ଦାୟିତ୍ୱ ନେବା ପରେ ବହୁ ପୁରୁଣା ବିଦ୍ୟୁତ ତାର ଓ ଖୁଟଂ ନବଦଳାଇ କେବଳ ଗ୍ରାହକଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି ।

ଚାନ୍ଦୋଳ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ବୁଲି ଦେଖିଲେ ଜିଲ୍ଲାପାଳ

ଡେରାବିଶ, ୧୦।୧ (ସଂଚାର ବ୍ୟୁରୋ): ଜିଲ୍ଲାପାଳ ରଘୁରାମ ଆର ଆୟାର ଆଜି ଚାନ୍ଦୋଳ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ଆବାସ ହିତାଧିକାରୀଙ୍କ ଗୃହ ନିର୍ମାଣର ସ୍ଥିତି ସମ୍ପର୍କରେ ବୁଲି ଦେଖିଛନ୍ତି। ଜିଲ୍ଲାପାଳ ଶ୍ରୀ ଆୟାର ଖରିଦାସାହିର ଅନ୍ତୋଦୟ ହିତାଧିକାରୀ ସଞ୍ଜୟ ଜେନା ଓ ଉମା ମଲିକଙ୍କ ଗୃହ ନିର୍ମାଣର ଅଗ୍ରଗତି ସମ୍ପର୍କରେ ଦେଖିବା ସହ ଆଲୋଚନା କରିଥିଲେ। ପରେ ବିଧାୟକଙ୍କ ପାଣ୍ଠିରେ ନିର୍ମିତ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଚାନ୍ଦୋଳ ବସ୍‌ଷ୍ଟାଣ୍ଡରେ ନିର୍ମିତ ହେଉଥିବା ଶୌଚାଳୟ ବୁଲି ଦେଖିଥିଲେ। ସରପଞ୍ଚ ସୁରେନ୍ଦ୍ର ମଲିକଙ୍କ ଅନୁରୋଧ କ୍ରମରେ ଚାନ୍ଦୋଳ ହାଟର ସ୍ଥିତି ପରଖିଥିଲେ। ହାଟରେ ଏକ ଶୌଚାଳୟ ନିର୍ମାଣ କରାଇବା ପାଇଁ ସରପଞ୍ଚ ଅନୁରୋଧ କରିଥିଲେ। ଜିଲ୍ଲାପାଳଙ୍କ

ସହିତ ପଞ୍ଚାୟତ ବହୁ ଉର୍ନତି ମୂଳକ କାମ ପାଇଁ ଆଲୋଚନା କରିଥିଲେ। ଡେରାବିଶ ବିଡିଓ ନମିତା ବାରିକ, କନିଷ୍ଠ ଯନ୍ତ୍ରୀ ହିମାଂଶୁ ପତି, ଦେବେଶ ବେହେରା, ପଞ୍ଚାୟତ ପିଇଓ ପ୍ରଣବ ଦାଶ, ଏଡିଇଓ କ୍ଷଣପ୍ରଭା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ମନରେଗା ବାଦ୍ ସଂଗ୍ରାମକୁ ନେଇ ଜିଲ୍ଲା କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

କେନ୍ଦ୍ରାପଡ଼ା, ୧୦।୧ (ସଂଚାର ବ୍ୟୁରୋ): କଜଳାସ୍ଥିତ ଜିଲ୍ଲା କଂଗ୍ରେସ ଭବନରେ ଜିଲ୍ଲା ସଭାପତି ଡାକ୍ତର ଦେବସ୍ମିତା ଶର୍ମାଙ୍କ ଅଧ୍ୟକ୍ଷତାରେ ମନରେଗା ବାଦ୍ ଦେବା ସଂଗ୍ରାମକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର ପର୍ଯ୍ୟବେକ୍ଷକ ତଥା ମୁଖପାତ୍ର ଆଇନଜୀବୀ ଲଲାଟେନ୍ଦୁ ଦାସ ଯୋଗଦେଇ କହିଲେ କାମର ଅଧିକାର ସୁରକ୍ଷା ପାଇଁ କଂଗ୍ରେସ ପକ୍ଷରୁ ଦେଶବ୍ୟାପି ଏମଜିଏନଆରଇଜିଏସ ବଞ୍ଚାଅ ସଂଗ୍ରାମ ଆରମ୍ଭ ହୋଇଛି ।

ଗତ ୨୦୦୫ ମସିହାରେ ୟୁପିଏ ସରକାର ଦ୍ୱାରା ପ୍ରଣୀତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର ଆଇନ ଏକ ଅଧିକାର ଆଧାରିତ ଆଇନ। ଏହି କାର୍ଯ୍ୟକ୍ରମରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଯିବା ଦ୍ୱାରା ଶ୍ରମର ମର୍ଯ୍ୟାଦା ପ୍ରତି ଅପମାନ ହୋଇଛି। ଗ୍ରାମୀଣ ଜୀବିକା ଉପରେ ଏହି ଆକ୍ରମଣର ଗମ୍ଭୀରତାକୁ ଧ୍ୟାନରେ ରଖି କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ସର୍ବସମ୍ମତି କ୍ରମେ 'ଏମଜିଏନଆରଇଜିଏ ବଞ୍ଚାଅ ସଂଗ୍ରାମ' ନାମକ କଂଗ୍ରେସ ଦେଶବ୍ୟାପୀ ଜନଆନ୍ଦୋଳନ ଆରମ୍ଭ କରିବାକୁ ସଂକଳ୍ପ ଗ୍ରହଣ କରିଛି । ଏମଜିଏନଆରଇଜିଏ ସଂଗ୍ରାମ ଆସନ୍ତା ୨୫ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ। ଏହାର ପ୍ରତୀକାତ୍ମକ ପ୍ରତିବାଦ ସ୍ୱରୂପ ଜିଲ୍ଲା ମୁଖ୍ୟାଳୟ କିମ୍ବା ପ୍ରମୁଖ ସାର୍ବଜନୀନ ସ୍ଥାନରେ ଏକ ଦିନିକିଆ ଉପବାସ ପାଳନ କରାଯିବ। ଜନସାଧାରଣଙ୍କୁ ଏସମ୍ପର୍କରେ ଅବଗତ କରାଇବା ହେଉଛି ଆମର ଲକ୍ଷ୍ୟ ବୋଲି ସେ କହିଥିଲେ । ଏଥିସହିତ ଟିପିସିଓଡିଏଲ ପକ୍ଷରୁ ଉପଭୋକ୍ତାମାନଙ୍କୁ ଜୋର କରି ସ୍ମାର୍ଟ ମିଟର ଲଗାଇବାକୁ ମଧ୍ୟ କଂଗ୍ରେସ ପ୍ରତିବାଦ କରୁଛି ବୋଲି ସେ କହିଥିଲେ ।

ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ନିରୂପମା ପାତ୍ର, ଡ. ରତିକାନ୍ତ କାନୁନଗୋ, ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ମହମ୍ମଦ ଆକବର ଅଲ୍ଲୀ, ସସ୍ମିତା ପଣ୍ଡା, ବିଧୁଭୂଷଣ ମହାପାତ୍ର, ବିଧାନ ଚନ୍ଦ୍ର ସାମଲ, ରବିନାରାୟଣ ବେହେରା, ହିମାଂଶୁ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

ଜଳୁଛି ବିଦ୍ୟୁତ ଟ୍ରାନ୍ସଫର୍ମର, ନିଦାବିଷ୍ଟ ସାଜିଛି ବିଭାଗ

ରାଜନଗର, ୧୦।୧ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ଇଶ୍ୱରପୁର ପଚାଂୟତ ନୂଆଖୁଟାଂ-ଶିପୋଖରୀ ଗାଁ ନିକଟରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଦୀର୍ଘ ସମୟ ଧରି ଜଳୁଥିବା ଦେଖିବାକୁ ମିଳିଛି । ବିଦ୍ୟୁତ ଟ୍ରାନ୍ସଫର୍ମର ଦୀର୍ଘ ସମୟ ଜଳିବା ପରେ ସ୍ଥାନୀୟ ଅଂଚଳରେ ବିଦ୍ୟୁତ ସରବରାହ ବ୍ୟାହତ ହୋଇଛି। ଲୋକମାନେ ଅତଙ୍କିତ ହୋଇପଡିଛନ୍ତି। ଦୁଇଘଟାଂରୁ ଉର୍ଦ୍ଧ୍ୱ ସମୟ ଧରି ଜଳୁଥିବା ବେଳେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଦେଖା ନମିଳିବା ଯୋଗୁଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏସଂପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ସତ୍ୟପ୍ରସାଦ ସାହୁଙ୍କୁ ପଚାରିବାରୁ ଅନୁଧାନ କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି । ସବୁଠାରୁ ବଡକଥା ହେଉଛି, ବିଦ୍ୟୁତ ଟ୍ରାନ୍ସଫର୍ମର ଦୀର୍ଘ ସମୟ ଧରି ଜଳିବା ଘଟଣା ସ୍ଥାନୀୟ ଅଂଚଳରେ ଆତଙ୍କ ସୃଷ୍ଟି କରିଥିବା ବେଳେ ବିଭାଗୀୟ ଅଧିକାରୀ ନିଦାବିଷ୍ଟ ସାଜିବା ଘଟଣା ବିଭାଗର ପାରିବା ପଣିଆ ଉପରେ ପ୍ରଶ୍ନବାଚା ସୃଷ୍ଟି କରିଛି ।

ସ୍ୱର୍ଗତ ରାଜମାତା ସୁଶ୍ରୀଦେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ଆଳି,୧୦।୧ (ସଂଚାର ବ୍ୟୁରୋ): ଆଳି ପୂର୍ବତନ ବିଧାୟିକା ରାଜ୍ୟ ସଭା ସାଂସଦ ରାଜମାତା ସ୍ୱର୍ଗତ ସୁଶ୍ରୀ ଦେବୀଙ୍କ ଦ୍ୱିତୀୟ ବାର୍ଷିକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଗିରିବନ୍ଧ ଖୋଳ ପଡିଆରେ ସୁଶ୍ରୀଦେବୀ ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟିର ସଭାପତି ଶେଖର ଚନ୍ଦ୍ର ବାରିକଙ୍କ ସଂଯୋଜନାରେ ମଞ୍ଚ ପରିଚାଳନା କରିଥିବା ବେଳେ ମଞ୍ଚରେ ଥିଲେ ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ମୁଖ୍ୟ ବକ୍ତା ଆଳି ବିଧାୟକ ପ୍ରତାପ କେଶରୀ ଦେବ ସମ୍ମାନ୍ୱିତ ଅତିଥି ଜିଲ୍ଲାପରିଷଦ ଉପାଧକ୍ଷ ଭୀଷ୍ମ ମହାନ୍ତି ଆଳି ପଂଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ ରାଜକନିକା

ସମିତି ଅଧକ୍ଷ ମିନତୀ ରାଉତ ଯୋଗ ଦେଇ ସ୍ୱର୍ଗତ ଦେବୀଙ୍କ ସ୍ମୃତି ଚାରଣ କରିଥିଲେ।ପରେ ଆଳିର ସଫଳ ପ୍ରତିଭା ଭାବେ ନରେନ୍ଦ୍ରପୁର ପଂଚାୟତ ବାନ୍ଧସାହିର ଯୁବ ଶିଳ୍ପଦ୍ୟୋଗୀ ବିକାଶ ଶେଖର ନାୟକଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଅନ୍ୟ ପ୍ରତିଭା ଏବଂବିଭିନ୍ନ ବିଦ୍ୟାଳୟରେ କୃତୀ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ।ଆଳିର ସମସ୍ତ ପଂଚାୟତ ପ୍ରତିନିଧି ସମିତିସଭ୍ୟ ବୁଦ୍ଧିଜୀବୀ ଶିକ୍ଷାବିତ ସୁଶ୍ରୀଦେବୀଙ୍କ ଅନୁଶାସନ ରେ ଅନୁପ୍ରାଣିତ ସାଧାରଣ ଜନତା ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।ସ୍ମୃତି କମିଟି ର ସଂପାଦକ ପ୍ରାଧାପକ ଦୁର୍ଯ୍ୟୋଧନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

ଚାକିରି ଦେବାକୁ କହି ଅର୍ଥ ଠକେଇ ଓ ଆକ୍ରମଣ ମହଙ୍ଗା ପଡ଼ିଲା

ପୃଥକ୍ ପୃଥକ୍ ଅଭିଯୋଗରେ ଉଭୟ ପକ୍ଷ କୋର୍ଟ ଚାଲାଣ

ମହାକାଳପଡ଼ା,୧୦।୧(ସଂଚାର ବ୍ୟୁରୋ): ପୃଥକ୍ ପୃଥକ୍ ଅଭିଯୋଗରେ ମହାକାଳପଡ଼ା ପୁଲିସ ଉଭୟ ପକ୍ଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜଣେ ଯୁବକଙ୍କୁ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇ ଲକ୍ଷାଧିକ ଟଙ୍କା ଠକି ନିଆଯାଇଥିବା ମହାକାଳପଡ଼ା ଥାନାରେ ଅଭିଯୋଗ ହୋଇଛି। ଏହି ମାମଲାରେ ପୁଲିସ ବଳିପାଳ ପଞ୍ଚାୟତ ମୂଳବସନ୍ତ ଗ୍ରାମର ରବୀନ୍ଦ୍ର ସ୍ୱାଇଁଙ୍କୁ ଗିରଫ କରିଛି।

ଅନ୍ୟପଟେ, ଅଭିଯୁକ୍ତ ରବୀନ୍ଦ୍ରଙ୍କ ଠାରୁ ଟଙ୍କା ଫେରି ପାଇବା ଉଦ୍ଦେଶ୍ୟରେ ତାଙ୍କୁ ଉଠାଇ ନେଇ ଅଟକ ରଖାଯାଇଥିଲା ବୋଲି ତାଙ୍କ ପତ୍ନୀ କାଞ୍ଚନଙ୍କ ଏତଲାକ୍ରମେ ପୁଲିସ ବିଜୟନଗର ଗ୍ରାମର ଅଜୟ ତ୍ରିପାଠୀ (୬୦) ଓ ତାଙ୍କ ପୁଅ ମନୋରଞ୍ଜନ ତ୍ରିପାଠୀ (୩୪)ଙ୍କୁ ଗିରଫ କରିଛି।

ଜାଭିଅର ସ୍କୁଲର ୧୫ତମ ବାର୍ଷିକ ଉତ୍ସବ

କେନ୍ଦ୍ରାପଡା,୧୦।୧(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଗୋପ ଗ୍ରାମରେ ଥିବା ସେଣ୍ଟ ଜାଭିଅର ହାଇସ୍କୁଲର ୧୫ତମ ବାର୍ଷିକ ଉତ୍ସବ ମହା ସମାରୋହ ରେ ଉଦ୍‌ଘାଟିତ ହୋଇଯାଇଛି । କେନ୍ଦ୍ରାପଡା ର ଆଂଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିବା ବେଳେ କଟକ ସ୍ଥିତ ହିନ୍ଦୀ ଶିକ୍ଷକ ତାଲିମ କେନ୍ଦ୍ର ଅଧାପକ ଡ଼ଃ ପ୍ରାଚୀ ପଟ୍ଟନାୟକ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପରିଚାଳକ ଭବାନୀ ଶଙ୍କର ଚୌଧୁରୀ ଓ ଅବସର ପ୍ରାପ୍ତ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପିତବାସ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ପରାମର୍ଶ ଦେଇଥିଲେ । ସ୍କୁଲର ମୁଖ୍ୟ ଉପଦେଷ୍ଟା ଅଧାପିକା ପ୍ରତିଜ୍ଞା ସାମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧକ୍ଷ ଲଲିତ ନାରାୟଣ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ । ପରିଚାଳନା

ବଢୁଛି ଶୀତ ଓ କୁହୁଡ଼ି

କଟକ ଜିଲ୍ଲାରେ ହେବନି ସକାଳୁଆ ସ୍କୁଲ୍

କଟକ,୧୦।୧(ସଂଚାର ବ୍ୟୁରୋ): ସମ୍ପ୍ରତି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଶୀତ ଅନୁଭୂତ ହେଉଥିବାରୁ ପିଲାମାନଙ୍କୁ ଏଥିରୁ ତ୍ରାହି ଦେବା ସକାଶେ ଜିଲ୍ଲାପାଳ ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି। ଶୀତର ପ୍ରଭାବ ନ କମିବା ପର୍ଯ୍ୟନ୍ତ ଜିଲ୍ଲାର କୌଣସି ସ୍କୁଲ୍‌ରେ ଶନିବାର ସକାଳୁଆ କ୍ଲାସ୍ ହେବନାହିଁ। ପ୍ରବଳ ଥଣ୍ଡା ଓ ଘନ କୁହୁଡ଼ି ତଥା ସେସନ ଏଣ୍ଡ ପରୀକ୍ଷାକୁ ଦୃଷ୍ଟିରେ ରଖି ପ୍ରତି ଶନିବାର ସକାଳୁଆ ସ୍କୁଲ୍ ହେବା ପରିବର୍ତ୍ତେ ସପ୍ତାହର ଅନ୍ୟ ଦିନଗୁଡ଼ିକ ପରି ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ହେବ। କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପକ୍ଷରୁ ଜିଲ୍ଲାର ସମସ୍ତ ସ୍କୁଲ୍‌କୁ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ଦିଆଯାଇଛି। ଏଥିସହ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ନିଷ୍ପତ୍ତି ବଳବତ୍ତର ରହିବ ବୋଲି ଉକ୍ତ ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି।

ସମ୍ବଲପୁରରେ ମା' ସମଲେଶ୍ୱରୀଙ୍କ ଦର୍ଶନ ଲାଭ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସାଥୀରେ ଅଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟମାନେ।

ମେଗା 'ଶିଶିର ସରସ-୨୦୨୬' ଉଦ୍‌ଘାଟିତ

ଗ୍ରାମୀଣ କଳା ଓ ସ୍ୱଦେଶୀ ଉତ୍ପାଦର ମହାଉତ୍ସବ

ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ): ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ଓରମାସ ପକ୍ଷରୁ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଆଜି ଆରମ୍ଭ ହୋଇଛି ମେଗା 'ଶିଶିର ସରସ-୨୦୨୬'। ସନ୍ଧ୍ୟାରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ମେଳାକୁ ଉଦ୍ଘାଟନ କରିଛନ୍ତି। ଶିଶିର ସରସ ମେଳା ସ୍ୱାବଲମ୍ବନ ଓ ଆତ୍ମନିର୍ଭରଶୀଳତାର ଏକ ଅନନ୍ୟ ମଞ୍ଚ। 'ବିକଶିତ ଓଡ଼ିଶା ବିକଶିତ ଭାରତ' ଓ 'ଆତ୍ମନିର୍ଭର ଭାରତ' ଦିଗରେ ଏହା ଗ୍ରାମୀଣ ଆତ୍ମଶକ୍ତିର ପ୍ରାଣବନ୍ତ ପ୍ରତିଛବି। ସ୍ଥାନୀୟ ଉତ୍ପାଦ କ୍ରୟ କରି 'ଭୋକାଲ୍ ଫର୍ ଲୋକାଲ୍'କୁ ସାକାର କରିବାକୁ ମନ୍ତ୍ରୀ ଶ୍ରୀ ମଲ୍ଲିକ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ବିଏମସି ମେୟର ସୁଲୋଚନା ଦାସ, ଐତିହ୍ୟ ପୁନରୁତ୍ଥାନରେ ଓରମାସର ଭୂମିକାକୁ ପ୍ରଶଂସା କରିଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା ମେଳାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଗ୍ରାମୀଣ ଅର୍ଥନୀତି ସୁଦୃଢ଼ିକରଣରେ ଏହାର ଭୂମିକାକୁ ପ୍ରଶଂସା କରିଥିଲେ। ଓରମାସ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମୋନିକା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓରମାସ ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ସିଂହ ଧନ୍ୟବାଦ ଦେଇଥିଲେ।

ଜଳିଲା ଆମ ବସ୍, ବର୍ତ୍ତିଗଲେ ଯାତ୍ରୀ

ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ): ପୁଣିଥରେ ଚର୍ଚ୍ଚାକୁ ଆସିଛି 'ଆମ ବସ'। ବିଭିନ୍ନ ସ୍ଥାନରେ ଡ୍ରାଇଭର୍‌ମାନଙ୍କ ବେପରୁଆ ମନୋଭାବ ଯୋଗୁଁ ଆମ ବସ୍ ସେବା ଯାତ୍ରୀଙ୍କ ଭରସା ହରାଉଥିବା ବେଳେ ଆଜି ଏକ ଆମ ବସ୍ ଜଳିଯାଇଛି। ସ୍ଥାନୀୟ କଳିଙ୍ଗ ଷ୍ଟୁଡିଓ ଛକରେ ଅଚାନକ ଉକ୍ତ ବସ୍‌ଟିରେ ନିଆଁ ଲାଗିଯାଇଥିବା ଦେଖିବାକୁ ମିଳିଥିଲା। ଷ୍ଟପେରେ ଉକ୍ତ ବସ୍‌ଟି ଛିଡ଼ା ହୋଇଥିବା ସମୟରେ ଅଚାନକ ସେଥିରୁ ଧୂଆଁ ବାହାରିବା ଯୋଗୁଁ ଯାତ୍ରୀମାନେ ଭୟଭୀତ ହୋଇ ଓହ୍ଲାଇପଡ଼ିଥିଲେ। ଏହାର କିଛି ସମୟ ପରେ ଉକ୍ତ ବସ୍‌ଟି ପୂରା ଜଳିଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ଭରତପୁର ଥାନା ପୁଲିସ ଏବଂ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶର୍ଟସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ପୁଲିସ୍ ତା'ର ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମିଳିଥିବା ସୂଚନାନୁସାରେ, ସକାଳ ପ୍ରାୟ ସାଢ଼େ ୬ଟା ସମୟରେ ପ୍ରଥମେ ବସ୍‌ର ବ୍ୟାଟେରୀରୁ ଧୂଆଁ ବାହାରିଥିଲା। ଡ୍ରାଇଭର ଜଣକ ଅଗ୍ନି ନିର୍ବାପକ ଯନ୍ତ୍ର ସହାୟତାରେ ଏହାକୁ ଲିଭାଇବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ସେ ତାଙ୍କ ଉଦ୍ୟମରେ ବିଫଳ ହୋଇଥିଲେ। ସେତେବେଳେ ବସ୍‌ରେ ମାତ୍ର ୫ ଜଣ ଯାତ୍ରୀ ଥିବା ବେଳେ ସେମାନେ ତୁରନ୍ତ ତଳକୁ ଓହ୍ଲାଇଯାଇଥିଲେ। ଫଳତଃ ଏଥିରେ କାହାର କିଛି କ୍ଷତି ହୋଇନାହିଁ।

ବିଜେପି ପାଳିଲା 'ସୋମନାଥ ସ୍ୱାଭିମାନ ପର୍ବ'

ଭାରତୀୟ ସଭ୍ୟତାର ଅଦମ୍ୟ ସାହସକୁ ପ୍ରଦର୍ଶନ କରୁଛି ପର୍ବ

ଲିଙ୍ଗରାଜଙ୍କ ପାଖରେ ୧ ହଜାର ଦୀପଦାନ

ଭୁବନେଶ୍ୱର, ୧୦।୧ (ସଂଚାର ବ୍ୟୁରୋ): ଭାରତର ଆସ୍ଥା, ବିଶ୍ୱାସ ଓ ସଭ୍ୟତାର ପ୍ରତୀକ ଭାବେ ପରିଚିତ ଗୁଜରାଟର ସୋମନାଥ ମନ୍ଦିର। ଏହି ମନ୍ଦିର ଉପରେ ଜାନୁଆରୀ ୧୦୨୬ ମସିହାରେ ଗଜନୀର ସୁଲତାନ ମହମ୍ମୁଦ ପ୍ରଥମ ଆକ୍ରମଣ କରିଥିଲେ। ଭାରତର ଧର୍ମ ସଂସ୍କୃତି ଓ ପରମ୍ପରାକୁ ନଷ୍ଟ କରିବା ପାଇଁ ଅପଚେଷ୍ଟା କରି ମନ୍ଦିରକୁ ଧ୍ୱଂସ କରିଦେଇଥିଲେ। ଜାନୁଆରୀ ୮, ୯ ଏବଂ ୧୦ ତିନି ଦିନ ଧରି ଏହି ଆକ୍ରମଣ ଚାଲିଥିଲା। ଏହି ଘଟଣାକୁ ୧୦୦୦ ବର୍ଷ ପୂରଣ ହୋଇଛି। ଉକ୍ତ ହୃଦୟ ବିଦାରକ ଘଟଣାକୁ ମନେପକାଇବା ସହିତ ସୋମନାଥ ମନ୍ଦିର ଏହି ୧୦୦୦ ବର୍ଷର ସହନଶୀଳତା, ପୁନରୁଦ୍ଧାର ଏବଂ ନିରନ୍ତରତାକୁ ପ୍ରଦର୍ଶନ କରୁଛି। ପ୍ରଧାନମନ୍ତ୍ରୀ ଆଜି ସୋମନାଥ ପୀଠରୁ ଏହି ପର୍ବର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମନାଥ ମନ୍ଦିର ଅଖଣ୍ଡତାକୁ ନମନ କରି ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ଚଳିତ ବର୍ଷକୁ ସୋମନାଥ ସ୍ୱାଭିମାନ ପର୍ବ ରୂପେ ପାଳନ କରାଯାଉଛି। ଏହି ପର୍ବ ଭାରତୀୟ ସଭ୍ୟତାର ଅଦମ୍ୟ ସାହସ ଓ ନିରନ୍ତରତାକୁ ପ୍ରଦର୍ଶନ କରୁଛି। ପ୍ରଧାନମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ଓଡ଼ିଶାର ସମସ୍ତ ଶୈବପୀଠରେ 'ସୋମନାଥ ସ୍ୱାଭିମାନ ପର୍ବ' ପାଳନ କରାଯାଉଛି। ଆଜି ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ପାଖରେ ୧୦୦୦ ଦୀପ ପ୍ରଜ୍ଜ୍ୱଳନ କରାଯାଇ ପୂଜାର୍ଚ୍ଚନା କରାଯାଇଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ସେ କହିଛନ୍ତି ଯେ ହଜାରେ ବର୍ଷ ଧରି ବହୁ ଉତ୍‌ଥାନ-ପତନ ସତ୍ତ୍ୱେ ମଧ୍ୟ ଆଜି ଏହି ମନ୍ଦିର ନିଜର ଗୌରବ ମହିମା ମଣ୍ଡିତ କରି ଛିଡ଼ା ହୋଇରହିଛି। ଭାରତର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐତିହ୍ୟକୁ ସଂରକ୍ଷିତ ଓ ସମୃଦ୍ଧ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତିବଦ୍ଧତାକୁ ସ୍ପଷ୍ଟ ଦର୍ଶାଉଛି। ସୋମନାଥ ମନ୍ଦିରର ଅଖଣ୍ଡତା ପାଇଁ ସଭିଏଁ ପ୍ରାର୍ଥନା କରିବା ସହ ସଂକଳ୍ପ ନେବାକୁ ଶ୍ରୀ ସାମଲ ଆହ୍ୱାନ ଦେଇଥିଲେ।

ଭୁବନେଶ୍ୱର ଡିଜିଟାଲ୍ ମିଡିଆ ସଂଘ ଗଠିତ

ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ): ଭୁବନେଶ୍ୱରରେ ବଢ଼ା ବଢ଼ା ସାମ୍ବାଦିକଙ୍କୁ ନେଇ ଗତକାଲି ଭୁବନେଶ୍ୱର ଡିଜିଟାଲ ମିଡିଆ ସଂଘ ଗଠିତ ହୋଇଛି। ଆଡଭୋକେଟ ଜୀବନଜ୍ୟୋତି ଗଡ଼ନାୟକ ଙ୍କ ଅଧକ୍ଷତାରେ ସଂଘ ଗଠିତ ହୋଇଥିବା ବେଳେ ୫୨ ଜଣ ସଦସ୍ୟଙ୍କ ଭୋଟ୍‌କୁ ଆଧାର କରି ୫ଟି ପଦବୀ ପାଇଁ ନିର୍ବାଚନ ହୋଇଥିଲା। ଏଥିରେ ସଭାପତି ଭାବେ ବିକାଶ ବେହେରା, ଉପସଭାପତି ଭାବେ ଅନୀଲ ପରିଡ଼ା ଓ ନୃସିଂହ ସାହୁ, କାର୍ଯ୍ୟକାରୀ ଅଧକ୍ଷ ଭାବେ ବିରଞ୍ଚି ସାହୁ, ସମ୍ପାଦକ ଭାବେ ମନୋଜ ସାହୁ, ଯୁଗ୍ମ ସଚିବ ଭାବେ ଜ୍ୟୋତିକଲ୍ୟାଣ ପଟ୍ଟନାୟକ ଏବଂ କୋଷାଧକ୍ଷ ଭାବେ ଦେବତୋଷ ନାୟକ ନିର୍ବାଚିତ ହୋଇଛନ୍ତି। ଆଇନଜୀବୀ ଶ୍ରୀ ଗଡ଼ନାୟକ ନିର୍ବାଚନ ପରିଚାଳନା କରିଥିଲେ। ଏହି ଅବସରରେ ସମସ୍ତ ସଦସ୍ୟ ମିଳିମିଶି କାମ କରି ଆଗାମୀ ଦିନରେ ସଂଘକୁ ଆଗେଇନେବାକୁ ଶପଥ ନେଇଥିଲେ।

ଯାତ୍ରା ମଞ୍ଚରୁ ଓହରିଲେ ପୀୟୂଷ

- କୋର୍ଟ ନୋଟିସ୍ ପାଇବା ପରେ ନେଲେ ନିଷ୍ପତ୍ତି
- ୧୨ରେ କୋର୍ଟରେ ହାଜର ହେବେ

ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ): ଯାତ୍ରା ମଞ୍ଚରୁ ଓହରିଯାଇଛନ୍ତି ଜଣାଶୁଣା ଯାତ୍ରା କଳାକାର ପୀୟୂଷ ତ୍ରିପାଠୀ। ଆଜି ସେ କୋର୍ଟ ନୋଟିସ୍ ପାଇବା ପରେ ଏପରି ନିଷ୍ପତ୍ତି ନେଇଛନ୍ତି। ଏଥିସହ ଏହି ମାମଲାରେ ସେ ଆସନ୍ତା ୧୨ ତାରିଖରେ କୋର୍ଟରେ ହାଜର ହେବା ସକାଶେ ନିର୍ଦ୍ଦେଶ ପାଇଛନ୍ତି। ଏନେଇ ପୀୟୂଷ ଆଜି ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ସେ ନିଶ୍ଚିତ ଭାବେ କୋର୍ଟରେ ହାଜର ହେବେ। କାରଣ ନ୍ୟାୟପାଳିକା ଉପରେ ତାଙ୍କର ଭରସା ରହିଛି। ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ସେତେ ସଙ୍ଗିନ ନୁହେଁ, ଯାହା ହେବ ନିଶ୍ଚିତ ଭାବେ ଭଲ ହେବ। ଯେପର୍ଯ୍ୟନ୍ତ ମଞ୍ଚ ନ ଚଢ଼ିବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି, ସେପର୍ଯ୍ୟନ୍ତ ଯାତ୍ରାରେ ଅଭିନୟ କରିବେନି। କୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବେ ବୋଲି ପୀୟୂଷ କହିଛନ୍ତି।

ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ଅଭିଯୋଗ

ତଦନ୍ତ ପରେ ୩ ଅଭିଯୁକ୍ତ ଗିରଫ

ରାଇକିଆ,୧୦।୧(ସଂଚାର ବ୍ୟୁରୋ): କନ୍ଧମାଳ ଟିକାବାଲି ଥାନା ବୃନାପଡ଼ା ଜଙ୍ଗଲରୁ ଜନୈକ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ମିଳିବା ଘଟଣାରେ ସ୍ଥାନୀୟ ପୁଲିସ୍ ତଦନ୍ତ କରି ୩ ଜଣଙ୍କୁ ଗିରଫ କରିଛି। ଏହି ଗିରଫ ଅଭିଯୁକ୍ତମାନେ ହେଲେ ଖଜୁରୀପଡ଼ା ଥାନା ଖଲିବେର୍ଣ୍ଣାର ପ୍ରକାଶ ହଂସ, ମୁକେଶ ହଂସ ଓ ଟିକାବାଲି ଥାନା ଅନ୍ତର୍ଗତ ନାଗିରିଗୁଡ଼ାରିର ଜିତେନ୍ଦ୍ର ଗୁରୁ। ଏଥିସହ ପୁଲିସ୍ ଅଭିଯୁକ୍ତମାନଙ୍କୁ ଘଟଣାସ୍ଥଳକୁ ନେଇ କ୍ରାଇମ ସିନ୍ ରିକ୍ରିଏସନ କରିଛି। ସୂଚନାନୁସାରେ ପାଖାପାଖି ୭ ମାସ ତଳେ ଅଭିଯୁକ୍ତ ପ୍ରକାଶଙ୍କ ଭାଇ କୌଣସି କାରଣରୁ ମୃତ୍ୟୁବରଣ କରିଥିଲେ। ତେବେ ଦୁର୍ଯ୍ୟୋଧନ ଗୁଣିଗାରେଡ଼ି କରି ଭାଇଙ୍କୁ ମାରିଥିବା ପ୍ରକାଶ ସନ୍ଦେହ କରିଥିଲେ। ପ୍ରକାଶ ଓ ଅନ୍ୟ ଅଭିଯୁକ୍ତମାନେ ମିଶି ଦୁର୍ଯ୍ୟୋଧନକୁ ହତ୍ୟା କରି ଏହାର ପ୍ରତିଶୋଧ ନେବା ସକାଶେ ଯୋଜନା ପ୍ରସ୍ତୁତ କରିଥିଲେ। ଯୋଜନା ମୁତାବକ ଗତ ୪ ତାରିଖରେ ଦୁର୍ଯ୍ୟୋଧନ ଚିକେନ କିଣିବାକୁ ଯାଉଥିବା ସମୟରେ ପ୍ରକାଶ ଓ ତାଙ୍କ ସହଯୋଗୀମାନେ ଆକ୍ରମଣ କରିଥିଲେ। ସେମାନେ ଦୁର୍ଯ୍ୟୋଧନଙ୍କୁ ଜଙ୍ଗଲ ଭିତରକୁ ନେଇ ପଥର ଛେଚି ହତ୍ୟା କରିବା ସହ ପେଟ୍ରୋଲ ଢାଳି ତାଙ୍କ ମୃତଦେହକୁ ଜାଳିଦେବା ସକାଶେ ଉଦ୍ୟମ କରିଥିଲେ। ଘଟଣାର ତଦନ୍ତ କରି ଟିକାବାଲି ପୁଲିସ ଉକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରିଛି।

ମଣ୍ଡି ସମସ୍ୟା ନେଇ ବର୍ଷିଲେ ନବୀନ

ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ): ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ିପଡ଼ିଥିବା ବେଳେ ସରକାର ଚାଷୀମାନଙ୍କୁ ନିୟମିତ ଭାବେ ପ୍ରତାରିତ କରିଆସୁଛନ୍ତି। ଅସହ୍ୟ ଥଣ୍ଡା କାକର, ଶୀତରେ ଚାଷୀମାନେ ମଣ୍ଡିରେ ନିଜ ଅମଳ ଧାନକୁ ଜଗି ବସିବାକୁ ବାଧ ହେଉଛନ୍ତି। ମଣ୍ଡିରେ ଧାନ ବିକିବା ପରିବର୍ତ୍ତେ ଚାଷୀମାନେ ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଏଥିସହ ସରକାର ଚାଷୀଙ୍କ ଧାନ କେବେ ଉଠାଇବେ ବୋଲି ସେ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ଚାଷୀଙ୍କୁ ଅନେକ ପ୍ରତିଶ୍ରୁତି ଦେଇ ବିଜେପିର ଡବଲ୍ ଇଞ୍ଜିନ୍ ସରକାର କ୍ଷମତାକୁ ଆସିଛି। ହେଲେ ଦଳ କ୍ଷମତାକୁ ଆସିବା ପରେ ସବୁ ପ୍ରତିଶ୍ରୁତି ଭୁଲିଗଲା ବୋଲି ମତ ଦେଇ ଧାନ ସଂଗ୍ରହ ଓ ମଣ୍ଡିରେ ଅବସ୍ଥା ପ୍ରସଙ୍ଗକୁ ନେଇ ବିଜେପି ସରକାରକୁ ଟାର୍ଗେଟ୍ କରିଛନ୍ତି ଶ୍ରୀ ପଟ୍ଟନାୟକ।

ଏନେଇ ଶ୍ରୀ ପଟ୍ଟନାୟକ 'ଏକ୍ସ'ରେ ପୋଷ୍ଟ କରି କହିଛନ୍ତି ଯେ ଧାନକିଣାରେ ବୋନସ ଘୋଷଣା କରି ଚାଷୀଙ୍କୁ ଦିବାସ୍ୱପ୍ନ ଦେଖାଇଥିବା ସରକାରରେ ଆରମ୍ଭରୁ ଟୋକାନଠୁ ନେଇ ମଣ୍ଡିରେ ଅବ୍ୟବସ୍ଥା ସହ ଧାନ ସଂଗ୍ରହ ପର୍ଯ୍ୟନ୍ତ ସବୁଠି ଚାଷୀ ହତାଶ ହୋଇଛି। ଚାଷୀଙ୍କୁ ସମ୍ମାନର ନାରା ଦେଉଥିବା ବିଜେପି ସରକାରର ସମସ୍ତ ଘୋଷଣା ମିଛ ପ୍ରତିଶ୍ରୁତିରେ ପରିଣତ ହୋଇଛି। ସମ୍ମାନ ବଦଳରେ ବିଜେପି ସରକାରରେ ଚାଷୀ ସବୁଠାରୁ ଅଧିକ ଅସମ୍ମାନିତ ଓ ପ୍ରତାରିତ ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି। ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ ନିଜ ଅମଳ ଧାନ ବିକ୍ରି କରି ନ ପାରି ଚାଷୀ ଆନ୍ଦୋଳନ କଲେ, ତା'କୁ ସରକାର ନାଟକବାଜି ବୋଲି କହୁଛି। ଏପରି ବୟାନରୁ ହିଁ ବିଜେପି ସରକାରରେ ଚାଷୀମାନଙ୍କୁ କିପରି ସମ୍ମାନ ଦିଆଯାଉଛି, ତା' ସ୍ପଷ୍ଟ ହୋଇଯାଉଛି। ଧାନ ସଂଗ୍ରହ ଆରମ୍ଭରୁ ସବୁ ବ୍ୟବସ୍ଥା ହୋଇଛି, ଟୋକନ୍ ସମସ୍ତଙ୍କୁ ମିଳିବ, ମନ୍ତ୍ରୀମାନେ ମଣ୍ଡି ଜଗିବେ ବୋଲି ସରକାର କହିଥିଲେ ହେଁ ବାସ୍ତବରେ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ମଣ୍ଡିରେ ମନ୍ତ୍ରୀଙ୍କ ପାଦ ପଡ଼ିବା ତ ଦୂରର କଥା, ଦୁଃଖ ସମୟରେ ଚାଷୀଙ୍କ ପାଖରେ ବି ସରକାରୀ ଦଳର ଜଣେ ବି ସଦସ୍ୟଙ୍କୁ ଦେଖିବାକୁ ମିଳୁନାହିଁ।

● ଚେତାବନୀ ଦେଲା କଂଗ୍ରେସ

ମହାତ୍ମା ଗାନ୍ଧିଙ୍କ ନାମ ନ ଯୋଡ଼ିଲେ ପ୍ରତିବାଦ ତୀବ୍ର ହେବ

ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ): ଅଖିଳ ଭାରତ କଂଗ୍ରେସ କମିଟି ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଆଜି ସମସ୍ତ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଜରିଆରେ ଜନସାଧାରଣଙ୍କୁ ଏମ୍‌ଜିନରେଗା ଯୋଜନାରୁ ମହାତ୍ମା ଗାନ୍ଧିଙ୍କ ନାମ ହଟାଯିବା ସମ୍ପର୍କରେ ସଚେତନ କରାଯାଇଛି। ଏହି କ୍ରମରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଛି। ଏଥିରେ ପିସିସି ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଯୋଗଦେଇ କହିଛନ୍ତି ଯେ ୟୁପିଏ ସରକାରଙ୍କ ସମୟରେ ବେକାରୀଙ୍କୁ କାମ ଦେବା ଉଦ୍ଦେଶ୍ୟରେ ପ୍ରଣୟନ ହୋଇଥିବା ଏହି ଯୋଜନାରେ କୋଟି କୋଟି ଜନସାଧାରଣ ଉପକୃତ ହେଉଥିଲେ। କିନ୍ତୁ ଏବେ ବିଜେପି ଷଡ଼ଯନ୍ତ୍ର କରି ମହାତ୍ମା ଗାନ୍ଧିଙ୍କ ନାମକୁ ହଟାଇବା ସହ ଯୋଜନାର ନୂଆ ନାମକରଣ କରିଛି। ଏହାକୁ ବିରୋଧ କରି କଂଗ୍ରେସ ତୀବ୍ର ବିରୋଧ କରି ରାଜରାସ୍ତାକୁ ଓହ୍ଲାଇଛି। ଯେ ପର୍ଯ୍ୟନ୍ତ କେନ୍ଦ୍ର ସରକାର ପୁନର୍ବାର ଯୋଜନା ସହ ମହାତ୍ମା ଗାନ୍ଧିଙ୍କ ନାମ ନ ଯୋଡ଼ିଛନ୍ତି, ସେ ପର୍ଯ୍ୟନ୍ତ କଂଗ୍ରେସ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ପ୍ରତିବାଦ ଜାରି ରଖିବ ବୋଲି ଶ୍ରୀ କାନୁନ୍‌ଗୋ କହିଛନ୍ତି। ଏଥିସହ ଶ୍ରୀ କାନୁନ୍‌ଗୋ ରାଜ୍ୟରେ ଟାଟା ପାୱାର୍‌ର ବଢୁଥିବା ଜୁଲୁମ୍, ଧାନର ଅଭାବୀ ବିକ୍ରି, ଧାନ ବିକ୍ରି କରିବାକୁ ଆସୁଥିବା ଚାଷୀମାନେ ମଣ୍ଡିରେ ଯାବତୀୟ ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ କରିବା ସହ ସରକାର ଏ ଦିଗରେ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ ମଧ୍ୟ ଉପସ୍ଥିତ ଥିଲେ।

ପିୟୁସିସି ପ୍ରସଙ୍ଗ

ଯୁବ କଂଗ୍ରେସର ଅଭିନବ ପ୍ରତିବାଦ

ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ): ଗାଡ଼ି ଚାଳକଙ୍କ ଉପରେ ମନଇଚ୍ଛା ଜରିମାନା ଓ ତ୍ରୁଟିପୂର୍ଣ୍ଣ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ପ୍ରତିବାଦରେ ଆଜି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଏକ ଅଭିନବ ପ୍ରତିବାଦ ଅନୁଷ୍ଠିତ ହୋଇଛି। କଂଗ୍ରେସର ସଦସ୍ୟମାନେ ସାଇକେଲ୍ ଯୋଗେ ଏକ ଶୋଭାଯାତ୍ରାରେ ଯାଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ବାସଭବନ ଘେରାଉ କରିଥିଲେ। ଏହି ସାଇକେଲ୍ ଶୋଭାଯାତ୍ରାଟି କଂଗ୍ରେସ ଭବନରୁ ବାହାରି ମନ୍ତ୍ରୀଙ୍କ ବାସଭବନ ନିକଟରେ ପହଞ୍ଚିବା ପରେ ସେଠାରେ କର୍ମୀମାନେ ଘେରାଉ କରିଥିଲେ। ଏହି ସମୟରେ ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତା

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

୪ ରବିବାର ୧୧ ଜାନୁଆରୀ ୨୦୨୬, ଭୁବନେଶ୍ୱର

Sunday 11 January 2026, Bhubaneswar

ଟ୍ରମ୍ପଙ୍କ ସାମ୍ରାଜ୍ୟବାଦୀ ଅଭିଯାନ

ବିଶ୍ୱ ରାଜନୀତିରେ ବର୍ତ୍ତମାନ ଏକ ଅସ୍ଥିର ପରିବେଶ ଦେଖାଦେଇଛି। ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱାଧୀନ ଆମେରିକା ପ୍ରଶାସନ ନିଜର ବୈଦେଶିକ ନୀତିରେ ଯେଉଁ ଆକ୍ରାମକତା ପ୍ରଦର୍ଶନ କରୁଛି, ତାହା ବିଶ୍ୱ ସମୁଦାୟକୁ ଚିନ୍ତାରେ ପକାଇଛି। ନିକଟରେ ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଆମେରିକୀୟ ସେନା ଦ୍ୱାରା ଗିରଫ କରାଯିବା ପରେ ଏବେ ଟ୍ରମ୍ପଙ୍କ ନଜର ଡେନମାର୍କର ସ୍ୱୟଂଶାସିତ ଅଞ୍ଚଳ ଗ୍ରୀନଲ୍ୟାଣ୍ଡ ଉପରେ ପଡ଼ିଛି।

ଏହା ତାଙ୍କ ଜାତୀୟ ସୁରକ୍ଷା ନା ସମ୍ପତ୍ତି ଲୋଭ ତାକୁ ନେଇ ପ୍ରଶ୍ନ ଉଠିଛି। ରାଷ୍ଟ୍ରପତି ଟ୍ରମ୍ପ ବାରମ୍ବାର ଦୋହରାଇଛନ୍ତି ଯେ ଆମେରିକାର "ଜାତୀୟ ସୁରକ୍ଷା" ପାଇଁ ଗ୍ରୀନଲ୍ୟାଣ୍ଡକୁ ନିଜ ନିୟନ୍ତ୍ରଣକୁ ନେବା ଅପରିହାର୍ଯ୍ୟ। ତାଙ୍କ ମତରେ, ଯଦି ଆମେରିକା ଏହି ଦ୍ୱୀପକୁ ନିଜ ଅଧୀନକୁ ନନିଏ, ତେବେ ଚୀନ କିମ୍ବା ରୁଷିଆ ଏହାକୁ ଦଖଲ କରିପାରନ୍ତି। କିନ୍ତୁ ଏହି ଯୁକ୍ତି ପଛରେ କେବଳ ସୁରକ୍ଷା ନୁହେଁ, ବରଂ ଗ୍ରୀନଲ୍ୟାଣ୍ଡର ବିପୁଳ ପ୍ରାକୃତିକ ସମ୍ପଦ ମଧ୍ୟ ଏକ ପ୍ରମୁଖ କାରଣ ବୋଲି ବିଶ୍ଳେଷକମାନେ ମତ ଦେଉଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବରଫ ତରଳିବା ଫଳରେ ଏଠାରେ ଥିବା ଦୁର୍ଲଭ ଖଣିଜ ଦ୍ରବ୍ୟ ଏବଂ ନୂତନ ସାମୁଦ୍ରିକ ପଥଗୁଡ଼ିକ ଉପରେ ଆମେରିକା ନିଜର ଆଧିପତ୍ୟ ବିସ୍ତାର କରିବାକୁ ଚାହୁଁଛି।

ଭେନେଜୁଏଲାରେ ତୈଳ ସମ୍ପଦକୁ ନିୟନ୍ତ୍ରଣ କରିବା ପାଇଁ ଯେଭଳି ଭାବେ ଆମେରିକା ସିଧାସଳଖ ସାମରିକ ହସ୍ତକ୍ଷେପ କଲା, ତାହା ଟ୍ରମ୍ପଙ୍କୁ ଆହୁରି ସାହସୀ କରିଦେଇଛି। ମାଦୁରୋଙ୍କୁ ହଟାଇବା ପରେ ସେଠାକାର ତୈଳ କମ୍ପାନୀଗୁଡ଼ିକୁ ପୁନର୍ଜୀବିତ କରିବା ପାଇଁ ସେ ଆମେରିକୀୟ ଶିଳ୍ପପତିମାନଙ୍କ ସହ ଆଲୋଚନା କରୁଛନ୍ତି। ଏହି ସଫଳତା ପରେ ଟ୍ରମ୍ପ ଏବେ ଡେନମାର୍କକୁ "ସହଜ ଉପାୟରେ" ଗ୍ରୀନଲ୍ୟାଣ୍ଡକୁ ହସ୍ତାନ୍ତର କରିବାକୁ ଚେତାବନୀ ଦେଇଛନ୍ତି, ନଚେତ୍ "କଠିନ ପଦକ୍ଷେପ" ଗ୍ରହଣ କରାଯିବ ବୋଲି କହିଛନ୍ତି।

ଟ୍ରମ୍ପଙ୍କ ଏହି ପଦକ୍ଷେପକୁ ଆନ୍ତର୍ଜାତୀୟ ସ୍ତରରୁ ବିରୋଧ ହେବା ସହ ନାଟୋ ମଧ୍ୟ ସଙ୍କଟରେ ପଡିଯାଇଛି। ଟ୍ରମ୍ପଙ୍କ ଆଭିମୁଖ୍ୟକୁ ଡେନମାର୍କ

ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡେରିକସେନ କଡ଼ା ସମାଲୋଚନା କରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ "ଗ୍ରୀନଲ୍ୟାଣ୍ଡ ବିକ୍ରି ପାଇଁ ନୁହେଁ"। ଏହା ସହ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ଚେତାବନୀ ଦେଇଛନ୍ତି ଯେ ଯଦି ଆମେରିକା ଏକ ନାଟୋ ସହଯୋଗୀ ଦେଶ ଉପରେ ସାମରିକ ଚାପ ପକାଏ, ତେବେ ନାଟୋ ଗଠବନ୍ଧନର ଅସ୍ତିତ୍ୱ ବିପଦରେ ପଡ଼ିବ।

ଟ୍ରମ୍ପଙ୍କ ଏହି "ଆମେରିକା ଫାଷ୍ଟ" ନୀତି ଏକ ପ୍ରକାରର ନୂତନ ସାମ୍ରାଜ୍ୟବାଦ ଭାବେ ଉଭା ହୋଇଛି। ଭେନେଜୁଏଲା ପରେ ଡେନମାର୍କ ଭଳି ଏକ ଶାନ୍ତିପ୍ରିୟ ଗଣତାନ୍ତ୍ରିକ ଦେଶକୁ ଧମକ ଦେବା ବିଶ୍ୱଶାନ୍ତି ପାଇଁ ଶୁଭଙ୍କର ନୁହେଁ। ଯଦି ଶକ୍ତିଶାଳୀ ଦେଶଗୁଡ଼ିକ ଏହିଭଳି ଭାବେ ଆନ୍ତର୍ଜାତୀୟ ଆଇନକୁ ଅବମାନନା କରି ଅନ୍ୟର ଭୂଖଣ୍ଡ ଉପରେ ନଜର ପକାନ୍ତି, ତେବେ ଭବିଷ୍ୟତରେ ବିଶ୍ୱରେ ଆଇନର ଶାସନ ବଦଳରେ କେବଳ "ଶକ୍ତିର ଶାସନ" ଚାଲିବ।

ଇରାନରେ ବୃଦ୍ଧି ପାଉଥିବା ଜନବିଦ୍ରୋହ ମଧ୍ୟରେ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତେହେରାନକୁ ଏକ ଖୋଲା ଚେତାବନୀ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଯଦି ଇରାନରେ ପ୍ରତିବାଦକାରୀଙ୍କୁ ହତ୍ୟା କରାଯାଏ, ତେବେ ଆମେରିକା ସିଧାସଳଖ ହସ୍ତକ୍ଷେପ କରିବ। ଯେଉଁଠାରେ ସବୁଠାରୁ ଅଧିକ କ୍ଷତି ପହଞ୍ଚେ ସେଠାରେ ଆକ୍ରମଣ କରିବ। ସେ ସ୍ପଷ୍ଟ କରିଛନ୍ତି ଯେ ଆମେରିକା ପରିସ୍ଥିତି ଉପରେ କଡ଼ା ନଜର ରଖିଛି। କେବଳ ସେତିକି ନୁହେଁ, ଇରାନରେ ସୃଷ୍ଟି ହୋଇଥିବା ବିଦ୍ରୋହରେ ମଧ୍ୟ ମୁଣ୍ଡ ପୂରାଇଛନ୍ତି ଟ୍ରମ୍ପ। ହ୍ୱାଇଟ ହାଉସରେ ତୈଳ ଓ ଗ୍ୟାସ କମ୍ପାନୀର ଶୀର୍ଷ ଅଧିକାରୀମାନଙ୍କ ସହିତ ଏକ ବୈଠକ ସମୟରେ ଗଣମାଧ୍ୟମକୁ ସମ୍ବୋଧିତ କରି ଟ୍ରମ୍ପ କହିଛନ୍ତି ଇରାନ ବହୁତ ବଡ଼ ସମସ୍ୟାରେ ଅଛି। ମୁଁ ଅନୁଭବ କରୁଛି ଯେ ଲୋକମାନେ ଏପରି ସହର ଦଖଲ କରୁଛନ୍ତି ଯାହାକୁ କେହି କଳ୍ପନା କରିନଥିଲେ।ଟ୍ରମ୍ପ କହିଛନ୍ତି, "ଆମେ ପୂର୍ବରୁ ବହୁତ ସ୍ପଷ୍ଟ ଭାବରେ ଚେତାବନୀ ଦେଇଛୁ। ଯଦି ସେମାନେ ପୂର୍ବ ପରି ଲୋକଙ୍କୁ ହତ୍ୟା କରିବା ଆରମ୍ଭ କରନ୍ତି, ତେବେ ଆମେ ଏଥିରେ ସାମିଲ ହେବୁ। ଯେଉଁଠାରେ ଏହା ସର୍ବାଧିକ କ୍ଷତି ପହଞ୍ଚାଏ ସେଠାରେ ଆମେ ସେମାନଙ୍କୁ ବହୁତ କଠୋର ଭାବରେ ଆକ୍ରମଣ କରିବୁ।

ବିଜ୍ଞାପନର କିମିଆଁ

ଡ଼ ସୀତାକାନ୍ତ ତ୍ରିପାଠୀ

ରାସ୍ତାରେ ବିଜ୍ଞାପନ ଲାଗିଥିଲା ଏଠାରେ ମା' ବଦଳରେ ମା' ମିଳିବ। ଆଗୁଆ ପଞ୍ଜିକରଣ ପାଇଁ ଅମୁକ ତାରିଖରେ ଅମୁକ ସମୟରେ ଅମୁକ ଯାଗାରେ ପହଞ୍ଚନ୍ତୁ। ଆଗୁଆ ଟିକେଟ୍ କଲେ ୨୦ ପ୍ରତିଶତ ଡିସ୍‌କାଉଣ୍ଟ। ଯୋଗାଯୋଗର ଠିକଣା ଦିଆଯାଇଥିଲେ ମଧ୍ୟ କୌଣସି ଫୋନ୍ କିମ୍ବା ମୋବାଇଲ୍ ନମ୍ବର ନଥିଲା। ନିର୍ଦ୍ଦିଷ୍ଟ ଦିନ ଭୋରରୁ ଉକ୍ତ ଠିକଣାରେ ପ୍ରବଳ ଭିଡ଼। କାହାର ସ୍ତ୍ରୀ ଙ୍କର ଅକାଳ ବିୟୋଗ ହେତୁ ପିଲାଟି ପାଇଁ ମା' ଦରକାର, ଆଉ କାହାର ମାତୃତ୍ୱ ଲାଭରେ ଅସୁବିଧା ଥିବାରୁ ସେଠାରେ କାଳେ ସରୋଗେଟ ମଦର ମିଳିବାର ସୁବିଧା ମିଳିଯିବ ସେହି ଆଶାରେ ଲୋକମାନେ ପହଞ୍ଚି ଥାଆନ୍ତି। ଆଉ କିଛି ବୟସ୍କ ବ୍ୟକ୍ତି ଦୁର୍ଘଟଣାରେ ହରାଇଥିବା ନିଜ ପୁଅଙ୍କ ସନ୍ତାନ-ସନ୍ତତି ବା ନାତୀ ନାତୁଣୀଙ୍କ ପାଇଁ ମା'ଟିଏ ଯୋଗାଡ଼ କରିବା ପାଇଁ ଆଶା ବାନ୍ଧି ଥାଆନ୍ତି। ଛାଡ଼ପତ୍ର ଆକାଂକ୍ଷୀ ପୁରୁଷମାନେ ମଧ୍ୟ ସେଥିରୁ ବାଦ୍‌ଯିବେ କାହିଁକି ! ସେମାନ ନିଜ ନିଜ ସ୍ତ୍ରୀ ମାନଙ୍କୁ ପାନେ ଚଖେଇବା ପାଇଁ ମନରେ ଦମ୍ ଧରି ଥାଆନ୍ତି। ଆଉ କିଛି କର୍ମଜୀବି ମହିଳା ଭାବିଲେ ପିଲାଟି ମୋ ପାଇଁ ସିନା କଷ୍ଟ ପାଉଛି। ତା ପାଇଁ ମା'ଟିଏ ଯୋଗାଡ କରିଦେଲେ ସିଏ ହସଖୁସିରେ ରହିବ। ନେପଥ୍ୟରେ ରହି ପିଲାଙ୍କର ଖୁସି ଦେଖିହେବ।

ନିର୍ଦ୍ଧାରିତ ସମୟରେ ଉକ୍ତ ଘରର ଦୁଆର ଖୋଲିଲା। ଲୋକମାନଙ୍କ ମଧ୍ୟରେ ଧସ୍ତାଧସ୍ତି। କିଏ ପ୍ରଥମେ ଉକ୍ତ ସୁବିଧା ହାସଲ କରିବ। ଶେଷରେ ସେଠାରେ ପୋଲିସ୍‌କୁ ହସ୍ତକ୍ଷେପ କରିବାକୁ ପଡ଼ିଲା। ଉକ୍ତ ଘରୁ ବାହାରିଲେ ୪-୫ ଜଣ ମହିଳା ସେମାନଙ୍କ ପଛରେ ଥିଲା ଗୁଞ୍ଜ ଦୁଧର ପ୍ୟାକେଟ୍ ଏବଂ ଡବାର ପେଟି। ଏସବୁ ଦେଖି ଧାଡିରେ ଥିବା ଲୋକମାନେ ରାଗି ଖପ୍‌ପା। ସେମାନେ କ'ଣ ନିଜ ନିଜ ପିଲାମାନଙ୍କ ପାଇଁ ଗୁଞ୍ଜଦୁଧ କିଣି ପାରୁନଥିଲେ ଯେ ଏଠାକୁ ଲାଇନ୍ ଲଗାଇ ଆସିଛନ୍ତି। କିଛି ଲୋକ ମନକୁ ବୁଝାଇ ଦୁଇ ତିନୋଟି କ୍ଷୀର ଡବା ଧରି ନିରାଶରେ ଫେରିଲେ। ଏହା ହେଉଛି ବିଜ୍ଞାପନର କିମିଆଁ। ଶବ୍ଦର ଯାଦୁ ଆଉ ଲୋକମାନଙ୍କ ମନକୁ କିଣିବାର ସହଜ ଓ ସରଳ ଉପାୟ। ଦେଖିବାକୁ ଗଲେ ମା' କ୍ଷୀର ବଦଳରେ ଉକ୍ତ ଡବା କ୍ଷୀର ବ୍ୟବହାର କରାଯାଇ ପାରେ କିନ୍ତୁ କ୍ଷୀର ଶବ୍ଦଟି ସେଠାରେ ନଥିବାରୁ ଲୋକମାନଙ୍କୁ ଅଯଥା ହଇରାଣ ହେବାକୁ ପଡ଼ିଲା।

ଓଡ଼ିଆରେ କଥା ଅଛି 'କହି ପୋଛି ଜାଣେ ଯିଏ, ପଚା ଚିଙ୍ଗୁଡି ବିକେ ସିଏ' ଅର୍ଥାତ୍ ନିଜକୁ ପ୍ରକାଶ କରିବା ବା ବିଜ୍ଞାପିତ କରିବାର ଆଦବ କାଇଦାରୁ ହିଁ ତା'ର ପରିଚୟ ବହୁଗୁଣିତ ହୋଇଥାଏ। ପଚା ଚିଙ୍ଗୁଡ଼ି ବିକୁଥିବା ଦୋକାନୀ ଜଣକ ଦିନ ଅଧିକିଆ ନୁହଁନ୍ତି ଯେ ଆଜି କୌଣସିମତେ ବିକିଦେଇ ଚାଲିଯିବେ ଆଉ କାଲିକୁ ଦେଖାଦେବେ ନାହିଁ। ବରଂ ସେମାନେ ବିକି ସାରିବା ପରେ ଯଦି କୌଣସି ଗ୍ରାହକ ଆସି ଅଭିଯୋଗ କରନ୍ତି ସେମାନଙ୍କୁ ବିଭିନ୍ନ ଆଳରେ ଫୁସୁଲା ଫୁସୁଲି କରନ୍ତି, କିମ୍ବା ଗ୍ରାହକମାନଙ୍କର ରାନ୍ଧିବା ଶୈଳୀ ବା ଚିଙ୍ଗୁଡ଼ିକୁ ସାଇତି ରଖିବାର କୌଶଳ ଆଦିରେ ଥିବା ଦୋଷ ତ୍ରୁଟି ବାହାର କରିବା ପାଇଁ ପ୍ରୟାସ କରିଥାଆନ୍ତି। ବେଳେବେଳେ ସେମାନେ ନାଲିଆଖି ଦେଖାଇବା ପାଇଁ ଭୁଲନ୍ତି ନାହିଁ ଆଉ ଯଦି କୌଣସି କାରଣରୁ ଗ୍ରାହକ ଜଣକ ଆଇନ କିମ୍ବା ପୋଲିସ୍‌ର ମକ ଦିଏ ତାହେଲେ ସିଏ ଭୁଲ୍ ମାଗିବା ପାଇଁ ଭୁଲନ୍ତି ନାହିଁ। ଏଇମାନଙ୍କୁ ସରଳ ଓଡିଆରେ କୁହାଯାଏ 'ଚରଣ ଚୁଟିଆ' ଅର୍ଥାତ୍ ସ୍ଥାନ, କାଳ ଓ ପାତ୍ର ଭେଦରେ ସେମାନେ ଗୋଡ କରି ପକେଇ ପାରନ୍ତି କିମ୍ବା ଚୁଟି ଧରି ଶାସନ କରିପାରନ୍ତି।

ବାହାରୁ ଦେଖିଲେ କୌଣସି ଜିନିଷ କିମ୍ବା ବ୍ୟକ୍ତିର ଲୋକପ୍ରିୟତା ବିଜ୍ଞାପନ ଉପରେ ନିର୍ଭର କରିଥାଏ। ବର୍ତ୍ତମାନ କିଛି କିଣାକିଣି କରିବା ପୂର୍ବରୁ ଆମେ ସମସ୍ତେ ଉକ୍ତ ବ୍ରାଣ୍ଡ ମାନଙ୍କର ରେଟିଂ ଉପରେ ନିର୍ଭର କରିଥାଉ। ଏହା କିଏ କେମିତି ଯୋଗାଡ଼ କରି ପାରିବ ତା ଉପରେ ସମସ୍ତଙ୍କର ନଜର। ସେହିଭଳି ଭାବେ ରାଜନୈତିକ ଦଳମାନେ ମଧ୍ୟ ନିଜ ନିଜର ଇସ୍ତାହାରରେ ବେକାରୀ ସମସ୍ୟାର ମୂଳୋତ୍ପାଟନ, ଅପରାଧ ନିୟନ୍ତ୍ରଣ, ଦୁର୍ନୀତି ନିବାରଣ, ବୃଦ୍ଧ-ବୃଦ୍ଧା, ଗରୀବ, ବିଧବା, ନିରାଶ୍ରୟ ଭିନ୍ନକ୍ଷମ ଆଦି ବର୍ଗର ଲୋକମାନଙ୍କ ପାଇ ମାଳମାଳ ଯୋଜନାର ବିଜ୍ଞାପନ ଦେଇଥାଆନ୍ତି। ସେଥିପାଇଁ କେମିତି ପୁଞ୍ଜି ଯୋଗାଡ ହେବ, କେତେ ଋଣ ହେବ, କେମିତି ଶୁଝି ହେବ ଏ ସବୁର କୌଣସି ତଥ୍ୟ ନଥାଏ। ଯଦି କୌଣସି କାରଣରୁ ସେସବୁ ସଫଳ ଭାବେ ରୂପାୟନ ହୋଇ ନପାରେ ତାହାଲେ ସବୁ ଦୋଷ ପୂର୍ବ ସରକାରର ହୋଇଯାଏ କିମ୍ବା ଯଦି ପୁନର୍ବାର ନିର୍ବାଚନରେ ଜିତିବେ ତାହେଲେ ତାହା ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥାଏ।

କଥାରେ କୁହାଯାଏ ଜନସ୍ମୃତି ହେଉଛି କ୍ଷଣସ୍ଥାୟୀ। ତାକୁ ଯେମିତି ବ୍ୟବହାର କରାଯାଇ ପାରିବ ତାହା ସେମିତି ପ୍ରତିକ୍ରିୟା ଦେଖାଇବ। ତେଣୁ ଗୋଟିଏ ବିଜ୍ଞାପନ ପରେ ସେମାନେ ଯେ ଆଉ ଜୀବନରେ କେବେ ଠକିବେ ନାହିଁ ତା'ର କୌଣସି ଗ୍ୟାରେଣ୍ଟି ନଥାଏ। ତାହାକୁ ଆଧାର କରି ହିଟଲର ପ୍ରୋପାଗଣ୍ଡା ବା ପ୍ରଚାର ଉପରେ ଗୁରୁତ୍ୱ ଦେଉଥିଲେ। ସରକାରଙ୍କ ଉପଯୁକ୍ତ ବିଭିନ୍ନ ସମୟରେ ଉନ୍ନତି ତଥା ସଂସ୍କାର ପାଇଁ ବିଭିନ୍ନ ବିଜ୍ଞାପନ ଦିଆଯାଇଥାଏ। ତା ଛଡା ବିଭିନ୍ନ କମ୍ପାନୀମାନେ ମଧ୍ୟ ସେମାନଙ୍କର ସାମାଜିକ ଦାୟିତ୍ୱବୋଧ ସମ୍ପାଦନ ପାଇଁ ବିଜ୍ଞାପନ ଦେଇଥାଆନ୍ତି ଯେଉଁଥିରେ ସାମାଜିକ ବାର୍ତ୍ତା ଅପେକ୍ଷା ସରକାର ତଥା କମ୍ପାନୀମାନଙ୍କ ଡିଣ୍ଡିମ ଅଧିକ ଥାଏ। ବିଜ୍ଞାପନର ଲାଭକ୍ଷତି ବୁଝିବା ସାଧାରଣ ଜନତାଙ୍କ ପକ୍ଷରେ କଷ୍ଟକର। ତାହାକୁ ସହଜ ଓ ସରଳ ଭାବେ ବୁଝାଇବା ପାଇଁ ସଭ୍ୟ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଅର୍ଣ୍ଣପାଳ, ଭଦ୍ରକ
ମୋବାଇଲ୍: ୯୭୭୮୭୬୪୩୯୪

ଭେନେଜୁଏଲା ଆକ୍ରମଣ ଟ୍ରମ୍ପର ଗୁଣ୍ଡାଗିରି ଓ ବିଶ୍ୱକୁ ସତର୍କ ଘଣ୍ଟି

ଡଃ ଅମୂଲ୍ୟ କୁମାର ପଣ୍ଡା

ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ବିଶ୍ୱ ପାଇଁ ଏକ ବଡ଼ ବାର୍ତ୍ତା ହେଉଛି ଯେ ଆମେରିକା କୌଣସି ଆନ୍ତର୍ଜାତୀୟ ଆଇନ କୁ ଖାତିର୍ କରେନି କିମ୍ବା କୌଣସି ଦେଶର ସାର୍ବଭୌମତ୍ୱକୁ ସମ୍ମାନ କରେ ନାହିଁ। ଏହାର ଦାଦାଗିରିର ପ୍ରମାଣ ସ୍ୱରୁପ ଟ୍ରମ୍ପ ସେନା ଯେକୌଣସି ଦେଶରେ ପ୍ରବେଶ କରି ନିଜର ଶକ୍ତି ବ୍ୟବହାର କରି, ଏହାର ରାଷ୍ଟ୍ରପତି ଏବଂ ତାଙ୍କ ପତ୍ନୀଙ୍କୁ ସେମାନଙ୍କ ଶୟନ କକ୍ଷରୁ ଟାଣି ଆଣି, ସେମାନଙ୍କୁ ହାତକଡ଼ି ପିନ୍ଧାଇ କାରାଦଣ୍ଡ ଦେଇପାରେ। କିନ୍ତୁ ଭେନେଜୁଏଲା ଉପରେ ଏପରି ବେଆଇନ ଆକ୍ରମଣ ମାଧ୍ୟମରେ ଆମେରିକା କେଉଁ ସ୍ୱାର୍ଥ ପୂରଣ କରୁଛି ? ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ, ଯାହାକୁ ସମ୍ପୂର୍ଣ୍ଣ ଭାବରେ ବୁଝିବା ଆବଶ୍ୟକ। ଦକ୍ଷିଣ ଆମେରିକାର ତେଲ ସମ୍ପନ୍ନ ଦେଶ ଭେନେଜୁଏଲାରେ ରାଜନୈତିକ ସଙ୍କଟ ଏବେ ଏକ ଆନ୍ତର୍ଜାତୀୟ ଯୁଦ୍ଧର ରୂପ ନେଇଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସଙ୍କଟକୁ ଏକ ସୁଯୋଗ ଭାବରେ ଗ୍ରହଣ କରିଛି। କାରଣ ଆମେରିକା ନିଜ ସ୍ୱାର୍ଥ ପାଇଁ ସବୁ କିଛି କରିପାରେ। ଏବେ ଆମେରିକୀୟ ସୈନ୍ୟବାହିନୀ ଭେନେଜୁଏଲା ଉପରେ ଏକ ଶୃଙ୍ଖଳାବଦ୍ଧ ଆକ୍ରମଣ ଆରମ୍ଭ କରିଥିଲେ। ପ୍ରଥମେ ଅଭିଯୋଗ ସ୍ୱରୂପ ମାଦକ ଦ୍ରବ୍ୟ ଚୋରାଚାଲାଣ ଜାହାଜଗୁଡ଼ିକ ଉପରେ ଆକ୍ରମଣରେ ୮ଠରୁ ୧୦୦ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ତେଲ ଟ୍ୟାଙ୍କରଗୁଡ଼ିକ ଉପରେ ନୌସେନା ଓ ସୈନ୍ୟ ବେସ ଗୁଡ଼ିକ ଉପରେ ବଡ଼ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ଆମେରିକୀୟ ସେନା, ଭେନେଜୁଏଲାର ମାଦୁରୋ ଏବଂ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ଗିରଫ କରି ଆମେରିକା ନେଇଯାଇଛନ୍ତି। ଏହି ସଙ୍କଟ କେବଳ ଭେନେଜୁଏଲାର ନୁହେଁ, ବରଂ ଆନ୍ତର୍ଜାତୀୟ କାନୁନର ଭବିଷ୍ୟତକୁ ପ୍ରଭାବିତ କରିପାରେ। ଟ୍ରମ୍ପଙ୍କ ଏହି ପଦକ୍ଷେପ ଏକ ନୂଆ ଔପନିବେଶିକ ଯୁଗର ଆରମ୍ଭ ନା ଲୋକତନ୍ତ୍ରର ରକ୍ଷା ନା ନିଜର ପ୍ରଭୁତ୍ୱ ଜାହିର୍ ର କୋଶଳ ? ବିଶ୍ୱ ଏହାର ଉତ୍ତର ଅପେକ୍ଷାରେ ରହିଛି।

ତେବେ କିପରି ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ କବଜାକୁ ନେଇଥିଲା ଓ କିପରି ଥିଲା ଅପରେସନ ଆସନ୍ତୁ ଜାଣିବା। ୩ ଜାନୁଆରୀ ୨୦୨୬ ରେ ନିକୋଲାସଙ୍କୁ ଧରିବା ପୂର୍ବରୁ ଗତ ୨୦୨୫ ଅଗଷ୍ଟରୁ ହୋଇଥିଲା ଯୋଜନା। ନିକୋଲାସଙ୍କୁ ଧରିବା ଲାଗି ଏକାଦିକ୍ରମେ ଆକାଶମାର୍ଗ, ଭୂଭାଗ ଓ ସମୁଦ୍ର ସ୍ତରରେ ଚାଲିଥିଲା ମିଶନ। ଭେନେଜୁଏଲା ମିଶନକୁ ଗ୍ରୀନ ସିଗନାଲ ଦେଇଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ। ୨୦ଟି ସାମରିକ ଘାଟିରୁ କାରାକାସ ଅଭିମୁଖେ ଯାଇଥିଲେ ଯୁଦ୍ଧ ବିମାନ। ଭେନେଜୁଏଲାରେ ଗ୍ରାଉଣ୍ଡ ଆଟାକ ଲାଗି ଆମେରିକୀୟ ବିମାନ କରିଥିଲେ ଲକ୍ଷ୍ୟଭେଦୀ ଷ୍ଟ୍ରାଇକ। ମାଦୁରୋଙ୍କୁ ଧରିବା ଲାଗି ସିଆଇଏ କରିଥିଲା ନିର୍ଭୁଲ ଯୋଜନା। କିଛି ମାସ ତଳୁ ଆରମ୍ଭ ହୋଇଥିବା ମିଶନରେ ସାମିଲ ଥିଲେ ୧୫୦ ବିମାନ ଓ ଗୁଇନ୍ଦା ସଂସ୍ଥା। ମାଦୁରୋ ରହୁଥିବା ଫୋର୍ଟ ତିଉନାରେ ଲାଗିଥିବା ଧାତବ କବାଟକୁ କାଟିବା ଲାଗି ସେମାନେ ସାଥୀରେ ନେଇଥିଲେ ବ୍ଲୋଟର୍ଚ୍ଚ। କାରାକାସ ଉପରେ ଏୟାରଷ୍ଟ୍ରାଇକ ମାତ୍ରେ ମାଦୁରୋଙ୍କ ପ୍ରାସାଦରେ ପହଞ୍ଚିଥିଲେ ସୈନ୍ୟ। ସେତେବେଳକୁ ଆରାମରେ ନିଦ୍ରା ଯାଇଥିଲେ ମାଦୁରୋ ଓ ତାଙ୍କ ପତ୍ନୀ। ସୈନ୍ୟଙ୍କ ସମ୍ପର୍କରେ ସୂଚନା ପାଇ ମାଦୁରୋ ଆଉ ଏକ ରୁମକୁ ଚାଲିଯିବାକୁ ବସିଥିଲେ, ମାତ୍ର ତାହା ସମ୍ଭବ ହୋଇ ନଥିଲା। ଯଦି ସେ ଅନ୍ୟ ଏକ ରୁମକୁ ଚାଲିଯାଇଥାନ୍ତେ ତାହା ପୂର୍ବରୁ ତେବେ ସେହି ଘରର କବାଟକୁ ମାତ୍ର ୪୭ ସେକଣ୍ଡରେ ଉଡାଇ ଦେବାକୁ ଯୋଜନା ହୋଇଥିଲା ମାତ୍ର ତା ପୂର୍ବରୁ ଆମେରିକୀୟ ସୈନ୍ୟ ଗିରଫ କରି ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ଆମେରିକା ନେଇଯାଇଥିଲେ। ଏହି କାର୍ଯ୍ୟାନୁଷ୍ଠାନ ସହ ଭେନେଜୁଏଲାର ଶାସନ ଗାଦିକୁ ମଧ୍ୟ ଆମେରିକା ନିଜ ଅକ୍ତିଆରକୁ ନେଇ ଯାଇଛି କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ। ହେଲେ ଏହି ଘଟଣା ପରେ ବିଶ୍ୱରେ ଭୂ- ରାଜନୈତିକ ଏବଂ ଅର୍ଥନୈତିକ ଅନିଶ୍ଚିତତା ବଢ଼ିଛି। ଫଳରେ ସେଠାରେ ନିବେଶ ତଥା ବ୍ୟବସାୟ କରୁଥିବା ବିଶ୍ୱର ବିଭିନ୍ନ ଦେଶର କମ୍ପାନିମାନେ ଏବେ ସତର୍କ ହୋଇଛନ୍ତି ଓ ଚିନ୍ତାରେ ଅଛନ୍ତି। ଆମେରିକାର ପୂର୍ବ ଇତିହାସରୁ ଜଣାଯାଏ ଯେ ପୂର୍ବରୁ ଆଫଗାନିସ୍ତାନ, ସିରିଆ ଏବଂ ଇରାକରେ ଆମେରିକାରେ ଏପରି କାଣ୍ଡ ଘଟାଇଥିଲା। ତେବେ ଭେନେଜୁଏଲାର ତେଲ ଭଣ୍ଡାର ଏହି ଆକ୍ରମଣର ଏକ ପ୍ରମୁଖ କାରଣ ହୋଇପାରେ, କାରଣ ଦେଶର ଅର୍ଥନୀତି ତେଲ ଉପରେ ନିର୍ଭରଶୀଳ। ଆମେରିକାର ଦାବି ଯେ ଏହା ମାଦକ ଆତଙ୍କବାଦ, ମାନବାଧିକାର ଉଲ୍ଲଙ୍ଘନ ଏବଂ ଲୋକତନ୍ତ୍ର ପୁନଃସ୍ଥାପନ ପାଇଁ, କିନ୍ତୁ ବିଶେଷଜ୍ଞମାନେ ଏହାକୁ ଦୁର୍ବଳ ତର୍କ ବୋଲି କହୁଛନ୍ତି। ବ୍ରାଜିଲ୍, ମେକ୍ସିକୋ, ଚୀନ୍, ରୁଷିଆ ଏବଂ ଫ୍ରାନ୍ସ ଭଳି ଦେଶଗୁଡ଼ିକ ଏହି ଆକ୍ରମଣର ନିନ୍ଦା କରିଛନ୍ତି। ବିଶେଷଜ୍ଞମାନେ କହୁଛନ୍ତି

ଯେ ଏହି କାର୍ଯ୍ୟାନୁଷ୍ଠାନ ଅବୈଧ, କାରଣ ଏଠାରେ କୌଣସି ବଡ଼ ସୈନ୍ୟ ଆକ୍ରମଣ ବା ନରସଂହାର ଘଟି ନାହିଁ। ମାଦୁର

୧୮ ଦିନରେ ୭ ମୁଣ୍ଡ ଗଡ଼ିଲାଣି

ବାଂଲାଦେଶରେ ପୁଣି ଜଣେ ହିନ୍ଦୁଙ୍କୁ ହତ୍ୟା

ନୂଆଦିଲ୍ଲୀ,୧୦।୧: ବାଂଲାଦେଶରେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା କରାଯାଇଛି। ଯୁବକଙ୍କ ନାମ ଜୟ ମହାପାତ୍ରୋ। ବାଂଲାଦେଶରେ ହିଂସାତ୍ମକ ପ୍ରତିବାଦ ମଧ୍ୟରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ଜାରି ରହିଛି। ଗତ ୧୮ଦିନରେ ବାଂଲାଦେଶରେ ୭ଜଣ ହିନ୍ଦୁ ଯୁବକଙ୍କୁ ହତ୍ୟା କରାଯାଇଛି। ଜାନୁଆରି ୮ତାରିଖରେ, ସୁନାମଗଞ୍ଜ ଜିଲ୍ଲାର ଦିରାଇ ଉପଜିଲ୍ଲାର ଭଙ୍ଗଦୋହୋର ଗ୍ରାମରେ ଜୟ ମହାପାତ୍ରୋ ନାମକ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା କରାଯାଇଥିଲା ବୋଲି ଜଣାଯାଇଛି। ତାଙ୍କ ପରିବାରର କହିବା ଅନୁଯାୟୀ,

ଜୟଙ୍କୁ ପ୍ରଥମେ ମାଡ ମରାଯାଇଥିଲା ଏବଂ ପରେ ଅମିରୁଲ ଇସଲାମ ନାମକ ସ୍ଥାନୀୟ ମୁସଲିମ୍ ତାଙ୍କୁ ଜୋରଜବରଦସ୍ତ ବିଷ ପିଆଇ ଦେଇଥିଲା। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ବି ବଞ୍ଚାଯାଇପାରି ନଥିଲା। ବାଂଲାଦେଶରେ ହିନ୍ଦୁମାନଙ୍କ ହତ୍ୟା ବୃଦ୍ଧି ପୁଣି ଥରେ ସ୍ପଷ୍ଟ କରିଛି ଯେ, ଯେତେବେଳେ ସରକାରଙ୍କ ନିୟନ୍ତ୍ରଣ ଦୁର୍ବଳ ହୁଏ, ହିନ୍ଦୁ ସଂଖ୍ୟାଲଘୁଙ୍କ ବିରୋଧରେ ହିଂସା ବୃଦ୍ଧି ପାଏ।

ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି, ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ଏବଂ ସେମାନଙ୍କ ଘର ଓ ବ୍ୟବସାୟ ଉପରେ ଉଗ୍ରବାଦୀମାନେ ଆକ୍ରମଣ କରୁଛନ୍ତି। ଆକ୍ରମଣ କରି ଏଥିପାଇଁ ବ୍ୟକ୍ତିଗତ ଶତ୍ରୁତା, ରାଜନୈତିକ ମତଭେଦକୁ ଦାୟୀ କରାଯାଉଛି। ଏପରି ସାମ୍ପ୍ରଦାୟିକ ଘଟଣାଗୁଡ଼ିକର ତୁରନ୍ତ ସମାଧାନ କରିବା ଅତ୍ୟନ୍ତ ଜରୁରୀ। ଏପରି ଅବହେଳା ଅପରାଧୀଙ୍କୁ ସାହସ ଦିଏ ଏବଂ ସଂଖ୍ୟାଲଘୁଙ୍କ ମଧ୍ୟରେ ଭୟ ଏବଂ ଅସୁରକ୍ଷାର ଭାବନାକୁ ଆହୁରି ଗଭୀର କରିଥାଏ। ପ୍ରଶାସନ ଏନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଲଗଗି ଭାରତ ଦାବି କରିଛି।

ଇରାନଙ୍କୁ ଟ୍ରମ୍ପଙ୍କ ଖୋଲା ଧମକ

ଆମେ ଜାଗା ଦେଖି ମାରିବୁ

ୱାଶିଂଟନ, ୧୦।୧: ଇରାନରେ ବୃଦ୍ଧି ପାଉଥିବା ଜନବିଦ୍ରୋହ ମଧ୍ୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତେହେରାନକୁ ଏକ ଖୋଲା ଚେତାବନୀ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ଯଦି ଇରାନରେ ପ୍ରତିବାଦକାରୀଙ୍କୁ ଏଭଳି ହତ୍ୟା କରାଯାଏ, ତେବେ ଆମେରିକା ସିଧାସଳଖ ହସ୍ତକ୍ଷେପ କରିବ। ଯେଉଁଠାରେ ସବୁଠାରୁ ଅଧିକ କ୍ଷତି ପହଞ୍ଚେ ସେଠାରେ ଆକ୍ରମଣ କରିବ। ସେ ସ୍ପଷ୍ଟ କରିଛନ୍ତି ଯେ, ଆମେରିକା ପରିସ୍ଥିତି ଉପରେ କଡ଼ା ନଜର ରଖିଛି।

ହ୍ୱାଇଟ୍ ହାଉସରେ ତୈଳ ଓ ଗ୍ୟାସ କମ୍ପାନୀର ଶୀର୍ଷ ଅଧିକାରୀମାନଙ୍କ ସହିତ ଏକ ବୈଠକ ସମୟରେ ଗଣମାଧ୍ୟମକୁ ସମ୍ବୋଧିତ କରି ଟ୍ରମ୍ପ କହିଛନ୍ତି। ଇରାନ ବହୁତ ବଡ଼ ସମସ୍ୟାରେ ଅଛି। ମୁଁ ଅନୁଭବ କରୁଛି ଯେ, ଲୋକମାନେ ଏପରି ସହର ଦଖଲ କରୁଛନ୍ତି ଯାହାକୁ କେହି କଳ୍ପନା କରିନଥିଲେ। ଟ୍ରମ୍ପ କହିଛନ୍ତି, ଆମେ ପୂର୍ବରୁ ବହୁତ ସ୍ପଷ୍ଟ ଭାବରେ ଚେତାବନୀ ଦେଇଛୁ। ଟ୍ରମ୍ପ ଇରାନରେ ଘଟୁଥିବା ଘଟଣାକୁ ଚକିତକାରୀ ବୋଲି ବର୍ଣ୍ଣନା କରି କହିଛନ୍ତି। ଇରାନରେ କ'ଣ ଘଟୁଛି ତାହା ଦେଖିବା ପ୍ରକୃତରେ ଅବିଶ୍ୱସନୀୟ। ସେମାନେ ସେମାନଙ୍କ ଲୋକଙ୍କ ସହିତ ଭୟଙ୍କର ବ୍ୟବହାର କରିଥିଲେ ଏବଂ ଏବେ ଏହାର ମୂଲ୍ୟ ଦେଉଛନ୍ତି। ଦେଖାଯାଉ ପରବର୍ତ୍ତୀ ସମୟରେ କ'ଣ ଘଟୁଛି। ଆମେ ଏହାକୁ ଅତି ନିକଟରୁ ଦେଖୁଛୁ। ଟ୍ରମ୍ପ ପ୍ରତିବାଦକାରୀଙ୍କ ପାଇଁ ଚିନ୍ତା ପ୍ରକାଶ କରି କହିଛନ୍ତି, ମୁଁ କେବଳ ଆଶା କରୁଛି ଯେ, ଇରାନରେ ପ୍ରତିବାଦକାରୀମାନେ ସୁରକ୍ଷିତ ରହିବେ।

ଇସିଆଇଙ୍କୁ ମମତାଙ୍କ ୩ ପୃଷ୍ଠାର ଚିଠି

'ଏସଆଇଆର୍ ଏକ ଅମାନବୀୟ ନିଷ୍ପତ୍ତି'

କୋଲକାତା ୧୦।୧: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜ୍ୟରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଜାରି ଭୋଟର ଲିଷ୍ଟ ବିଶେଷ ଗହନ ପୁନରୀକ୍ଷଣ (ଏସଆଇଆର)କୁ ଶନିବାର ନିନ୍ଦା କରିବା ସହ କହିଛନ୍ତି ଯେ, ରଚନାତ୍ମକ ହେବ ବୋଲି ଆଶା କରାଯାଉଥିବା ଏହି ପ୍ରକ୍ରିୟା କାରଣରୁ ୭୭ ଜଣଙ୍କ ମୃତ୍ୟୁ ହେଲାଣି ଓ ଅନେକଙ୍କୁ ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡିଛି । ଏ ନେଇ ମମତା ମୁଖ୍ୟ ନିର୍ବାଚନ କମିଶନଙ୍କୁ ୩ ପୃଷ୍ଠାର ପତ୍ର ଲେଖିଛନ୍ତି। ମମତା କହିଛନ୍ତି ଯେ 'ଏହି ପ୍ରକ୍ରିୟା ସାଧାରଣ ଲୋକଙ୍କୁ ହଇରାଣରେ ପକାଇଛି ଓ ଭୋଟର ଲିଷ୍ଟ ସଂଶୋଧନ ବିନା ମାନବୀୟ ନିଷ୍ପତ୍ତିରେ ସମ୍ପୂର୍ଣ୍ଣ ରୂପେ ଟେକ୍ନୋଲଜି ଡାଟା ଆଧାରରେ କରାଯାଉଛି'। ନିର୍ବାଚନ ଆୟୋଗ ଉଚିତ ଯୋଜନା ବିନା ପ୍ରକ୍ରିୟା ଆରମ୍ଭ କରିଛନ୍ତି, ଏଣୁ ଭୟ ଓ ଚାପର ପରିସ୍ଥିତି ଉପୁଜିଛି। ମମତା ନିର୍ବାଚନ ଆୟୋଗଙ୍କୁ ଟାର୍ଗେଟ କରି କହିଛନ୍ତି ଯେ ସଂଶୋଧନ କାରଣରୁ ନାଗରିକଙ୍କ ଉପରେ ଅନୁଚିତ ଚାପ

ସୃଷ୍ଟି କରାଯାଉଥିବା ବେଳେ ସେମାନଙ୍କ ବିରୋଧରେ ପ୍ରଶାସନିକ ଯାଞ୍ଚ ହେଉଛି।

ମମତା କହିଛନ୍ତି ଯେ, ଏହି ପ୍ରକ୍ରିୟାରେ ମାନବୀୟ ହସ୍ତକ୍ଷେପ ଓ ବିବେକର ମହତ୍ୱ ଉପରେ ଆଲୋକପାତ କରି ମମତା କହିଛନ୍ତି ଯେ, ଏହି ସଂଶୋଧନ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଢାଞ୍ଚାର ନିଅଁ। ତେବେ ଏହାର ଶୁଣାଣି ଅନେକାଂଶରେ ଯାନ୍ତ୍ରିକ, ଯାହା ସମ୍ପୂର୍ଣ୍ଣ ଟେକନିକ୍ ଡାଟା ଦ୍ୱାରା ସଞ୍ଚାଳିତ। ଏଥିରେ ବୃଦ୍ଧି, ସମ୍ବେଦନଶୀଳତା ଓ ମାନବୀୟ ସ୍ପର୍ଶର ସମ୍ପୂର୍ଣ୍ଣ ଅଭାବ ରହିଛି, ଯାହା ଏପରି ପ୍ରକ୍ରିୟା ଲାଗି ଅପରିହାର୍ଯ୍ୟ।

ମମତା ଏହି ପ୍ରକ୍ରିୟାକୁ ମହିଳାଙ୍କ ନିମନ୍ତେ ଘୋର ଅପମାନ ବୋଲି କହିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଯେଉଁ ମହିଳା ଭୋଟର ଶାଶୂ ଘର ଛାଡି ଚାଲିଆସିଛନ୍ତି ସେମାନଙ୍କୁ ପଚରା ଉଚରା କରାଯାଉଛି ଓ ପରିଚୟ ନିମନ୍ତେ ଡକା ଯାଉଛି। ବିବାହ ପରେ ସଂଜ୍ଞା ବଦଳି ଯାଇଥିବା ମହିଳାଙ୍କୁ ଶୁଣାଣି ନିମନ୍ତେ ଡକା ଯାଉଛି। ସେ ଅମର୍ତ୍ୟ ସେନ, ଜୟ ଗୋସ୍ୱାମୀ ଓ ମହମ୍ମଦ ସାମୀଙ୍କ ଭଳି ପ୍ରମୁଖ ବ୍ୟକ୍ତିତ୍ୱଙ୍କୁ ଯୋଗ୍ୟତା ସାବ୍ୟସ୍ତ କରିବାକୁ କୁହାଯାଉଥିବା କହିଛନ୍ତି, ଯାହା ବାସ୍ତବିକ ଲଜ୍ଜାଜନକ ବୋଲି ମମତା ବାନାର୍ଜୀ କହିଛନ୍ତି। ପତ୍ର ଶେଷରେ ମୁଖ୍ୟମନ୍ତ୍ରୀ ହାତରେ ଲେଖିଥିବା ଏକ ବାର୍ତ୍ତା ରହିଛି ଯେଉଁଥିରେ ଲେଖିଛନ୍ତି 'ମୁଁ ଜାଣେ ଆପଣ ଉତ୍ତର ବା ସ୍ପଷ୍ଟିକରଣ ଦେବେନି, ତେବେ ବିବରଣୀର ସୂଚନା ଦେବା ମୋର କର୍ତ୍ତବ୍ୟ ଥିଲା'। ମମତା ବାନାର୍ଜୀ ରାଜ୍ୟରେ ଏସଆଇଆର କାଳରେ ହେଉଥିବା 'ଅମାନବୀୟ ବ୍ୟବହାର'କୁ ନେଇ ସୁପ୍ରିମକୋର୍ଟକୁ ଯିବା ପାଇଁ ତାଙ୍କ ଯୋଜନା ଘୋଷଣା କରିଥିଲେ।

ଅସମ୍ଭାଳ ଇରାନର ସ୍ଥିତି

୨୧୭ ପ୍ରତିବାଦକାରୀଙ୍କୁ ଗୁଳିକରି ହତ୍ୟା

ତେହେରାନ,୧୦।୧: ଇରାନରେ ଇସଲାମିକ ଶାସନ ବିରୋଧରେ ଚାଲିଥିବା ପ୍ରତିବାଦ ଏକ ହିଂସାତ୍ମକ ପ୍ରତିବାଦରେ ପରିଣତ ହୋଇଛି। ଇରାନ ସରକାରଙ୍କ ନିର୍ଦ୍ଦେଶରେ ସୁରକ୍ଷା ବାହିନୀ ଅନେକ ସ୍ଥାନରେ ଗୁଳି ଚଳାଇଥିବା ରିପୋର୍ଟ

ଆମେରିକାକୁ ଦାୟୀକଲେ ଖାମେନି

୩୧ଟି ପ୍ରଦେଶକୁ ବ୍ୟାପିଲା ନିଆଁ

ସାମ୍ନାକୁ ଆସିଛି। ରାଜଧାନୀ ତେହେରାନର ଛଅଟି ହସ୍ପିଟାଲରେ ୨୧୭ ଜଣ ପ୍ରତିବାଦକାରୀଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ କରାଯାଇଛି। ମୃତକଙ୍କ ମଧ୍ୟରୁ ଅଧିକାଂଶ ଗୁଳି ମାଡ଼ରେ ପ୍ରାଣ ହରାଇଛନ୍ତି। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନି ଏହି ପ୍ରତିବାଦ ପାଇଁ ଆମେରିକାକୁ ଦାୟୀ କରିଛନ୍ତି। ବିରୋଧ ହେବା ପରଠାରୁ ସରକାର

ଦେଶରେ ଇଣ୍ଟରନେଟ୍ ଏବଂ ଫୋନ୍ ସଂଯୋଗକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ଡିସେମ୍ବର ୨୮ ତାରିଖରେ ଆର୍ଥିକ ସଙ୍କଟର ପ୍ରତିବାଦ କରି ଏହା ଆରମ୍ଭ ହୋଇଥିଲା। ଏବେ ଏହା ଦେଶର ସମସ୍ତ ୩୧ଟି ପ୍ରଦେଶକୁ ବ୍ୟାପିଛି। ଲୋକେ ରାସ୍ତାକୁ ଓହ୍ଲାଇ ଇସଲାମିକ ଶାସନକୁ କ୍ଷମତାରୁ ହଟାଇବାକୁ ଦାବି କରୁଛନ୍ତି। ପ୍ରତିବାଦକାରୀମାନେ ସ୍ୱାଧୀନତା ମାଗିବା ସହ ଏକଛତ୍ରବାଦୀ ମୁର୍ଦାବାଦ ସ୍ଲୋଗାନ ଦେଉଛନ୍ତି।

ଉତ୍ତର ତେହେରାନର ଏକ ପୁଲିସ ଷ୍ଟେସନ ବାହାରେ ମେସିନ୍ ଗନ୍‌ରୁ ଗୁଳି ଚାଳନା କରାଯିବାରୁ ଅନେକ ପ୍ରତିବାଦକାରୀ ଘଟଣାସ୍ଥଳରେ ଚଳି ପଡ଼ିଥିଲେ। ରାଲି ସହ କିଛି ସରକାରୀ କୋଠାରେ ଭଙ୍ଗାରୁଜା ହୋଇଥିବା ରିପୋର୍ଟ ଆସିଛି। ଇରାନୀ ପ୍ରତିବାଦକାରୀମାନେ ତେହେରାନର ଅଲ-ରସୁଲ ମସଜିଦରେ ନିଆଁ ଲଗାଇ ଦେଇଛନ୍ତି। ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନି କହିଛନ୍ତି, ଇସଲାମିକ୍ ଗଣରାଜ୍ୟ ଏଭଳି ଲୋକଙ୍କ ଆଗରେ ମୁଣ୍ଡ ନୁଆଁଇବ ନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଖାମେନିଙ୍କ ନେତୃତ୍ୱାଧୀନ ଇସଲାମିକ୍ ଶାସକକୁ ଚେତାବନୀ ଦେଇଛନ୍ତି ଯେ, ଯଦି ପ୍ରତିବାଦକାରୀମାନଙ୍କୁ ହତ୍ୟା କରାଯାଏ ତେବେ ଭୟଙ୍କର ପରିଣାମ ଭୋଗିବାକୁ ପଡିବ।

ଅଯୋଧ୍ୟା ରାମ ମନ୍ଦିରରେ ନମାଜ ପାଠ ଉଦ୍ୟମ

କାଶ୍ମୀର ବାସିନ୍ଦାଙ୍କୁ ଗିରଫ କଲା ପୁଲିସ

ଅଯୋଧ୍ୟା,୧୦।୧: ଅଯୋଧ୍ୟାର ରାମ ମନ୍ଦିରରେ ନମାଜ ପାଠ କରିବାକୁ ଚେଷ୍ଟା କରି ଫସିଲେ କାଶ୍ମୀରର ଜଣେ ବ୍ୟକ୍ତି। କାଶ୍ମୀର ବାସିନ୍ଦା ନମାଜ ପାଠ କରିବାକୁ ଚେଷ୍ଟା କରୁଥିବା ବେଳେ ତାଙ୍କୁ ପୁଲିସ ଗିରଫ କରିଛି। ଏବେ ଅଯୋଧ୍ୟା ଶ୍ରୀରାମ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜମ୍ମୁକାଶ୍ମୀରର ଶୋପିଆନ ଜିଲ୍ଲାର ବାସିନ୍ଦା ୫୫ ବର୍ଷୀୟ ଅହମଦ ଶେଖ ରାମ ମନ୍ଦିରରେ ନମାଜ ପାଠ କରିବାକୁ ଚେଷ୍ଟା କରୁଥିଲେ। ଶୁକ୍ରବାର ଅହମଦ କଡ଼ା ସୁରକ୍ଷା ବଳୟରେ ଥିବା ରାମ ମନ୍ଦିର ପରିସରରେ ପ୍ରବେଶ କରିଥିଲେ। ମା' ସୀତା ରୋଷେଇ ଘର ଅଞ୍ଚଳରେ ଅହମଦ ନମାଜ ପାଠ କରିବାକୁ ପ୍ରସ୍ତୁତ ହେଉଥିଲେ। ଏହି ସମୟରେ ଶ୍ରଦ୍ଧାଳୁ ତାଙ୍କୁ ଦେଖିଥିଲେ ଏବଂ ସେଠାରେ ନିୟୋଜିତ ସୁରକ୍ଷାକର୍ମୀଙ୍କୁ ଜଣାଇଥିଲେ।

ମନ୍ଦିର ସୁରକ୍ଷାରେ ଥିବା ଅଧିକାରୀ ତାଙ୍କୁ ଧରିଥିଲେ ଏବଂ ପରେ ସ୍ଥାନୀୟ ପୁଲିସକୁ ହସ୍ତାନ୍ତର କରିଥିଲେ। ଯେତେବେଳେ ଅହମଦଙ୍କୁ ନମାଜ ପାଠ କରିବାକୁ ସୁରକ୍ଷା କର୍ମୀ ରୋକିଥିଲେ, ସେ ହଠାତ ସାଂପ୍ରଦାୟିକ ନାରା ଦେଇଥିଲେ। ସେପଟେ ପୁଲିସ ଏବଂ ତଦନ୍ତ ଏଜେନ୍ସି ଅହମଦକୁ ପଚରା ଉଚରା କରୁଛନ୍ତି। ଏହା ପଛରେ ତାଙ୍କର ପ୍ରକୃତରେ କ'ଣ ଉଦ୍ଦେଶ୍ୟ ଥିଲା ତାହା ଜାଣିବାକୁ ଚେଷ୍ଟା କରୁଛି ତଦନ୍ତ ଏଜେନ୍ସି। ସେ କିଭଳି ଓ କାହିଁକି ଅଯୋଧ୍ୟା ଆସିଥିଲେ ସେନେଇ ମଧ୍ୟ ତଦନ୍ତ ଚାଲିଛି। ଆସନ୍ତା ସପ୍ତାହରେ ମକର ସଂକ୍ରାନ୍ତି ଲାଗି ଅଯୋଧ୍ୟା ରାମ ମନ୍ଦିର ପ୍ରସ୍ତୁତ ହେଉଥିବା ବେଳେ ଏଭଳି ଘଟଣା ଚିନ୍ତା ବଢ଼ାଇ ଦେଇଛି।

'ହିଜାବ୍ ପିନ୍ଧା ମହିଳା ଦିନେ ଦେଶର ପ୍ରଧାନମନ୍ତ୍ରୀ ହେବେ'

ମୁମ୍ବାଇ,୧୦।୧: ମହାରାଷ୍ଟ୍ରର ସୋଲାପୁରରେ ପ୍ରଚାର ସମୟରେ ଏଆଇଏମଆଇଏମ ମୁଖ୍ୟ ଅସଦୁଦ୍ଦିନ ଓୱେସି ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ଦେଶରେ ଏପରି ଏକ ଦିନ ଆସିବ, ଯେତେବେଳେ ଜଣେ ହିଜାବ୍ ପିନ୍ଧିଥିବା ମହିଳା ଦେଶର ପ୍ରଧାନମନ୍ତ୍ରୀ ହେବେ। ଓୱେସି ପାକିସ୍ତାନୀ ସମ୍ବିଧାନର ମଧ୍ୟ ଉଲ୍ଲେଖ କରିଛନ୍ତି। ସେ

କହିଛନ୍ତି ପାକିସ୍ତାନୀ ସମ୍ବିଧାନରେ କେବଳ ଗୋଟିଏ ସମ୍ପ୍ରଦାୟର ବ୍ୟକ୍ତି ରାଷ୍ଟ୍ରପତି କିମ୍ବା ପ୍ରଧାନମନ୍ତ୍ରୀ ହେ।ଇପା।ରିବେ ବୋଲି ଉଲ୍ଲେଖ ଅଛି। ତେବେ ଭାରତୀୟ ସମ୍ବିଧାନରେ ସମସ୍ତ ସମ୍ପ୍ରଦାୟର ଲୋକଙ୍କ ପାଇଁ ସମାନ ସ୍ଥାନ ପ୍ରଦାନ କରାଯାଇଛି। ଶାସକ ଦଳକୁ ଟାର୍ଗେଟ କରି ସେ କହିଛନ୍ତି, ଦେଶରେ ଯେଉଁ ଘୃଣା ସୃଷ୍ଟି କରାଯାଉଛି ତାହା ଆଉ ଅଧିକ ଦିନ ଚାଲିବ ନାହିଁ। ଏଭଳି କରୁଥିବା ଦଳ ଧ୍ୱଂସ ପାଇଯିବେ। ସେ କହିଛନ୍ତି, ସୋଲାପୁରରେ ବହୁ ସମସ୍ୟା ରହିଛି। କିନ୍ତୁ ଶାସକ ଦଳର ସେସବୁ ପ୍ରତି କୌଣସି ସମ୍ପର୍କ ନାହିଁ। ବିଜେପି, ସିନ୍ଦେ ଏବଂ ଅଜିତ ପାୱାର ମହାରାଷ୍ଟ୍ରର ଲୋକଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି। ମାତ୍ର ଏହା ଆଉ ବେଶୀ ଦିନ ଚାଲିବ ନାହିଁ।

ଫଡନଭିସ୍, ସିନ୍ଦେ ଏବଂ ପାୱାର ରାଜନୀତି କରୁନାହାନ୍ତି, ବରଂ ଘୃଣା ଉପରେ ଆଧାରିତ ଶାସନ କରୁଛନ୍ତି। ସେମାନେ ସଂଖ୍ୟାଲଘୁ ସମ୍ପ୍ରଦାୟର ବନ୍ଧୁ ନୁହଁନ୍ତି। ସେମାନଙ୍କୁ ଦୁର୍ବଳ କରିବାକୁ ଶାସକ ଚାହୁଁଛନ୍ତି। ସେମାନେ ଦଳିତମାନଙ୍କୁ ସେମାନଙ୍କର ଅଧିକାର ଦେବାକୁ ଚାହାଁନ୍ତି ନାହିଁ, ବରଂ ସେମାନଙ୍କୁ ସେଥିରୁ ବଞ୍ଚିତ କରୁଛନ୍ତି। ସେମାନେ ଚାଷୀଙ୍କ ପାଇଁ କିଛି କରୁନାହାଁନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

କାତାରରେ ପୁଣି ପୂର୍ବତନ ନୌସେନା ଅଧିକାରୀ ଗିରଫ

ନୂଆଦିଲ୍ଲୀ, ୧୦।୧: ଭାରତୀୟ ନୌସେନାର ପୂର୍ବତନ ଅଧିକାରୀ ପୂର୍ଣ୍ଣେନ୍ଦୁ ତିୱାରୀଙ୍କୁ କତାରରେ ପୁଣି ଥରେ ଗିରଫ କରାଯାଇଛି। ପୂର୍ବରୁ ଅନ୍ୟ ସାତଜଣ ଅଧିକାରୀଙ୍କ ସହିତ ସେ ମୁକ୍ତ ହୋଇଥିଲେ ମଧ୍ୟ ତାଙ୍କୁ କତାର ନଛାଡ଼ିବାକୁ କୁହାଯାଇଥିଲା। ତାଙ୍କ ପରିବାର ସଦସ୍ୟ ସେ କେବେ ଭାରତ ଫେରିବେ ସେ ନେଇ ଅପେକ୍ଷା କରିଛନ୍ତି। ପରିବାର ସଦସ୍ୟ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅପିଲ୍ କରିଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଡିସେମ୍ବରରେ କୋର୍ଟଙ୍କ ରାୟ ପରେ ପୂର୍ବତନ ଭାରତୀୟ ନୌସେନା ଅଧିକାରୀଙ୍କୁ ପୁଣି ଗିରଫ କରାଯାଇଛି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି, ତିୱାରୀଙ୍କୁ ଗତ ମାସରେ କତାରରେ ଦୀର୍ଘ ସମୟ ଧରି ଚାଲିଥିବା ଏକ ମାମଲାରେ ଗିରଫ କରାଯାଇଥିଲା। କତାରରେ ଅନ୍ୟ ଅଣ ଭାରତୀୟଙ୍କୁ ମଧ୍ୟ ଗିରଫ କରାଯାଇଛି। ଭାରତୀୟ ଦୂତାବାସ କମାଣ୍ଡର ତିୱାରୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ସହିତ ଯୋଗାଯୋଗରେ ଅଛି। କୋର୍ଟର ନିଷ୍ପତ୍ତି ପରେ ତାଙ୍କୁ ଗିରଫ କରାଯାଇଛି।

ପୂର୍ଣ୍ଣେନ୍ଦୁଙ୍କୁ ପ୍ରଥମେ ଅଗଷ୍ଟ ୨୦୨୨ରେ ଅନ୍ୟ ସାତଜଣ ପୂର୍ବତନ ଭାରତୀୟ ନୌସେନା କର୍ମଚାରୀଙ୍କ ସହିତ ଅଟକ ରଖାଯାଇଥିଲା। କାତାର କର୍ତ୍ତୃପକ୍ଷ ସେମାନଙ୍କ ବିରୋଧରେ ଅଭିଯୋଗ ସାର୍ବଜନୀନ କରି ନଥିଲେ। ସେମାନଙ୍କୁ ଅକ୍ଟୋବର ୨୦୨୩ରେ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଭାରତ ସରକାରଙ୍କ ହସ୍ତକ୍ଷେପ ପରେ, ଫେବ୍ରୁଆରି ୨୦୨୪ରେ ଆଠଜଣଙ୍କୁ ମୁକ୍ତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ସାତଜଣ ଭାରତ ଫେରି ଆସିଥିଲେ। ପୂର୍ଣ୍ଣେନ୍ଦୁଙ୍କୁ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ନେଇ କାତାରରେ ରହିବାକୁ କୁହାଯାଇଥିଲା।

● 'ଅପରେସନ ସିନ୍ଦୂର'କୁ ନେଇ ବଡ଼ ଦାବିକଲେ ସିଡିଏସ୍

ରଣନୀତି ବଦଳାଇବାକୁ ବାଧ ହୋଇଛି ପାକିସ୍ତାନ

ନୂଆଦିଲ୍ଲୀ,୧୦।୧: ଗତ ବର୍ଷ ମେ ମାସରେ ପାକିସ୍ତାନ ବିରୋଧରେ ଅପରେସନ ସିନ୍ଦୂର କରିଥିଲା ଭାରତ। ଏହି ଅଭିଯାନରେ ପାକିସ୍ତାନରେ ଥିବା ଅନେକ ଆତଙ୍କୀ ଠିକଣାକୁ ଧ୍ୱଂସ କରାଯାଇଥିଲା। ଏଥିରେ ଅନେକ ଆତଙ୍କବାଦୀଙ୍କ ମଧ୍ୟ ମୃତ୍ୟୁ ହୋଇଛି। ଆଉ ଏହି ଅପରେସନ ପରେ ଭୟଭୀତ ପାକିସ୍ତାନ ଏବେ ନିଜ ସେନା ରଣନୀତିରେ ହିଁ ପରିବର୍ତ୍ତନ କରୁଛି। ଶନିବାର ଏକ କାର୍ଯ୍ୟକ୍ରମରେ ପ୍ରତିକ୍ରିୟା ରଖି ଏଭଳି କହିଛନ୍ତି

ସିଡିଏସ୍ ଜେନେରାଲ ଅନିଲ ଚୌହାନ। ସେ କହିଛନ୍ତି ଅପରେସନ ସିନ୍ଦୂର ପରେ ପାକିସ୍ତାନ ଯେଉଁ ପରବର୍ତ୍ତନ କରିଛି ସେଥିରୁ ସ୍ପଷ୍ଟ ହେଉଛି ଯେ, ଅପରେସନ ସିନ୍ଦୂର ଇସଲାମାବାଦର ଅଣ୍ଟା ଭାଙ୍ଗିଦେଇଛି। ଗୋଖେଲେ ଇନଷ୍ଟିଚ୍ୟୁଟ୍ ଅଫ୍ ପଲିଟିକ୍ସ ଆଣ୍ଡ ଇକୋନୋମିକ୍ସରେ ପୁନେ ପବ୍ଲିକ୍ ପଲିସି ଫେଷ୍ଟିଭାଲ୍ ୨୦୨୬ରେ ଭାଷଣ ଦେଇ ସିଡିଏସ ଜେନେରାଲ ଅନିଲ ଚୌହାନ କହିଛନ୍ତି, ଅପରେସନ ସିନ୍ଦୂର ପାକିସ୍ତାନକୁ ନିଜର ସୈନ୍ୟ ଏବଂ ସମ୍ବିଧାନିକ ଢାଞ୍ଚାରେ ବଡ଼ ପରିବର୍ତ୍ତନ କରିବାକୁ ବାଧ୍ୟ କରିଛି। ପାକିସ୍ତାନ ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫ୍ କମିଟିକୁ ଶେଷ କରି ଚିଫ୍ ଅଫ୍ ଡିଫେନ୍ସ ଫୋର୍ସେସ୍ର ପଦ ଗଠନ କରିଛି। ଅପରେସନ ସିନ୍ଦୂର, ଏହା ପୂର୍ବରୁ ଉରୀ ସର୍ଜିକାଲ ଷ୍ଟ୍ରାଇକ, ଡୋକଲାମ ଏବଂ ଗଲୱାନ, ବାଲାକୋଟ ଏୟାର ଷ୍ଟ୍ରାଇକ ଭଳି ଆକ୍ରମଣରୁ ଅନେକ ଶିକ୍ଷା ଶିଖିଛି ପାକିସ୍ତାନ। ସେ କହିଛନ୍ତି ଆମେ ଏବେ ଏଭଳି ମନୁ

ହୀରକ ତ୍ରିଭୁଜରେ ହେବ ଗୁରୁ ପଦ୍ମସମ୍ଭବ ପ୍ରାର୍ଥନା ସମାରୋହ

ଭୁବନେଶ୍ୱର,୧୦ ।୧(ସଂଚାର ବ୍ୟୁରୋ): ଲାଇଟ ଅଫ ବୁଦ୍ଧ ଧର୍ମ ଫାଉଣ୍ଡେସନ ଇଣ୍ଟରନ୍ୟାସନାଲ, ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପର୍ଯ୍ୟଟନ ବିଭାଗର ମିଳିତ ସହଯୋଗରେ ଗୁରୁ ପଦ୍ମସମ୍ଭବ ପ୍ରାର୍ଥନା ସମାରୋହର ଦ୍ୱିତୀୟ ସଂସ୍କରଣ ଏବଂ ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀର ଆୟୋଜନ କରାଯିବ। ବିଶ୍ୱବିଖ୍ୟାତ ବୌଦ୍ଧପୀଠ ରତ୍ନଗିରି-ଉଦୟଗିରି-ଲଳିତଗିରି (ଓଡ଼ିଶାର ହୀରକ ତ୍ରିଭୁଜ)ଠାରେ ଜାନୁଆରୀ ୧୧ ରୁ ୧୬ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଜାନୁଆରୀ ୧୪ ଏବଂ ୧୫ ତାରିଖ ଦିନ ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀର ଆୟୋଜନ କରାଯିବ। ଓଡ଼ିଶାରେ ରହିଥିବା ବୌଦ୍ଧ କୀର୍ତ୍ତିରାଜି, ପର୍ଯ୍ୟଟନ ସ୍ଥଳୀ ଏବଂ ବୌଦ୍ଧଧର୍ମର ଇତିହାସ ଏବଂ ପ୍ରଚାର ଓ ପ୍ରସାରରେ ଓଡ଼ିଶାର ଭୂମିକାକୁ ନେଇ ସବିସ୍ତୃତ ଆଲୋଚନା କରାଯିବ। ଓଡ଼ିଶାରେ ରହିଥିବା ବୌଦ୍ଧ ଧର୍ମ ଓ ସଂସ୍କୃତି ସମ୍ବନ୍ଧିତ ପର୍ଯ୍ୟଟନ ସ୍ଥଳୀର ବିକାଶ ସହ ଏହାର ଯେପରି ବହୁଳ ପ୍ରଚାର ଓ ପ୍ରସାର ହୋଇପାରିବ ତାହାକୁ ଲକ୍ଷ୍ୟ ରଖି ଏହି ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀର ଆୟୋଜନ କରାଯାଉଛି।

ଚାଉଳ ଚୋରିଃ ବନ୍ଧାହେଲେ ୩ ଅଭିଯୁକ୍ତ

ଖଡ଼ିଆଳ,୧୦।୧ (ସଂଚାର ବ୍ୟୁରୋ): ଏକ ଚୋରି ଘଟଣାରେ ଖଡିଆଳ ପୁଲିସ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କଠାରୁ ଚୋରି ଚାଉଳ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖଡ଼ିଆଳ ଥାନା ଗୋଇମୁଣ୍ଡି ଗ୍ରାମର ଝଲେନ୍ଦ୍ର ଚଲାନ, ଲାଇବାନିଧି ଚଲାନ ଓ ଘରଧରା ଗ୍ରାମର ଚିତ୍ତଦେବ ବେହେରା। ପୁଲିସ ସୂତ୍ରରୁ ପ୍ରକାଶ ଯେ, ରାୟପୁରରୁ ସିଜି ୦୪ ଏନ୍‌ଏକ୍ସ- ୭୨୭୭ ନଂ. ବିଶିଷ୍ଟ ଟ୍ରକ୍‌ରେ ଗତ ୮ତାରିଖରେ ୭୦୦ ବସ୍ତା ଚାଉଳ ବିଶାଖାପାଟଣା ଯାଉଥିଲା। ଖଡ଼ିଆଳ ଥାନା ଅନ୍ତର୍ଗତ ବଡପୋଲ ଛକ ନିକଟରେ ଟ୍ରକ୍ ଅଟକି ଥିବାବେଳେ ସେଥିରୁ ୨୮୨ ବସ୍ତା ଚାଉଳ ଚୋରି ହୋଇଯାଇଥିଲା। ଏ ନେଇ ରାୟପୁର ଟ୍ରାନ୍ସପୋର୍ଟର ଗୋବିନ୍ଦ ପ୍ରସାଦ ଜିନ୍ଦଲ ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଗିରଫ ଅଭିଯୁକ୍ତଙ୍କଠାରୁ ପୋଲିସ ଚୋରି ହୋଇଥିବା ୨୮୨ ବସ୍ତା ମଧ୍ୟରୁ ୨୪୦ ବସ୍ତା ଉଦ୍ଧାର କରିଛି। ଅବଶିଷ୍ଟ ୪୨ ବସ୍ତା ଚାଉଳ ସେମାନେ ବିକ୍ରି କରିଦେଇଥିବାରୁ ଏ ବାବଦରେ ପୁଲିସ ୫୪,୪୦୦ ଟଙ୍କା ସହ ଚୋରିରେ ବ୍ୟବହୃତ ଦୁଇଟି ଚାରିଚକିଆ ଗାଡି ଜବତ କରିଛି।

ପାକ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ବିବାଦୀୟ ବୟାନ

ନେତାନ୍ୟାହୁଙ୍କୁ ମାଦୁରୋଙ୍କ ଭଳି ତୁର୍କୀ ବନ୍ଦୀକରୁ

● ଆଇସିସି ଗିରଫ ପରୱାନା ଜାରି କରୁ

ଇସଲାମାବାଦ,୧୦।୧: ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଗିରଫ କରାଯାଉ ବୋଲି ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ବିବାଦୀୟ ବୟାନ ଦେଇଛନ୍ତି। ଏକ ଟିଭି ସାକ୍ଷାତକାରରେ ଆସିଫ କହିଛନ୍ତି, ତୁର୍କୀ ନେତାନ୍ୟାହୁଙ୍କୁ ଗିରଫ କରିପାରେ। ନେତାନ୍ୟାହୁଙ୍କୁ ତୁର୍କୀ ଗିରଫ କରୁ ବୋଲି ପାକିସ୍ତାନର ଲୋକମାନେ ପ୍ରାର୍ଥନା କରୁଥିବା ସେ କହିଛନ୍ତି। ଆସିଫ ଆହୁରି ମଧ୍ୟ କହିଛନ୍ତି ଯେ, ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଯେପରି ଅଟକ ରଖାଯାଇଥିଲା, ସେହିପରି ତୁର୍କୀ ନେତାନ୍ୟାହୁଙ୍କୁ ମଧ୍ୟ ଅଟକ ରଖିବା ଉଚିତ। ଆସିଫ୍ ନେତାନ୍ୟାହୁଙ୍କୁ ମାନବତା ବିରୋଧରେ ଜଣେ ବଡ଼ ଅପରାଧୀ ଭାବରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ, ଗାଜାରେ ପାଲେଷ୍ଟାଇନ ଲୋକମାନଙ୍କ ବିରୋଧରେ ଏବେ ଦେଖାଯାଇଥିବା ହିଂସା ଇତିହାସରେ ପୂର୍ବରୁ କେବେ ଦେଖାଯାଇ ନଥିଲା। ଆସିଫ ପାକିସ୍ତାନୀ ନ୍ୟୁଜ ଚାନେଲକୁ ଦେଇଥିବା ସାକ୍ଷାତକାରର ଏକ ଭିଡିଓ କ୍ଲିପ୍ ଏବେ ଭାଇରାଲ ହୋଇଛି। ଆଲୋଚନାବେଳେ ଉପସ୍ଥାପକ ହମିର ମୀର କହିଥିଲେ, ଏହି ମନ୍ତବ୍ୟ ଖୁବ୍ ସମ୍ବେଦନଶୀଳ। ଆସିଫ୍ ପଚାରିଥିଲେ ଏପରି ଅପରାଧୀଙ୍କୁ ଯେଉଁମାନେ ସମର୍ଥନ କରୁଛନ୍ତି, ସେମାନଙ୍କ ପାଇଁ ଆଇନ କ'ଣ କହୁଛି। ହମିଦ ମୀର ଆସିଫଙ୍କୁ ଏହା ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଇଙ୍ଗିତ କରି କହୁନାହାନ୍ତି ତ ବୋଲି ପଚାରିଥିଲେ। ପାକିସ୍ତାନର ଇସ୍ରାଏଲ ସହିତ କୌଣସି କୂଟନୈତିକ ସମ୍ପର୍କ ନଥିବା ବେଳେ ସର୍ବଦା ପାଲେଷ୍ଟାଇନକୁ ସମର୍ଥନ କରିଆସୁଛି। ପାକିସ୍ତାନର ଇରାନ ସହିତ ମଧ୍ୟ ଘନିଷ୍ଠ ସମ୍ପର୍କ ରହିଛି, ଯିଏକି ଇସ୍ରାଏଲର ଦୃଢ଼ ବିରୋଧୀ। ସାକ୍ଷାତକାରରେ ଆସିଫ ଆହୁରି କହିଥିଲେ ଯେ, ଗାଜା ଅପରାଧ ନେଇ ଆନ୍ତର୍ଜାତିକ କ୍ରିମିନାଲ କୋର୍ଟ (ଆଇସିସି) ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ବିରୋଧରେ ଗିରଫ ପରୱାନା ଜାରି କରୁ।

ବାଲି ଚୋରାଚାଲାଣ ୩ ଟ୍ରାକ୍ଟର ଜବତ

ଚମ୍ପୁଆ, ୧୦।୧(ସଂଚାର ବ୍ୟୁରୋ): ବାଲି ଚୋରାଚାଲାଣ ଉପରେ ରୋକ ଲଗାଇବା ପାଇଁ ଅଣ୍ଟା ଭିଡିଛି ବାରିଆ ପୁଲିସ। ବାଲି ଚୋରାଚାଲାଣ କରାଯାଉଥିବା ବେଳେ ଆଜି ଅତର୍କିତ ଚଢ଼ଉ କରାଯାଇ ବାରିଆ ପୁଲିସ ପକ୍ଷରୁ ତିନିଟି ଟ୍ରାକ୍ଟରକୁ ଜବତ କରାଯାଇଛି। ଆଜି ଭୋର୍ ସକାଳୁ ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ମେର୍ମେଦା ନାଳରୁ ବାଲି ମାଫିଆମାନେ ବାଲି ଚୋରାଚାଲାଣ କରୁଥିବା ନେଇ ଖବର ପାଇବା ପରେ ବାରିଆ ପୁଲିସ ପକ୍ଷରୁ ଅତର୍କିତ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉରେ ତିନିଟି ଟ୍ରାକ୍ଟରକୁ ଜବତ କରି ଥାନାରେ ରଖାଯାଇଛି। ତାଙ୍କ ନାମରେ ମାମଲା ରୁଜୁ ହେବ ବୋଲି ବାରିଆ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ, ଜଣେ ଗିରଫ

କେନ୍ଦ୍ରାପଡା,୧୦।୧ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଟାଉନ୍ ଥାନା ଅନ୍ତର୍ଗତ ସୁନାଇଲୋ ଗାଁରେ ଭଡ଼ାଘରୁ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବତୀ ରାଜକନିକା ଥାନା ତରାସ ଗାଁର ପ୍ରତୀକ୍ଷା ନାୟକ ବୋଲି ଜଣାପଡିଛି। ପ୍ରତୀକ୍ଷା କେନ୍ଦ୍ରାପଡା ମ୍ୟୁନିସିପାଲିଟିରେ ସୁଭର ସାଇଜର ଭାବେ ଦୀର୍ଘଦିନ କାର୍ଯ୍ୟ କରୁଥିଲେ। ଘର ସିଲିଂ ଫ୍ୟାନରେ ଏକ ଶାଢ଼ି ଝୁଲି ରହିଥିବା ବେଳେ ଫ୍ୟାନ ବ୍ଲେଡ ବଙ୍କା ହୋଇଯାଇଥିଲା। ତେବେ ତାଙ୍କ ଝିଅ ସହିତ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ପ୍ରତୀକ୍ଷାଙ୍କ ବାପା ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି କପାଳେଶ୍ୱରର ସତ୍ୟନାରାୟଣ ନାୟକଙ୍କୁ ଗିରଫ କରିଛି।

ଘର ପୋଡ଼ି ଲକ୍ଷାଧିକ ଟଙ୍କାର ସଂପତ୍ତି ଭସ୍ମୀଭୂତ

ବେଗୁନିଆ,୧୦।୧(ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ତହସିଲ ଅନ୍ତର୍ଗତ ପଙ୍ଗାରସିଂହ ପଞ୍ଚାୟତର ଚିରାମାରୁ ଆଦିବାସୀ ସାହିରେ ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୮ଟି ପରିବାରର ବାସଗୃହ ସମେତ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଜଳିପୋଡି ଛାରଖାର ହୋଇଯାଇଛି। ସୂଚନା ମୁତାବକ ଶନିବାର ସନ୍ଧ୍ୟା ସମୟରେ କେହି କିଛି ବୁଝିବା ପୂର୍ବରୁ ନିଆଁ ଚିତ୍କାର ଶୁଣି ଯିଏ ଯେଉଁଠି ଥିଲେ ବାଲଟି, ଗରା ଧରି ପାଣିପାଇଁ ଧାଁଧପଡ଼ କରିଥିଲେ। ନିଆଁ ଗୋଟିଏ ଘରୁ ଅନ୍ୟ ଘରକୁ ବ୍ୟାପି ଚାଲିଥିଲା। ବାଙ୍କି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଜଳୁଥିବା ନିଆଁକୁ ଆୟତ କରିବା ବେଳକୁ ନିଆଁରେ ସାହିର ପ୍ରମୋଦ ନାଏକ, ପ୍ରଶାନ୍ତ ନାଏକ, ଲକ୍ଷ୍ମୀଧର ନାଏକ, ବାଉରୀବନ୍ଧୁ ନାଏକ, ବ୍ରଜବନ୍ଧୁ ନାଏକ, ନଞ୍ଚା ନାଏକ, ଶୁଶା ନାଏକ, ବନ୍ଧୁଆ ନାଏକଙ୍କ ପ୍ରମୁଖଙ୍କ ଚାଲଘର, ଆଜବେଷ୍ଟସ ଘର ସମେତ ସମସ୍ତ ଆସବାପତ୍ର ଜଳିପୋଡି ପାଉଁଶ ହୋଇସାରିଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନଥିବା ବେଳେ ବିଦ୍ୟୁତ ସର୍ଟ ସର୍କିଟ ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବାହିନୀ ପ୍ରାଥମିକ ତଦନ୍ତରୁ ଆକଳନ କରିଛି। ରାଜ୍ୟରେ ଶୀତର ଲହରୀ ଜାରି ରହିଥିବା ବେଳେ ଆଗ୍ନିକମାନେ ଏବେ ଖୋଲା ଆକାଶ ତଳେ ରହିଛନ୍ତି। ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ବେଗୁନିଆ ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ କହିଛନ୍ତି ସରକାରଙ୍କ ନିୟମ ଅନୁଯାୟୀ ବିପନ୍ନମାନଙ୍କୁ ସହାୟତା ଯୋଗାଇ ଦିଆଯିବ।

ସିନେମା ହଲରେ ଲାଗିଲା ନିଆଁ

ରାୟଗଡ଼ା,୧୦।୧(ସଂଚାର ବ୍ୟୁରୋ): ଗ୍ଲୋବାଲ ସେନସେସନ 'ବାହୁବଳୀ' ଫେମ୍ ରେବେଲ ଷ୍ଟାର ପ୍ରଭାସଙ୍କ ଆରତି ବେଳେ ସିନେମା ହଲରେ ଲାଗିଲା ନିଆଁ । ରାୟଗଡ଼ା ସହର ସ୍ଥିତ ଅଶୋକ ଟକିଜ୍ ସିନେମା ହଲ୍‌ରେ ଏଭଳି ଘଟଣା ଦେଖିବାକୁ ମିଳିଛି। 'ରେବେଲ ଷ୍ଟାର' ପ୍ରଭାସଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ରାଜା ସାବ୍' ରିଲିଜ୍ ଉପଲକ୍ଷେ ଫ୍ୟାନମାନେ ହଲ୍ ଭିତରେ ଉତ୍ସବ ମନାଉଥିବା ବେଳେ ଏହି ଅଘଟଣ ଘଟିଛି। ସୂଚନା ଅନୁସାରେ, ସ୍ପ୍ରିନ୍ ସାମ୍ନାରେ ପ୍ରଭାସଙ୍କ ଆରତି କରାଯାଉଥିବା ବେଳେ ଅସାବଧାନତାବଶତଃ ଆରତି ଥାଳିଟି ଖସି ପଡ଼ି ଏହି ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ତଳେ ପଡ଼ିଥିବା କାଗଜଗୁଡ଼ିକରେ ନିଆଁ ଲାଗିଯାଇ ସେଠାରେ ଆତଙ୍କ ଖେଳିଯାଇଥିଲା। ତେବେ ଉପସ୍ଥିତ ପ୍ରଶଂସକମାନଙ୍କ ତତ୍ପରତା ଯୋଗୁଁ ନିଆଁକୁ ତୁରନ୍ତ ଆୟତ୍ତ କରାଯାଇଥିଲା।

ପୁଅର ଶବ ଆଣିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ

କେନ୍ଦ୍ରାପଡା, ୧୦।୧(ସଂଚାର ବ୍ୟୁରୋ): ୧୦ବର୍ଷ ହେଲା ସୁଦୂର ତାମିଲନାଡୁ ଯାଇଥିଲା ରୋଜଗାର କରି ମାଆ,ବାପାଙ୍କ ମୁହଁରେ ଆହାର ଦେବାକୁ। ସେଇ ପୁଅକୁ କେହି ତାମିଲନାଡୁରେ ମାରିଦେଇଛି ବୋଲି ପରିବାର ଅଭିଯୋଗ କରିଛନ୍ତି କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ପାଖରେ। ପୁଅର ମୃତଦେହକୁ ଆଣିବା ପାଇଁ ମାଆ କାନ୍ଦି କାନ୍ଦି ନେତା ,ଜିଲ୍ଲାପାଳ ଓ ଏସପିଙ୍କୁ ଗୁହାରି କରିଛି। ଏହି ଭଳି ହୃଦୟ ବିଦାରକ ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ, ଥାନା ଅନ୍ତର୍ଗତ ଗତାନଇ ପଞ୍ଚାୟତ ନାରାୟଣପୁର ଗାଁରେ। ମାର୍ଶାଘାଇ ଥାନା ନାରାୟଣପୁର ଗାଁର ଜଣେ ଯୁବକ ଟୁଟୁ ମଲ୍ଲିକ (୨୩)କୁ ତାମିଲନାଡୁରେ ହତ୍ୟା କରାଯାଇଛି ବୋଲି ମାର୍ଶାଘାଇ ଥାନାରେ ଅଭିଯୋଗ କରିଥିଲେ ପରିବାର। ନ୍ୟାୟ ପାଇବା ନେଇ ମୃତ ଟୁଟୁଙ୍କ ମା' ମାଳତୀ ମଲ୍ଲିକ କେନ୍ଦ୍ରାପଡ଼ା ଆରକ୍ଷୀ ଅଧୀକ୍ଷକ ଓ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି। ପୁଅ ତାମିଲନାଡୁରେ ଶ୍ରମିକ ଭାବେ ସ୍ପିନିଂ ମିଲରେ କାମ କରୁଥିଲା ଓ ହଠାତ୍ ତାଙ୍କ ମୋବାଇଲକୁ ଏକ କଲ ଆସିଲା ଯେ ପୁଅର ମୃତ୍ୟୁ ଘଟିଛି। ପୁଅର ବେକ, ମୁଣ୍ଡ ଓ ଦେହର ବିଭିନ୍ନ ସ୍ଥାନକୁ ହଣା ଯାଇଥିବା ଫଟୋରୁ ଜଣାପଡ଼ିଛି। ତେଣୁ ପୁଅକୁ କେହି ହତ୍ୟା କରିଦେଇଛି ବୋଲି ମାଆ ମାଳତୀ ମୃତ ପୁଅର ଫଟୋ ସହ ମାର୍ଶାଘାଇ ଥାନାରେ ଅଭିଯୋଗ କରିଥିଲେ। ମାର୍ଶାଘାଇ ପୁଲିସ ଏହି ଅଭିଯୋଗ ଗ୍ରହଣ ନକରି ମାଳତୀଙ୍କୁ ଫେରାଇ ଦେଇଥିଲା।

ଭେଙ୍କଟେଶ୍ୱର ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

କଟକ, ୧୦।୧(ସଂଚାର ବ୍ୟୁରୋ): କଟକ ସଦର ଭାଣପୁରସ୍ଥିତ ଭେଙ୍କଟେଶ୍ୱର ଇଂରାଜୀ ମିଡିୟମ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଛି। ଅଧକ୍ଷା ସରୋଜିନୀ ରାଉତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥି ଭାବେ ପରିଚୟ ଓ ପରିଣୀତି ସଂସ୍ଥାର ପ୍ରତିଷ୍ଠାତା ଡଃ ରୋଜାଲିନ ପାଟ୍ଟଶାଣୀ ମିଶ୍ର ଯୋଗଦେଇ କ୍ରୀଡ଼ା ମାଧ୍ୟମରେ ଚରିତ୍ର ଗଠନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେହିପରି ମୁଖ୍ୟ ବକ୍ତା ଭାବେ ଇଫ୍‌କୋ ପାରାଦୀପ ୟୁନିଟର ମୁଖ୍ୟ ପିଆରଓ ଡଃ ପ୍ରସନ୍ନ ବେହେରା କ୍ରୀଡ଼ାର ସାମାଜିକ ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଏହାଛଡ଼ା ସମ୍ମାନିତ ଅତିଥି ଭାବେ ବିଜୟା କନଷ୍ଟ୍ରକ୍ସନ୍ ଆଣ୍ଡ କନସଲଟାନ୍ସି ପ୍ରାଇଭେଟ୍ ଲିମିଟେଡର ମ୍ୟାନେଜିଂ ଡାଇରେକ୍ଟର ତଥା ଉତ୍କଳୀୟ ମିଳିତ ମଞ୍ଚ କୋଲକାତାର ସାଧାରଣ ସମ୍ପାଦକ ବିଜୟ କୁମାର ବାରିକ ଯୋଗଦେଇ କ୍ରୀଡା ଦ୍ୱାରା ମନୋରଞ୍ଜନ ସହ ଶାରିରୀକ ବିକାଶ ହୋଇଥାଏ ବୋଲି ମତ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ଦାସ, ଇଞ୍ଜେରିଆଲ ଓ୍ୱେଲ୍‌ଥର ପ୍ରତିଷ୍ଠାତା ନୀରଜ କଙ୍କଡ଼, ବରିଷ୍ଠ ସାମ୍ବାଦିକ କର୍ମେଶ୍ୱର ସ୍ୱାଇଁ, ଡ. ପ୍ରସନ୍ନ ବେହେରା ଯୋଗଦେଇ କ୍ରୀଡ଼ା ଉତ୍ସବ ପତାକାକୁ ଉଦ୍‌ଘାଟନ କରିଥିଲେ। ସ୍କୁଲ ଏକାଡେମୀର ମୁଖ୍ୟ ଚିନ୍ମୟୀ ସାମଲ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ଚିନ୍ମୟୀ ସାସ୍ମାଲ, ବିଶ୍ୱଜିତା ପଟ୍ଟନାୟକ, କୌଶଲ୍ୟା ମିସ୍, ଶ୍ରୀୟା ମିସ୍, ମଧୁପର୍ଣ୍ଣା ମିସ୍, ମଧୁସ୍ମିତା ମିସ୍, ସୁଚିସ୍ମିତା ମିସ୍, ମଧୁସ୍ମିତା ରାଉତ୍, ଋତୁପର୍ଣ୍ଣା ମିସ୍, ମିହିର ସାର୍ ଓ ଜଗଦୀଶ ସାରଙ୍କ ସହ ଜଲି ଦାସ ଓ ସ୍ୱିଟି ମିସ ସହଯୋଗ କରିଥିଲେ।

ଜଗମୋହନ ନଗରରେ ସେଫ୍ ଡ୍ରିଙ୍କିଙ୍ଗ୍ ୱାଟର ଦିବସ

ଭୁବନେଶ୍ୱର, ୧୦।୧ (ସଂଚାର ବ୍ୟୁରୋ) : ଶନିବାର ଇଣ୍ଡିଆନ ଉଷ୍ଟ୍ରିବ୍ୟୁଟ୍ ଏବଂ ଫାନ୍‌ସା ଇଣ୍ଡିଆ ତରଫରୁ ଜଗମୋହନ ନଗରଠାରେ ନେସନାଲ ହ୍ୟୁମାନ୍ ରାଇଟସ ଡେ ତଫର ସେଫ୍ ଡ୍ରିଙ୍କିଙ୍ଗ ୱାଟର ଦିବସ ପାଳିତ ହୋଇଯାଇଛି। ଏଥିରେ ଆଇଆଇୱାଡି ଡାଇରେକ୍ଟର ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କର୍ମଶାଳାରେ ଶିଶୁବିକାଶ ସମିତି ଭୁବନେଶ୍ୱରର ଶାନ୍ତି ରଞ୍ଜନ ବେହେରା ରାଜ୍ୟର ଆଇନଗତ କ୍ଷମତା ଓ ଦାୟିତ୍ୱ ବୋଧତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଡାକ୍ତର ଶକ୍ତି ପ୍ରସାଦ ଆଚାର୍ଯ୍ୟ ପରିବେଶବିତ୍ ପାନୀୟ ଜଳର ସମସ୍ୟା ଗୁଣବତ୍ତାକୁ ନେଇ ସ୍ନାୟୁ ଲିଙ୍ଗଗତ ସମସ୍ୟା ଏବଂ ଜୀବନ ଜୀବିକାକୁ କିପରି ପ୍ରଭାବିତ କରୁଛି, ଅନେକ ତଥ୍ୟ ସମ୍ବଳିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୨ଟି ସ୍ୱାସ୍ଥ୍ୟସେବୀ ସଂଗଠନ ଅଂଶଗ୍ରହଣ କରିଥିଲେ। ଢେଙ୍କାନାଳର ଆଶୀର୍ବାଦ ସଂଗଠନର ସମ୍ପାଦକ ଅମ୍ବିକା ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ସହ କର୍ମଶାଳାକୁ ପରିଚାଳନା କରିଥିଲେ। ନୟାଗଡର ପଲ୍ଲୀ ବିକାଶ ସମିତିର ପ୍ରସନ୍ନ କୁମାର ପଣ୍ଡା ଉପସ୍ଥିତ ସମସ୍ତ ସଂଗଠନର ପ୍ରତିନିଧିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଅପରାହ୍ନ ଅଧିବେଶନରେ ଫାନ୍‌ସା ଇଣ୍ଡିଆ ତରଫରୁ ଗତ ଅକ୍ଟୋବର ମାସର ୩୦ ଓ ୩୧ ତାରିଖରେ ହୋଇଥିବା କର୍ମଶାଳାର ଫଲୋଅପ କାର୍ଯ୍ୟକ୍ରମ ଅନୁଯାୟୀ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ ପାଇଁ ଆଞ୍ଚଳିକ କାର୍ଯ୍ୟକ୍ରମ ପନ୍ଥା ନିର୍ଦ୍ଧାରିତ କରାଗଲା। ଏହି ଅଧିବେଶନକୁ ଫାନ୍‌ସା ଓଡ଼ିଶାର ସଭ୍ୟ ପ୍ରଦୀପ କୁମାର ସାହୁ ପରିଚାଳନା କରିଥିଲେ।

ହେରୋଇନ ଜବତ, ଜଣେ ଗିରଫ

ପାରାଦୀପ,୧୦।୧(ସଂଚାର ବ୍ୟୁରୋ) : ଆଜି ପୁଣି ୭୮ ଗ୍ରାମ ହେରୋଇନ ଜବତ କରିଛି ପାରାଦୀପ ଅବକାରୀ ବିଭାଗ। ବନ୍ଦର ନଗରୀ ପାରାଦୀପରେ ଏହି ଧଳା ଜହର କମିବାର ନା ଧରୁ ନଥିବା ବେଳେ ଏହାର ଚାହିଦା ବଢ଼ିବାରେ ଲାଗିଛି। କୌଣଷି ସୂତ୍ରରୁ ଖବର ପାଇ ପାରାଦୀପ ଅବକାରୀ ବିଭାଗ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ମହାନ୍ତି, ଏଏସଆଇ ଗୟାଧର ସେଠି ଏବଂ ନିଜ ଟିମ ସହ ଇଫକୋ ଛକ ନିକଟରେ ହେରୋଇନ ବିକ୍ରି କରୁଥିବା ବ୍ରଜେନ ମଣ୍ଡଳ କୁ କାବୁ କରିବା ସହିତ ତାକୁ ଗିରଫ କରିଛନ୍ତି। ତା ନିକଟରୁ ୭୮ ଗ୍ରାମ ହେରୋଇନ ଜବତ କରାଯାଇ ଥିବାବେଳେ ତାକୁ ଆଜି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଛାତ୍ରଛାତ୍ରୀ...

ମା'ଙ୍କ ସହ ଆଲୋଚନା କରିବେ। କ'ଣ ପାଇଁ ସ୍କୁଲ ଅଧାରୁ ଛାଡ଼ିଛି, ତାର କାରଣ ପଚାରି ବୁଝିବେ। ଏହା ପଛରେ ସାମାଜିକ-ଅର୍ଥନୈତିକ, ପ୍ରବାସୀ ଶ୍ରମିକ କିମ୍ବା ଅନ୍ୟ କାରଣ କ'ଣ ରହିଛି, ତା' ବୁଝିବେ। ଏପରିକି ପିଲାଙ୍କୁ ପୁଣି ଥରେ ସ୍କୁଲରେ ନାମ ଲେଖାଇବେ। ଏହା ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ ପାଇଁ କାର୍ଯ୍ୟକାରୀ ବାଧତାମୂଳକ ବୋଲି ଉକ୍ତ ଚିଠିରେ କୁହାଯାଇଛି। ସେହିପରି ଯଦି ଘର ପରିଦର୍ଶନ ସମୟରେ ସୂଚନା ମିଳେ ଯେ ଆର

ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଦୁର୍ନୀତିର ନିରବ କଣ୍ଟ୍ରୋଲ୍ ରୁମ୍

ଯାଜପୁର,୧୦।୧ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାରେ ଆଜି ଆଇନ ନାମକ କିଛି ଅଛି କି ? ନା ସବୁକିଛି ଦଲାଲ, ସିଣ୍ଡିକେଟ୍ ଓ ଦୁର୍ନୀତିବାଜଙ୍କ ଇଶାରାରେ ଚାଲୁଛି? ଯେଉଁ ଜିଲ୍ଲାର ଦାୟିତ୍ୱ ନେଇଛନ୍ତି ଜିଲ୍ଲାପାଳ ଅମ୍ବର କୁମାର କର, ସେଠାରେ ଦିନ ଦିପହରରେ ଚାଲେ ଅବୈଧ କାରବାର, ସରକାରୀ ଧନର ଲୁଟ୍ ଓ ପ୍ରଶାସନିକ ବେନିୟମ ଚାଲିଛି, ଆଉ ଜିଲ୍ଲାପାଳ କେବଳ ଦର୍ଶକ।

ବାଲିଘାଟରୁ ପଞ୍ଚାୟତ ପର୍ଯ୍ୟନ୍ତ, ବିକାଶ କାମରୁ ଭୂମି ମାମଲା ପର୍ଯ୍ୟନ୍ତ ଯାଜପୁର ଜିଲ୍ଲା ଏବେ ଏକ ଦୁର୍ନୀତି ମ୍ୟାପ୍। କେଉଁଠି କେଉଁ ଅଧିକାରୀ, କେଉଁ ଦଲାଲ ସହ ସବୁ ଖୋଲା ରହସ୍ୟ। କିନ୍ତୁ ଏହି "ରହସ୍ୟ" ଜିଲ୍ଲାପାଳଙ୍କ ଆଖିକୁ କାହିଁକି ଦେଖାଯାଉନି? ସାଧାରଣ ଲୋକ ଅଭିଯୋଗ ନେଇ ଗଲେ ଫାଇଲ୍ ହେଉଛି, ତାରିଖ ମିଳୁଛି, ନ୍ୟାୟ ମିଳୁନି କିନ୍ତୁ ଦଲାଲ ଦ୍ୱାର ଗଲେ ନ୍ୟାୟ ମିଳୁଛି, ମିନିଟ୍‌ରେ କାମ ହେଇଯାଉଛି। ଏହା ପ୍ରଶାସନ ନୁହେଁ, ଏହା ଏକ ସୁରକ୍ଷିତ ଲୁଟ୍ ବ୍ୟବସ୍ଥା। ଜିଲ୍ଲାପାଳ କ'ଣ ଜାଣୁନାହାନ୍ତି? ଜାଣି ମଧ୍ୟ କିଛି ନଜାଣିବା ଭଳି କରୁଛନ୍ତି? ତେବେ ଏହା ଅପରାଧୀୟ ନିରବତା। ଜିଲ୍ଲାପାଳ ହେଉଛନ୍ତି ଜିଲ୍ଲାର ସର୍ବୋଚ୍ଚ ପ୍ରଶାସନିକ ମୁଖ୍ୟ। ତେବେ ପ୍ରଶ୍ନ ସିଧା - ଦୁର୍ନୀତି ଚାଲିଲେ ଦାୟି କିଏ? ଅବହେଳାର ଦାମ କିଏ ଦେବ? ଜିଲ୍ଲାପାଳ କାହା ପାଇଁ କାମ କରୁଛନ୍ତି - ଜନତା, ନା ଲୁଟେରା? ଯାଜପୁରବାସୀ ଆଉ "ତଦନ୍ତ ହେବ" ଶୁଣିବାକୁ ଚାହୁଁନାହାନ୍ତି। ସେମାନେ ଚାହୁଁଛନ୍ତି- କାର୍ଯ୍ୟାନୁଷ୍ଠାନ, ନାମ ପ୍ରକାଶ। ଯାଜପୁରରେ ଦୁର୍ନୀତି ଯଦି ବଢୁଛି, ତାହାର ମୂଳ କାରଣ ହେଉଛି ପ୍ରଶାସନର ନିରବ ସମର୍ଥନ।

ନରେଗାରେ ଗାନ୍ଧୀଙ୍କ ନାମକୁ ପୁନଃ ନ ଯୋଡ଼ିଲେ ହେବ ତୀବ୍ର ପ୍ରତିବାଦ

ଖୋର୍ଦ୍ଧା,୧୦।୧ (ସଂଚାର ବ୍ୟୁରୋ): ଅଖିଳ ଭାରତ କଂଗ୍ରେସ କମିଟି ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଆଜି ସମସ୍ତ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଜରିଆରେ ଜନସାଧାରଣଙ୍କୁ ମହାତ୍ମା ଗାନ୍ଧୀ ନରେଗା ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଯିବା ସମ୍ପର୍କରେ ସଚେତନ କରାଯାଇଛି।

ଏହି କ୍ରମରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା ଯୋଗଦେଇ କହିଲେ ଯେ ୟୁପିଏ ସରକାର ସମୟରେ ବେକାରୀ ଲୋକଙ୍କୁ କାମ ଦେବା ଉଦ୍ଦେଶ୍ୟରେ ପ୍ରଣୟନ ହୋଇଥିବା ମହାତ୍ମା ଗାନ୍ଧୀ ନରେଗା ଯୋଜନାରେ କୋଟି କୋଟି ଜନସାଧାରଣ ଉପକୃତ ହେଉଥିଲେ। ଖୁବ ନିକଟରେ ବିଜେପି ଷଡଯନ୍ତ୍ର କରି ମହାତ୍ମା ଗାନ୍ଧୀଙ୍କ ନାମକୁ ହଟାଇ ନୂତନ ଯୋଜନା କରି ଏହି ଯୋଜନାର ଲକ୍ଷ୍ୟ ପୂରଣ ଦିନରେ ପ୍ରତିବନ୍ଧକ ସାଜିଛନ୍ତି। ଏହାକୁ କଂଗ୍ରେସ ଦଳ ତୀବ୍ର ବିରୋଧ କରି ରାଜରାସ୍ତାକୁ ଓହ୍ଲାଇଛି । ଯେ ପର୍ଯ୍ୟନ୍ତ କେନ୍ଦ୍ର ସରକାର ଏହାକୁ ପୂର୍ବଭଳି ମହାତ୍ମା ଗାନ୍ଧୀଙ୍କ ନାମ ନ ଯୋଡ଼ନ୍ତି କଂଗ୍ରେସ ଦଳ ରାହୁଲ ଗାନ୍ଧୀ ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଦୃଢ଼ ପ୍ରତିବାଦ କରିବ ବୋଲି ଶ୍ରୀ ଜୟଦେବ ଜେନା କହିଥିଲେ ।

ସେହିଭଳି ରାଜ୍ୟରେ ବିଜୁଳି ଉପଭୋକ୍ତା ମାନଙ୍କୁ ଟାଟା କମ୍ପାନୀ ଯେଉଁଭଳି ଭାବରେ ଶୋଷଣ କରୁଛି ତାହା ଅତ୍ୟନ୍ତ କ୍ଷୋଭର ବିଷୟ। ମନମୁଖି ଶୁଳ୍କ, ସ୍ମାଟ ମିଟର ପାଇଁ ଦେୟ ଉପଭୋକ୍ତା ମାନଙ୍କୁ ଆର୍ଥିକ ସଂକଟ ମଧ୍ୟକୁ ଠେଲି ଦେଇଛି ବୋଲି ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ କହିଥିଲେ। ସେହିପରି ରାଜ୍ୟରେ ଧାନର ଅଭାବି ବିକ୍ରୀ ଉତ୍କଟ ହେଲାଣି। ମଣ୍ଡିରେ ଶହ ଶହ ବସ୍ତା ଧାନ ପଡ଼ିରହିଛି । ଯେତିକି ଧାନ ଉଠୁଛି କଟନି ଛଟନି ଚାଷୀଭାଇ ମାନଙ୍କୁ ଅତ୍ୟନ୍ତ ବାଧୁଛି । ଏ ସମସ୍ତ ଦିଗ ପ୍ରତି ସରକାର ସଚେତନ ନହେଲେ ଆଗାମୀ ଦିନରେ କଂଗ୍ରେସ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ରାଜୀବ ପଟ୍ଟନାୟକ ଚେତାବନୀ ଦେଇଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ପୃଥ୍ୱିବଲଭ ପଟ୍ଟନାୟକ, ସ୍ୱାଗତିକା ପଟ୍ଟନାୟକ, ପ୍ରଦୀପ ସ୍ୱାଇଁ, ଶିଶିର ପରିଡ଼ା, ରଞ୍ଜିତ ମହାପାତ୍ର, ଅମିତ ମହାନ୍ତି, ଅଶୋକ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ ।

ମୁମ୍ବାଇରେ ଚମକୁଛି ନୀଳଗିରି ଟେରାକୋଟା ଷ୍ଟଲ୍

● କିଣିବା ପାଇଁ ବିଦେଶୀ ଦର୍ଶକଙ୍କ ପ୍ରବଳ ଭିଡ଼

ନୀଳଗିରି,୧୦।୧ (ସଂଚାର ବ୍ୟୁରୋ): ନୀଳଗିରି ଉପଖଣ୍ଡ ଅଧିନସ୍ଥ ଔପଦା ବ୍ଲକ ଈଶ୍ୱରପୁର ପଂଚାୟତ ଚିତ୍ତାମଣି ପୁର ଗ୍ରାମ ଟେରାକୁଟା ହସ୍ତଶିଳ୍ପୀ ରମେଶ ଚନ୍ଦ୍ର ମୁଦୁଲି ତାଙ୍କ ହାତ ତିଆରି ଟେରାକୁଟା ଷ୍ଟୋଲ ମୁମ୍ବାଇ ରେ ଚମକୁଛି। ଆଧୁନିକ ଯୁଗରେ ଯେଉଁଠି ମାଟି ପାତ୍ର ଗୁଡିକ ବ୍ୟବହାର ଲୋପ ପାଇଯାଉଛି। ସେଇଠି ରାଜ୍ୟ ,ଦେଶ ,ବିଦେଶ ରେ ଗରାଖ ଙ୍କ ଭିଡ଼ କିଣିବା ପାଇଁ ଦେଖିବାକୁ ମିଳିଛି ନୀଳଗିରି ଅଞ୍ଚଳ ପୁଅ ନିଜ କଳା ର ଯାଦୁବଳରେ ପ୍ରଶଂସା ସାଉଁଟି ଛନ୍ତି। ବିଶେଷ କରି ଆମ ବାଲେଶ୍ୱର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଆଜି ର ଆଧୁନିକ ଯୁଗରେ ମାଟି ପାତ୍ର କିମ୍ବା, ମାଟିରେ ତିଆରି ହୋଇଥିବା ଘରେ ନିତିଦିନ ବ୍ୟବହାର କରାଯାଉଥିବା ସରଞ୍ଜାମ ଗୁଡିକ ବେଶ ଆକର୍ଷଣୀୟ ଓ ସୁନ୍ଦର ହୋଇଛି। ତେଣୁ ସେ ବର୍ତମାନ ମୁମ୍ବାଇ ବାନ୍ଦରା ସ୍ଥିତ, ତରସା କ୍ରାଫ୍ଟ ଏକ୍ସହିବିଟି ଏକ୍ସଫଲ୍ଲର ହେଣ୍ଡମେଡ଼ ୨୦୨୬ ଅନୁଷ୍ଠିତ ହେଉଛି।

ଜାନୁଆରୀ ୯ତାରିଖରୁ ୧୧ତାରିଖ ପର୍ଯ୍ୟନ୍ତ ତାଙ୍କ ହାତ ତିଆରି ମାଟିରେ ସୁନ୍ଦର ସୁନ୍ଦର କାରୁ କାର୍ଯ୍ୟ ପ୍ରଦର୍ଶନ କରି ବେଶ ପ୍ରଂଶସା ସାଉଁଟିବା ସହିତ ବିକ୍ରିକରି ନିଜର ରୋଜଗାରକୁ ବେଶ ବଢ଼ାଇ ପାରିଛନ୍ତି । ତାଙ୍କର ଲକ୍ଷ୍ୟ ଟେରାକୋଟା ହସ୍ତଶିଳ୍ପ ମାଧ୍ୟମରେ ପୃଥିବୀ ସମସ୍ତ ଦେଶ ସହ ବ୍ୟବସାୟିକ ସମ୍ପର୍କ ଯୋଡିବା, ତେଣୁ ରମେଶଙ୍କ ଏପରି ଉଦ୍ୟମକୁ କାଞ୍ଜଗରଡି ସରପଂଚ ରାଜେନ୍ଦ୍ର କୁମାର ରାଉତ, ସମିତିସଭ୍ୟ ଭାଗବତ ଖିଲାର, ସମାଜସେବୀ ଅମିତି ବଳିୟାର ସିଂ, ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକ, ସାମ୍ବାଦିକ ବିଜୟ କୁମାର ପ୍ରଧାନ, ଈଶ୍ୱରପୁର ପଞ୍ଚାୟତ ପୂର୍ବତନ ସରପଂଚ ସନାତନ ଜେନା ପ୍ରମୁଖ ପ୍ରଶଂସା କରିଛନ୍ତି।

ଲୋକଙ୍କ ସରକାରରେ ଲୋକଙ୍କ ଟଙ୍କା ବାଟବଣା

କାକଟପୁର/ଅସ୍ତରଙ୍ଗ,୧୦।୧ (ସଂଚାର ବ୍ୟୁରୋ): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଜନ ମଙ୍ଗଳକାରୀ ଯୋଜନା କାର୍ଯ୍ୟକାରୀ କରି ବ୍ଲକ ପ୍ରଶାସନ ମାଧ୍ୟମରେ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବା ସହ ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ସରକାର ଚେଷ୍ଟିତ। କିନ୍ତୁ କିଛି ଅସାଧୁ କର୍ମଚାରୀ ସରକାରୀ ଅର୍ଥକୁ ବାଟମାରଣା କରୁଥିବା ବେଳେ ସାଧାରଣ ଲୋକ ସୁବିଧା ପାଇବାରୁ ବଞ୍ଚିତ।

ଖବର ମୁତାବକ, ପୁରୀ ଜିଲ୍ଲା କାକଟପୁର ପଂଚାୟତ ସମିତି କାର୍ଯ୍ୟାଳୟ ସାମ୍ନାରେ ବୁଧବାର ଠାରୁ ପଂଚାୟତ ସମିତି ଅଧୀନ ନିର୍ବାଚିତ ଲୋକ ପ୍ରତିନିଧିମାନେ ୫ଦଫା ଦାବୀ ନେଇ ଧାରଣା ଦେଇଛନ୍ତି। ପ୍ରତ୍ୟେକ ପଂଚାୟତକୁ ଆସୁଥିବା ଅନୁଦାନରେ ନିମ୍ନମାନର କାମ ହେଉଛି। ଉନ୍ନୟନ

କାମରେ ପିସି କାରବାର ବୃଦ୍ଧି ପାଉଛି। ପ୍ରତ୍ୟେକ ପଂଚାୟତ କାମକୁ ଭିଜିଲାନ୍ସ ତଦନ୍ତ ହେବା ଜରୁରୀ ବୋଲି ଲୋକ ପ୍ରତିନିଧି ଅଭିଯୋଗ କରିଛନ୍ତି। ନ ହେଲେ ଭବିଷ୍ୟତରେ କାକଟପୁର ବ୍ଲକ ଯେ ଦୁର୍ନୀତିର ଗଢ଼ାଘର ପାଲଟିଯିବ, ଏଥିରେ ସନ୍ଦେହ ନାହିଁ।

ଅନ୍ୟ ପଟେ ଏ ଘଟଣାକୁ ନେଇ କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ କହିଛନ୍ତି ଖୁବଶୀଘ୍ର କାର୍ଯ୍ୟ ତ୍ୱରାନ୍ୱିତ କରାଯିବ। ଏହାସହ ଛତୁଆ କେନ୍ଦ୍ର ଗୁଡିକୁ ଅଧିକାରୀମାନେ ପରିଦର୍ଶନ କରି ମାନ ନିମ୍ନଧରଣ କରିଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। କାକଟପୁର ଗୋଷ୍ଠି ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତି କହିଛନ୍ତି ପିସି ସମ୍ପୂର୍ଣ୍ଣ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି, ଠିକାଦାରଙ୍କୁ ଜଣାଇ ଦେଉଛି କାହାକୁ ପିସି ଦିଅନ୍ତୁନାହିଁ, ଯେଉଁ ଅଧିକାରୀ ନେଉଛନ୍ତି ଉପଯୁକ୍ତ ପ୍ରମାଣ ସହ ଦାଖଲ କରନ୍ତୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପେକ୍ଷା କେବେ ୫ଗୋଟି ଦାବୀ ମଧ୍ୟରୁ ପିସି କେବେ ବନ୍ଦ ସହ ଅନ୍ୟାନ୍ୟ ଦାବୀ ଉପରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ନଜର ଦେଉଛନ୍ତି।

ଚରମସ୍ତରରେ ପିସି କାରବାର

ଯନ୍ତ୍ରୀ ନେଉଛନ୍ତି ମୋଟା ଅଙ୍କର ପିସି

ଭିଜିଲାନ୍ସ ତଦନ୍ତ କେବେ ?

ଗୋଲାପ ଦେଇ ଭିନ୍ନ ଶୈଳୀରେ ସଡ଼କ ସୁରକ୍ଷା ସଚେତନତା

କାକଟପୁର/ଅସ୍ତରଙ୍ଗ,୧୦।୧ (ସଂଚାର ବ୍ୟୁରୋ): ଗୋଲାପ ଫୁଲ ଏବଂ ଚକୋଲେଟ ଦେଇ ଭିନ୍ନ ଶୈଳୀ ରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା। କୋଣାର୍କ ପୋଲିସ ଓ ଛାତ୍ର, ଛାତ୍ରୀ ମିଳିତ ହୋଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍ଥାନୀୟ ସ୍ୱେଚ୍ଛାସେବୀ ମାନଙ୍କ ସହିତ କୋଣାର୍କ ଥାନା ଅଧିକାରୀ ସାମିଲ ହୋଇ ରାସ୍ତାରେ ଯାତାୟତ କରୁଥିବା ବାଇକି ଚାଳକ ଓ ମୋଟର ଚାଳକ ଙ୍କୁ ଗୋଲାପ ଫୁଲ ଏବଂ ଚକୋଲେଟ ପ୍ରଦାନ କରି ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସଡ଼କ ସୁରକ୍ଷା ନିୟମ ମାନିବା ସହ ବାଇକି ଚଳାଇବା ସମୟରେ ହେଲମେଟ ପିନ୍ଧିବା ସହ ମୋଟର ଚାଳକ ଙ୍କୁ ସିଟ ବେଲ୍ଟ ବାନ୍ଧି ନିୟମ ମାନିବାକୁ ପରାମର୍ଶ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ କୋଣାର୍କ ଅଞ୍ଚଳର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

ବଡଗାଁସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଫୁଲବାଣୀ,୧୦।୧ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ବାଲିଗୁଡା ଏନଏସି ବଡଗାଁସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ପଦ୍ମିନୀ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ମୁଖ୍ୟବକ୍ତା ଭାବେ କୁର୍ତ୍ତମଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବ୍ଲକ ମଙ୍ଗଳ ଅଧିକାରୀ ଦୀପକ କହଁର, ରେବିଙ୍ଗିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ସିଂ, କୋଟଗଡ ସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରାସାୟନ ବିଭାଗର ଅଧାପକ ଦିବାକର ସିଂ, ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶିଶିର କୁମାର ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଲିଲି ମଲିକ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

ବିଦ୍ୟାଳୟରେ 'ସପ୍ତଶକ୍ତି ସଙ୍ଗମ' କାର୍ଯ୍ୟକ୍ରମ

ଯାଜପୁର,୧୦।୧ (ସଂଚାର ବ୍ୟୁରୋ): ବିଦ୍ୟା ଭାରତୀ, ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଯୋଜନାରେ 'ସପ୍ତଶକ୍ତି ସଙ୍ଗମ' କାର୍ଯ୍ୟକ୍ରମ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଯାଜପୁର ନଗରର ଆନୁକୂଲ୍ୟରେ ବହୁ ଆଡମ୍ବର ସହକାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ମାତୃ ଭାରତୀ ସଂଗଠନର ସଂଯୋଜିକା ସରୋଜିନୀ ମିଶ୍ରଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିବା ବେଳେ ବିଦ୍ୟାଳୟର ଯୁଗ୍ମ ସମ୍ପାଦିକା ମନୋଜ ମଞ୍ଜରୀ ରାୟ ସଭାପତିତ୍ୱ କରିଥିଲେ। ପ୍ରଣତୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ "ପର୍ଯ୍ୟାବରଣ ସୁରକ୍ଷା ଓ କୁଟୁମ୍ବ ପ୍ରବୋଧନ" ବିଷୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ନାରୀ ଶକ୍ତିର ଜାଗରଣ ଓ ମହିଳାମାନଙ୍କୁ ସଶକ୍ତ କରିବା। ଏହି ଅବସରରେ ପ୍ରାୟ ୨୦୦ରୁ ଅଧିକ ମହିଳା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିଥିଲେ। ଏହି ଅବସରରେ ସମାଜ ସେବାରେ ଅବଦାନ ପାଇଁ ସରୋଜିନୀ ପଣ୍ଡା ଓ ଡେଜି ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଯୁବନେତା ଦୀପକ ବିଶ୍ୱାଳଙ୍କ ଶକ୍ତି ପ୍ରଦର୍ଶନ

ପାରାଦୀପ,୧୦।୧ (ସଂଚାର ବ୍ୟୁରୋ): ରାଜ୍ୟରେ ଏବେ ପ୍ରବଳ ଶୀତ ଲହରି ଜାରି ରହିଛି। ଆଉ ଏହି ଶୀତ ଦିନରେ ନାଉଗାଁ ରାଜନୀତିରେ ଉଷ୍ମତା ଭରି ଦେଇଛନ୍ତି ଯୁବନେତା ଦୀପକ ବିଶ୍ୱାଳ। ବ୍ୟବସାୟରୁ ହଠାତ ଆସି ନାଉଗାଁ ଅଞ୍ଚଳରେ ଲୋକଙ୍କ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହ ବିଭିନ୍ନ ଲୋକଙ୍କ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଖୁବ ଚର୍ଚ୍ଚାରେ ରହି ଆସୁଥିଲେ। ଗତ କିଛିଦିନ ମଧ୍ୟରେ ଯୁବକ ମାନଙ୍କୁ ତାଙ୍କ ପ୍ରତି ଆକର୍ଷିତ କରିବାରେ ସେ ନିଜ ସଂଗଠନ ତିଆରି କରି ସମସ୍ତଙ୍କୁ ତାଜୁବ କରି ଦେଇଥିବା ବେଳେ ଆଜି

ଆନୁଷ୍ଠାନିକ ଭାବେ ନିଜ ସମର୍ଥକ ମାନଙ୍କୁ ଧରି ସେ ପଦ୍ମ ଧରିଛନ୍ତି। ଆଜି ବିଶାଳ ଶୋଭାଯାତ୍ରାରେ ସ୍ଥାନୀୟ ସାଂସଦ ଡଃ ବିଭୁ ପ୍ରସାଦ ତରାଇଙ୍କ ସମେତ ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର ଓ ବହୁ ବରିଷ୍ଠ ବିଜେପି ନେତା ନାଉଗାଁ ଡେରିକି ଅଞ୍ଚଳରେ ଏକ ବିରାଟ ମିଶ୍ରଣ ପର୍ବରେ ସାମିଲ ହୋଇଥିବା ବେଳେ ଯୁବନେତା ଦୀପକ ବିଶ୍ୱାଳଙ୍କ ସମେତ ନାଉଗାଁ ବ୍ଲକର ୧୬ ଗୋଟି ପଞ୍ଚାୟତର ପ୍ରାୟ ପାଞ୍ଚଶହରୁ ଉର୍ଦ୍ଧ୍ୱ କଂଗ୍ରେସ ଓ ବିଜେଡି କର୍ମୀ ବିଜେପି ଦଳରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ଦୀପକ ବିଶ୍ୱାଳଙ୍କ ସହ ସାମିଲ ଥିବା ଯୁବକ, ବୟୋଜ୍ଯେଷ୍ଠ ଓ ମହିଳାମାନେ ସଭା ମଞ୍ଚରେ ନିଜକୁ ସାମିଲ କରି ବିଜେପି ଦଳୀୟ ପତାକା ଓ ଟୋପି ପରିଧାନ କରି ଦଳରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ନାଉଗାଁ ବ୍ଲକ ଦଖଲକୁ ବିଜେପି ନେବ ବୋଲି ସାଂସଦ ଡଃ ତରାଇ ପ୍ରକାଶ କରିଛନ୍ତି। ସେହିପରି ଦୀପକଙ୍କ ପରି ଜଣେ ଯୁବ ନେତୃତ୍ୱକୁ ଆମେ ପାଇ ବେଶ ଉତ୍ସାହିତ ବୋଲି ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର ପ୍ରକାଶ କରିଛନ୍ତି।

ସିଡିପିଓଙ୍କ ରେଗିଡ଼ି ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ

ହିଞ୍ଜିଳିକାଟୁ,୧୦।୧ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଭାବେ ବିଜୟଲକ୍ଷ୍ମୀ ପାଢ଼ୀ ଶୁକ୍ରବାର ଦାୟିତ୍ୱ ନେଇଛନ୍ତି। ଦାୟିତ୍ୱ ଗ୍ରହଣ ପରେ ସିଡିପିଓ ଯୋଗ ଦେଇ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ। ଗତ ୬ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଉକ୍ତ ପଦବୀ ଖାଲି ପଡ଼ିଥିବା ବେଳେ କୁକୁଡାଖଣ୍ଡି ସିଡିପିଓ ଅତିରିକ୍ତ ଦାୟିତ୍ୱ ତୁଲାଇ ଆସୁଥିଲେ। ଓଜନ ଉତ୍ସବରେ ରେଗିଡ଼ି ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ପାଠୀ, ଆଇସିଡ଼ିଏସ ସୁପରଭାଇଜର ଉମା ପାତ୍ର, ଅଙ୍ଗନବାଡ଼ି କର୍ମୀ ଚିନ୍ମୟୀ ସାହୁ, ସୁନୀତା ପାଣିଗ୍ରାହୀ, ମିନାକ୍ଷୀ ପଟ୍ଟନାୟକ ଓ ସଜନୀ ଡାକୁଆ ଉପସ୍ଥିତ ଥିଲେ।

ଏସଏସଡ଼ି ବାଲିଆଣ୍ଟର ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ନୀଳଗିରି,୧୦।୧ (ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ ଭଉଁରିଆବାଡ ଗ୍ରାଃପ ଅନ୍ତର୍ଗତ ବାଲିଆଣ୍ଟର ସରକାରୀ ଏସଏସଡ଼ି ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ଯୋଗଦେଇ ଅନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ବିଧାୟକ ଶ୍ରୀଯୁକ୍ତ ଖଟୁଆ ନିଜ ଅଭିଭାଷଣରେ ପିଲାଙ୍କ ଭବିଷ୍ୟତ ଉଜ୍

ସମ୍ବଲପୁରକୁ ୫୦ଟି ନୂଆ ଇ-ବସ୍

୨୫ ଇ-ବସ୍ ସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

- ଅତ୍ୟାଧୁନିକ ବସ୍ ଟର୍ମିନାଲ ମଧ୍ୟ ଉଦ୍‌ଘାଟିତ
- ବସ୍‌ର ରକ୍ଷଣାବେକ୍ଷଣ ପାଇଁ ୨୩୮.୧୪ କୋଟି

ଭୁବନେଶ୍ୱର, ୧୦।୧ (ସଂଚାର ବ୍ୟୁରୋ): ସମ୍ବଲପୁରବାସୀଙ୍କ ଗମନା ଗମନକୁ ସୁଗମ ଏବଂ ସୁବ୍ୟବସ୍ଥିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ୨୫ଟି ନୂଆ ଇ-ବସ୍‌ର ଶୁଭାରମ୍ଭ କରିବା ସହିତ ଚଳିତ ମାସ ଶେଷ ସୁଦ୍ଧା ଆଉ ୨୫ଟି ଇ-ବସ୍‌ର ବ୍ୟବସ୍ଥା କରାଯିବ ବୋଲି ଘୋଷଣା କରିଛନ୍ତି। ସମ୍ବଲପୁରରେ ସମୁଦାୟ ୫୦ଟି ଇ-ବସ୍ ଚାଲିବ।

ସମ୍ବଲପୁରକୁ ଦୁଇ ଦିନିଆ ଗସ୍ତରେ ଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ଆଜି ଏହି ଇ-ବସ ସେବାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଗଣମାଧ୍ୟମକୁ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ବସ ଗୁଡିକର ପରିଚାଳନାକୁ ସୁବ୍ୟବସ୍ଥିତ କରିବା ପାଇଁ ଅଇଁଠାପାଲି ଠାରେ କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ ବା କ୍ୟୁଟ ର ଅତ୍ୟାଧୁନିକ ବସ୍ ଟର୍ମିନାଲ ମଧ୍ୟ ଆଜି ଉଦ୍‌ଘାଟନ କରାଯାଇଛି। ଏଥିସହିତ ଆଗାମୀ ୧୦ ବର୍ଷ ପର୍ଯ୍ୟନ୍ତ ଟର୍ମିନାଲ ଏବଂ ବସ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ୨୩୮ କୋଟି ୧୪ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି। ଏହି ବସ୍ ବ୍ୟବସ୍ଥା ଦ୍ୱାରା ସମ୍ବଲପୁର ବାସୀଙ୍କ ଯାତାୟାତ ବ୍ୟବସ୍ଥା ସୁଦୃଢ ହୋଇପାରିବ ବୋଲି ସେ କହିଥିଲେ।

ସେ ଆହୁରି କହିଥିଲେ, ଏହି ବସ ଗୁଡିକରେ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ହ୍ୱିଲ ଚେୟାରର ବ୍ୟବସ୍ଥା କରିବା ସହିତ ଯାତ୍ରୀମାନଙ୍କର ସୁରକ୍ଷା ଏବଂ ସୁବିଧା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ଡିଜିଟାଲ ପେମେଣ୍ଟ ସହିତ ଡିଜିଟାଲ ପେମେଣ୍ଟରେ ରିହାତିର ବ୍ୟବସ୍ଥା ମଧ୍ୟ ଏହି ବସରେ କରାଯାଇଛି। ଇ-ବସ୍ ହୋଇଥିବାରୁ ପରିବେଶ ପ୍ରଦୂଷଣକୁ ହ୍ରାସ କରିବାରେ ଏହି ବସ୍ ଗୁଡିକ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମ ଅବସରରେ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ଭାରତୀୟ ଜନତା ପାର୍ଟି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

ଛୋଟ ହେବ ବଡ଼ ବସ୍

- ସବୁ ବସ୍‌ରେ ପାଣି ଟାଙ୍କି ବାଧତାମୂଳକ
- ବିଭାଗର ନିଷ୍ପତ୍ତିକୁ ବସ ମାଲିକ ସଂଘର ବିରୋଧ

ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ): ଏଣିକି ସବୁ ବଡ଼ ବସ ଛୋଟ ହେବ। ପରିବହନ ବିଭାଗର ନିର୍ଦ୍ଦେଶନାମା ଅନୁସାରେ ସବୁ ବସର ପଛ କଟାଯାଇ ଛୋଟ କରାଯିବ। ବସରେ ଥିବା ପାର୍ଟିସନ ଡୋରକୁ ଖୋଲିଦିଆଯିବ। ବସ ମଝିରେ ଭେଷ୍ଟିଲେଟର ବ୍ୟବସ୍ଥା କରାଯିବ ଓ ପାଣିଟାଙ୍କି ବ୍ୟବସ୍ଥା ବି କରାଯିବ। ୨୦୨୧ ମସିହା ପରେ ଯେଉଁ ଗାଡ଼ି କିଣାଯାଇଛି, ସେସବୁରେ ଏପରି ବ୍ୟବସ୍ଥା କରିବାର ନିୟମ ଅଛି। ତେଣୁ ସବୁ ଗାଡ଼ି ପାଇଁ ଏହି ନିୟମ କରାଯାଉଥିବାରୁ ସଂଘ ଏହାକୁ ବିରୋଧ କରିଛି। ପରିବହନ ମନ୍ତ୍ରୀ କହିଛନ୍ତି ଯେ ସ୍ଲିପର କୋଚ ବସ ପାଇଁ ଯେଉଁ ନିୟମ ଥିଲା, ସେହି ନିୟମକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ବସରେ ରହିବ ପାଣି ଟ୍ୟାଙ୍କି ଓ ସବୁ ବସରେ ସ୍ପ୍ରିଙ୍କଲର ଲଗାଇବାକୁ ବାଧତାମୂଳକ କରାଯିବ। କୋର୍ଟଙ୍କ ନିର୍ଦ୍ଦେଶ ରହିଥିବାରୁ ଏହାକୁ କଡ଼ାକଡ଼ି ପାଳନ କରାଯିବ ବୋଲି ପରିବହନ ମନ୍ତ୍ରୀ ବିଭୂତି ଜେନା କହିଛନ୍ତି। ଏନେଇ ଆଜି ପରିବହନ ମନ୍ତ୍ରୀଙ୍କ ସରକାରୀ ବାସଭବନରେ ଏକାଠି ହୋଇଥିଲେ ବସ୍ ମାଲିକ ସଂଘର ସଦସ୍ୟଗଣ। ବସ୍ ମାଲିକ ସଂଘର ଦାବି ହେଉଛି, ଯଦି ସବୁ ବସ୍‌ର ବଡି ଓ ଛାତ କଟାଯିବ, ତେବେ ବସ ମାଲିକମାନେ ଅଧିକ ଖର୍ଚ୍ଚାନ୍ତ ହେବେ। ନୂଆ ବଡି କୋର୍ଡ ନିୟମ ଅନୁସାରେ, ଏସବୁ କରିବା ପରେ ବସ୍ ସଂଘକୁ ଏଥିଲାଗି ସାର୍ଟିଫିକେଟ ମିଳିବ। ତେବେ ଏହି ସାର୍ଟିଫିକେଟ ଦେବାକୁ ଓଡ଼ିଶାରେ କୌଣସି ବ୍ୟବସ୍ଥା ନାହିଁ। ଏପରି ବ୍ୟବସ୍ଥା କରାଗଲେ ତେଣୁ ପରିବହନ ବିଭାଗ ନିୟମ କୋହଳ ନ କଲେ, ଏହା ବିରୋଧରେ ହାଇକୋର୍ଟର ଆଶ୍ରମ ନେବ ସଂଘ। ରାଜ୍ୟ ସରକାରଙ୍କ ଗୋଟିଏ ପରେ ଗୋଟିଏ ନୂଆ ନିୟମକୁ ନେଇ ବସ ମାଲିକ ସଂଘ ମଧ୍ୟ ଆପତ୍ତି ଉଠାଇଛି।

ନବୋଦୟ ବିଦ୍ୟାଳୟ ଜଣ୍ଡିସ ଘଟଣା

ସ୍କୁଲ ରୋଷେଇ ପାଣିରୁ ବ୍ୟାପିଛି ଜଣ୍ଡିସ: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର ୧୦।୧(ସଂଚାର ବ୍ୟୁରୋ): ସାମ୍ନାକୁ ଆସିଲା ଜଣ୍ଡିସ ବ୍ୟାପିବାର କାରଣ। ଏନେଇ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ସେ କହିଛନ୍ତି ସ୍କୁଲ୍ ରୋଷେଇ ଘରେ ପାଇପ୍ ଫାଟି ପାଣି ଦୂଷିତ ହୋଇଥିଲା। ସେହି ପାଣିରୁ ଜଣ୍ଡିସ ବ୍ୟାପିଥିବା ଜଣାପଡିଛି। ପାଣି ରିପୋର୍ଟ ଆସିବା ପରେ ଏହି ତଥ୍ୟ ସାମ୍ନାକୁ ଆସିଛି। ତେଣୁ ପାନୀୟ ଜଳ ଯୋଗାଣ ହେଉ କିମ୍ବା ୱାଟରୋ ସମସ୍ତେ କିଭଳି ସ୍ୱଚ୍ଛ ପାନୀୟ ଯୋଗାଇ ଦେବେ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେ ଆହୁରି କହିଛନ୍ତି ସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣରେ ଅଛି। 'ସ୍ୱଚ୍ଛ ପାନୀୟ ଜଳ ଯୋଗାଇବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସବୁ ମ୍ୟୁନିସିପାଲିଟିକୁ ସଜାଗ ରହିବାକୁ କୁହାଯାଇଛି।

ସୂଚନା ଥାଉକି, ବହୁ ଛାନ୍‌ଭିନ୍ ପରେ ଖୋର୍ଦ୍ଧା ପିଏମ୍ ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟରେ ବିସ୍ଫୋରକ ରୂପ ନେଇଥିବା ଜଣ୍ଡିସ୍‌ର କାରଣ ପଦାକୁ ଆସିଛି। ପୂରା ବିଦ୍ୟାଳୟକୁ ଯେଉଁଠାରୁ ଜଳଯୋଗାଣ ହେଉଥିଲା, ସେହି ଓଭରହେଡ୍ ଟାଙ୍କିରୁ ଜଣ୍ଡିସ୍ ଭୂତାଣୁ ଚିହ୍ନଟ କରାଯାଇଛି। କେବଳ ସେତିକି ନୁହେଁ, ରୋଷେଇଶାଳାରୁ ବି ଏ ଭୂତାଣୁ ଚିହ୍ନଟ ହୋଇଛି ବୋଲି ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ଓଭରହେଡ୍ ଟାଙ୍କିରୁ ଆରମ୍ଭ କରି ଭୂତାଣୁ ରୋଷେଇଶାଳା ଯାଏଁ ପହଞ୍ଚି ୮୦ରୁ ଅଧିକ ପିଲାଙ୍କୁ ଜଣ୍ଡିସ୍ ଆକ୍ରାନ୍ତ କରି ଚାଲିଥିଲା, ଅଥଚ ବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ଜାଣି ପାରୁନଥିଲେ କେମିତି? ପୂର୍ବରୁ ବିଦ୍ୟାଳୟ କର୍ତ୍ତୃପକ୍ଷ କି' ପ୍ରକାର ଜଳ ନମୁନା ପରୀକ୍ଷଣ କରୁଥିଲେ ବୋଲି ଅଭିଭାବକ ମହଲ ପ୍ରଶ୍ନ କରିଛନ୍ତି।

ବ୍ୟବସାୟୀଙ୍କୁ ବରଗଡ଼ରୁ ଉଠାଇନେଲା କୋଲକାତା ପୁଲିସ

ବରଗଡ଼,୧୦।୧(ସଂଚାର ବ୍ୟୁରୋ): ବରଗଡ଼ର ସୁନା ଗହଣା ବ୍ୟବସାୟୀ ହେମନ୍ତ ବର୍ମାଙ୍କୁ କୋଲକାତା ପୁଲିସ ଉଠାଇ ନେଇଥିବା ଜଣାପଡ଼ିଛି। ତେବେ କୋଲକାତା ପୁଲିସ ତରଫରୁ ମିଳିଥିବା ସୂଚନା ଅନୁଯାୟୀ ଦାନୱାର ଜୁଏଲର୍ସର ମାଲିକ ହେମନ୍ତ ବର୍ମା କୋଲକାତାରୁ ଲକ୍ଷାଧିକ ଟଙ୍କାର ସୁନା ଆଣି ଟଙ୍କା ଦେଇନଥିଲେ। ଯେଉଁଥିପାଇଁ ତାଙ୍କ ନାଁରେ କୋଲକାତା ଥାନାରେ ମାମଲା ରୁଜୁ ହେବା ପରେ ପୁଲିସ ବରଗଡ଼ରେ ପହଞ୍ଚି ସୁନା ଦୋକାନୀଙ୍କୁ ଉଠାଇ ନେଇଛି। ବରଗଡ଼ ପୁଲିସ ସହାୟତା ନେଇ କୋଲକାତା ପୁଲିସ ଏସଆଇ ପ୍ରଶାନ୍ତ କର ଦାଶ, ଏସଆଇ କବିତା ସାମନ୍ତ ପ୍ରମୁଖ ବରଗଡ଼ ଆସିଥିବା ଜଣାପଡ଼ିଛି। ତେବେ ବରଗଡ଼ର ପ୍ରତିଷ୍ଠିତ ସୁନା ବେପାରୀଙ୍କୁ କୋଲକାତା ପୁଲିସ ଉଠାଇ ନେବା ଘଟଣା ବରଗଡ଼ରେ ଏବେ ଚର୍ଚ୍ଚାର ବିଷୟ ହୋଇଛି ।

ଏକାମ୍ରକାନନରେ ଆୟୋଜିତ ପୁଷ୍ପ ପ୍ରଦର୍ଶନୀକୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ବୁଲି ଦେଖୁଛନ୍ତି।

୧୨ ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୧୦।୧ (ସଂଚାର ବ୍ୟୁରୋ): ଆସନ୍ତା ଜାନୁଆରୀ ୧୨ ତାରିଖ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ଜାନୁଆରୀ ୧୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦ ପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ବେନାମୀ ଆକାଉଣ୍ଟରେ ୬.୨୭ କୋଟି ଠକେଇ

ଫୁଲବାଣୀ, ୧୦।୧(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ସାଇବର୍ ଥାନା ପୁଲିସ ଏକ ବଡ଼ଧରଣର ଠକେଇର ପର୍ଦ୍ଦାଫାସ କରିଛି। ବିଭିନ୍ନ ବ୍ୟାଙ୍କ୍‌ରେ ଖୋଲା ଯାଇଥିବା ୧୬ଟି ବେନାମୀ ଆକାଉଣ୍ଟ ଜରିଆରେ ୬ କୋଟି ୨୭ ଲକ୍ଷ ଟଙ୍କାର ସାଇବର୍ ଠକେଇ ହୋଇଥିବା ପୁଲିସ ତଦନ୍ତରୁ ଜାଣିପାରିଛି। ଏହାର ମାଷ୍ଟରମାଇଣ୍ଡ୍ ଜଣେ ବ୍ୟାଙ୍କ୍ କର୍ମଚାରୀଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଭୁବନେଶ୍ୱରର ସୂର୍ଯ୍ୟୋଦୟ ବ୍ୟାଙ୍କ୍‌ରେ କାମ କରୁଥିବା ତୁଷାରକାନ୍ତି ଦାସ, ଫୁଲବାଣୀର ଅବିନାଶ ମହାପାତ୍ର, କିରଣ କୁମାର ବେହେରା, ଗୋପାଳ ସିଂ ଓ ବାଦଲ କୁମାର ସ୍ୱାଇଁ। ଏହି ଘଟଣାରେ ୧୦ ଜଣ ବେନାମୀ ଆକାଉଣ୍ଟଧାରୀଙ୍କୁ ଘରତୀୟ ନ୍ୟାୟ ସଂହିତା ୟୁ/ଏସ୍ ୩୫ ଅନୁସାରେ ନୋଟିସ୍ ଜାରି କରାଯାଇଛି। ଏହାର ତେର ଦେଶ ବାହାର ପର୍ଯ୍ୟନ୍ତ ଲମ୍ବିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ଚୀନ୍‌କୁ ମଧ୍ୟ ଟଙ୍କା ଯାଇଥିବା କହିଛନ୍ତି ଅତିରିକ୍ତ ଏସ୍‌ପି ରମେନ୍ଦ୍ର ପ୍ରସାଦ। ସମସ୍ତ ଆକାଉଣ୍ଟ୍ ଅଚଳ କରାଯାଇଛି। ଘଟଣାର ଅଧୁକ ତଦନ୍ତ ଚାଲିଥିବ। ଅତିରିକ୍ତ ଏସ୍‌ପି ଶୁକ୍ରବାର ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । କ୍ରାଇମବ୍ରାଞ୍ଚ ପକ୍ଷରୁ ଜିଲ୍ଲା ସାଇବର୍ ସେଲ୍‌କୁ ଜିଲ୍ଲାରେ ଥିବା ଏକାଧିକ ବ୍ୟାଙ୍କ୍ ଆକାଉଣ୍ଟ ମଧ୍ୟମରେ ସାଇବର୍ ଠକେଇ ହେଉଥିବା ସୂଚନା ଦିଆଯାଇଥିଲା। ଆକାଉଣ୍ଟ ଦେଣ ନେଣ ଏବଂ ଫୋନ୍ କଲ୍‌କୁ ଆଧାର କରି ପୁଲିସ ମାଷ୍ଟରମାଇଣ୍ଡ୍ ଭୁବନେଶ୍ୱରରୁ ଉଠାଇ ଆଣି ପଚରାଉଚରା କରିବା ପରେ ସମସ୍ତ ତଥ୍ୟ ପଦାକୁ ଆସିଛି।

ସିଂହବାହିନୀ ପାର୍ଟି ମାଲିକଙ୍କୁ କୋର୍ଟ ନୋଟିସ୍

ଭୁବନେଶ୍ୱର ୧୦।୧(ସଂଚାର ବ୍ୟୁରୋ) : ବଢୁଛି ଯାତ୍ରା କଳି। ଜଲିଉଡ୍ ଷ୍ଟାର ପୀଯୂଷ ତ୍ରିପାଠୀଙ୍କୁ କୋର୍ଟ ନୋଟିସ ଦେଇଛନ୍ତି। ଆସନ୍ତା ୧୨ ତାରିଖରେ ହାଜର ହେବା ପାଇଁ କୋର୍ଟଙ୍କ ନିର୍ଦ୍ଦେଶ ଆସିଥିଲା। ଯାହାଙ୍କୁ ନେଇ ପ୍ରତିକ୍ରିୟା ରଖିଛନ୍ତି ପୀଯୂଷ। ସେ କହିଛନ୍ତି ଯେ, ମୁଁ କୋର୍ଟରେ ହାଜର ହେବି। ନ୍ୟାୟପାଳିକା ଉପରେ ମୋର ଭରଷା ଅଛି। ଘଟଣା ସେତେ ବଡ଼ ନୁହେଁ, ଯାହା ହେବ ଭଲ ହେବ। ଯେପର୍ଯ୍ୟନ୍ତ ମଞ୍ଚ ନଚଢିବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି, ସେପର୍ଯ୍ୟନ୍ତ ଯାତ୍ରା କରିବିନି। କୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବି। ସେହିପରି ସିଂହବାହିନୀ ମାଲିକ ସଂଜୀବ ପାଢୀଙ୍କୁ ମଧ୍ୟ କୋର୍ଟ ପକ୍ଷରୁ ନୋଟିସ ଆସିଛି। ସୂର୍ଯ୍ୟମନ୍ଦିର ମାଲିକଙ୍କ ପକ୍ଷରୁ ଦାୟର ହୋଇଥିବା ଏତଲାର ଶୁଣାଣି କରି କୋର୍ଟ ଏହି ନୋଟିସ ଦେଇଛନ୍ତି। ପ୍ରଥମେ ପୀଯୂଷଙ୍କୁ ଆସିଥିଲା, ଆଉ ଏବେ ସିଂହବାହିନୀ ଯାତ୍ରା ପାର୍ଟି ମାଲିକଙ୍କୁ ନୋଟିସ ଆସି। ଯାତ୍ରାରୁ ବିଶ୍ରାମ ନେଇଥିବା ଜଲିଉଡ୍ ସୁପରଷ୍ଟାର ପୀଯୂଷ ତ୍ରିପାଠୀ ନୂଆବର୍ଷରେ ମଞ୍ଚ ଚଢିଥିଲେ। ଜାନୁଆରୀ ୫ ତାରିଖରେ ଯାତ୍ରା ସିଂହବାହିନୀର ନାଟକ 'ତୁ ମୋ ବଜରଙ୍ଗୀ' ଜରିଆରେ ଏଣ୍ଟ୍ରି କରିଥିଲେ। ଏହି ନାଟକ ଏବଂ ପୀଯୂଷଙ୍କ ଅଭିନୟ ଦେଖିବାକୁ ହଜାର ହଜାର ଦର୍ଶକ ଅନଲାଇନରେ ଆଗୁଆ ଟିକଟ୍ ବୁକ୍ କରିଥିଲେ। ଚଣ୍ଡିଖୋଲରେ ନାଟକଟି ମଞ୍ଚସ୍ଥ ହୋଇଥିଲା ବେଳେ ଏବେ କଟକର ଟାଙ୍ଗୀରେ ନାଟକ ମଞ୍ଚାୟନ ହୋଇଥାନ୍ତା। ହେଲେ ନୂଆବର୍ଷରୁ ପୀଯୂଷ ମଞ୍ଚ ଚଢିବାକୁ ନେଇ ଅପେରା ସୂର୍ଯ୍ୟମନ୍ଦିର ଓ ଯାତ୍ରା ସିଂହବାହିନୀ ମଧ୍ୟରେ ଟଣାଓଟରା ଆରମ୍ଭ ହୋଇଛି। କଳି କୋର୍ଟରେ ପହଞ୍ଚିଥିଲା ବେଳେ ଯାତ୍ରାର ଝମେଲା ଆହୁରି ବଢ଼ିଯାଇଛି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ପୀଯୂଷ ମଞ୍ଚକୁ ଚଢ଼ିପାରିବେନି ବୋଲି ଭୁବନେଶ୍ୱର ସିଭିଲ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ଯାତ୍ରା ପାର୍ଟି ସହ ବୁକ୍ତି ଖିଲାପ କରିବା ମାମଲାରେ ଅଦାଲତ ଏହି ରୋକ୍ ଲଗାଇଛନ୍ତି। ଆଗାମୀ ଶୁଣାଣି ତାରିଖ ଆସନ୍ତା ୧୨କୁ ଧାର୍ଯ୍ୟ କରାଯାଇଛି।

ପ୍ରଦୂଷଣ ଯାଞ୍ଚକୁ ନେଇ ମୁହାଁମୁହିଁ ଅରୁଣ-ବିଭୂତି

- ଲାଗୁ ହେବ ଲୋକଙ୍କୁ ନ ବାଧିଲା ଭଳି ଜରିମାନା
- ଟେଷ୍ଟିଂ ସେଣ୍ଟର ପାଲଟିଛି ପିକନିକ ସ୍ପଟ୍: ଅରୁଣ
- ଛାଟ ପଡ଼ିବା ପରେ ଅମାନିଆ ବେଶୀ କହୁଛନ୍ତି : ବିଭୂତି

ଭୁବନେଶ୍ୱର,୧୦।୧(ସଂଚାର ବ୍ୟୁରୋ): ପ୍ରଦୂଷଣ ପ୍ରମାଣପତ୍ର ଓ ଲୋକଙ୍କ ଉପରେ ଲଗାଯାଇଥିବା ଜରିମାନାକୁ ନେଇ ଏବେ ଅଡୁଆରେ ରାଜ୍ୟ ସରକାର। ଲୋକଙ୍କ ଆକ୍ରୋଶର ଶିକାର ହେଉଛନ୍ତି ରାଜ୍ୟର ବିଜେପି ନେତାଏ। ଏହି ପ୍ରସଙ୍ଗରେ ବିରୋଧୀ ମଧ୍ୟ ସରକାରଙ୍କୁ ଶାଣିତ ସ୍ୱରରେ ଟାର୍ଗେଟ୍ କରୁଛନ୍ତି। ସେପଟେ ବିରୋଧୀଙ୍କୁ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମଧ୍ୟ ପାଲଟା ଜବାବ ଦେଇଛନ୍ତି। ସେ କହିଛନ୍ତି ଯେ ଛାଟ ପଡ଼ିବା ପରେ ଅମାନିଆ ବେଶୀ କହୁଛନ୍ତି। ମିଡିଆରେ ରହି ଲୋକଙ୍କ ନିକଟତର ହେବା ପାଇଁ ଚାହୁଁଛନ୍ତି। ପୂର୍ବରୁ ୧୦ ହଜାର ଜରିମାନା ଯେଉଁମାନେ ଲାଗୁ କରିଥିଲେ, ସେମାନେ ଏବେ ବେଶୀ ରାଜନୀତି କରୁଛନ୍ତି।

ସେ କହିଛନ୍ତି ଯେ ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଚାଁହୁଁଛନ୍ତି। ପରିବେଶକୁ ଦୃଷ୍ଟିରେ ରଖି ପ୍ରଦୂଷଣ ପ୍ରମାଣପତ୍ର କରାଇବାକୁ ବାଧତାମୂଳକ କରାଯାଇଛି। ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରଦୂଷଣ ଜରିମାନା ବି କମିବ। ମଧ୍ୟପ୍ରଦେଶରେ ୨ ହଜାର ଟଙ୍କା ଜରିମାନା ଥିବା ବେଳେ ଲୋକଙ୍କୁ ନ ବାଧିଲା ଭଳି ନୂଆ ଜରିମାନା ବ୍ୟବସ୍ଥା ଓଡ଼ିଶାରେ ଲାଗୁ ହେବ। ସରକାର ଏନେଇ ବିଚାର କରୁଥିବା ଶ୍ରୀ ଜେନା କହିଛନ୍ତି। ଲୋକଙ୍କ ପାଇଁ ଜରିମାନାକୁ ଏବେ ସମ୍ପୂର୍ଣ୍ଣ କୋହଳ କରାଯାଇଛି। ମାର୍ଚ୍ଚ ସୁଦ୍ଧା ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) କରାଇନେବାକୁ ସମସ୍ତଙ୍କୁ ନିବେଦନ କରାଯାଇଛି। ଯାଞ୍ଚ ଅଧିକାରୀମାନେ ଜାଣିବାକୁ କରାଯାଇଛି ଗ୍ରୀନ ଷ୍ଟିକର ସିଷ୍ଟମ, କିନ୍ତୁ ଏହା ବାଧତାମୂଳକ ନୁହେଁ।

ପ୍ରଦୂଷଣ ଯାଞ୍ଚ ପାଇଁ ଜନସାଧାରଣଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଆସନ୍ତା ଏପ୍ରିଲ ପହିଲା ପର୍ଯ୍ୟନ୍ତ ପ୍ରଦୂଷଣ ନ ଥିଲେ ଜରିମାନା ନ ଲଗାଇବାକୁ ରାଜ୍ୟ ପରିବହନ ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଟୋଲ ଗେଟରେ ଇ-ଡିଟେକ୍ସନରେ କଟୁଥିବା ଏ ସମ୍ବନ୍ଧୀୟ ଜରିମାନାକୁ ମଧ୍ୟ ସ୍ଥଗିତ ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ସେହିଭଳି ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ମୋଟର ଯାନ ଆଇନ ଅନୁଯାୟୀ ଲାଗୁ ହେଉଥିବା ୧୦ ହଜାର ଟଙ୍କା ଜରିମାନାକୁ ହ୍ରାସ କରିବା ଦିଗରେ ତର୍ଜମା କରିବାକୁ ମଧ୍ୟ ବିଭାଗକୁ ମନ୍ତ୍ରୀ ଶ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି।

ସେପଟେ ବିଧାୟକ ଶ୍ରୀ ସାହୁ ଏହି ମାମଲାରେ ମନ୍ତ୍ରୀଙ୍କୁ ଶାଣିତ ଆକ୍ରମଣ କରି କହିଛନ୍ତି ଯେ ନୂଆବର୍ଷରେ ପିକନିକ ସ୍ପଟରେ ଲୋକଙ୍କ ଭିଡ଼ ଜମେ। କିନ୍ତୁ ଚଳିତ ବର୍ଷ ପଲ୍ୟୁସନ ସେଣ୍ଟର ପାଲଟିଛି ଟୁରିଜିମ୍ ସ୍ପଟ। ସେ ଅଭିଯୋଗ କରିଛନ୍ତି ଯେ ଏ ଆଡ଼ବାୟା ସରକାର ପାଇଁ ଲୋକେ ଭିଡ଼ ଲଗାଉଛନ୍ତି। କାରଣ କେନ୍ଦ୍ର ସରକାରଙ୍କ ସହ ରାଜ୍ୟ ସରକାରଙ୍କର ତାଳମେଳ ରହୁନି। ରାତିରେ ଶୋଇ ଯାହା ସ୍ୱପ୍ନ ଦେଖୁଛନ୍ତି, ତାକୁ ନିୟମରେ ପରିଣତ କରୁଛନ୍ତି। ଲୋକେ ଯେତେବେଳେ ଅସନ୍ତୋଷ ପ୍ରକାଶ କରୁଛନ୍ତି ଓ ଉତ୍ତେଜନା ବଢୁଛି, ସେତେବେଳେ ସରକାର ତାରିଖ ଘୁଞ୍ଚାଇ ଦେଉଛନ୍ତି। ରାଜ୍ୟରେ ଏବେ ଗୃହଯୁଦ୍ଧର ସମ୍ଭାବନା ସୃଷ୍ଟି ହେଲାଣି ବୋଲି ଶ୍ରୀ ସାହୁ କହିଛନ୍ତି।

ପୁଣି ଏଆଇ କ୍ୟାମେରା ଧରିଲା ୨ ସଶସ୍ତ୍ର ଶିକାରୀ

ଗିରଫ କଲା କୁଲଡିଆ ଜଙ୍ଗଲ ବିଭାଗ

ନୀଳଗିରି, ୧୦।୧(ସଂଚାର ବ୍ୟୁରୋ): କୁଲଡିହା ଅଭୟାରଣ୍ୟରେ ବନ୍ୟଜନ୍ତୁ ଶିକାର ରୋକିବା

ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୫,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୪,୫୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୫,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୪,୫୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୫,୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୪,୫୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୫,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୪,୬୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୬,୫୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୫,୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୫,୮୨୦ ଓ ୧,୨୪,୫୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି।

ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

ବିଭିନ୍ନ ମଡେଲରେ ଦାମ୍ ବଢ଼ାଇଲା ଟୋୟୋଟା

ନୂଆଦିଲ୍ଲୀ, ୧୦।୧: ଲୋକପ୍ରିୟ କାର୍ ନିର୍ମାତା କମ୍ପାନି ଟୋୟୋଟା ଭାରତରେ ଏହାର ବିଭିନ୍ନ କାର୍ ମୂଲ୍ୟରେ ପରିବର୍ତ୍ତନ କରିଛି। କେବଳ ମୂଲ୍ୟରେ ପରିବର୍ତ୍ତନ ନୁହେଁ, କମ୍ପାନି କିଛି କାର୍ ମଡେଲକୁ ବନ୍ଦ ମଧ୍ୟ କରିଛି। ଶୁକ୍ରବାର କମ୍ପାନି ଦେଇଥିବା ସୂଚନା ଅନୁସାରେ, ଇନୋଭା କ୍ରିଷ୍ଟା, ହାଇକ୍ରସ୍ ଏବଂ ଫର୍ଚ୍ୟୁନର (ଲେଜିଣ୍ଡର ମଡେଲ) ର ଦାମ୍ ବୃଦ୍ଧି କରିଛି। ସେହିଭଳି ଟୋୟୋଟା

ଫର୍ଚ୍ୟୁନର ବି ହେଲା ମହଙ୍ଗା

ର୍ଯ୍ୟୁମିୟନ, ହାଇକ୍ରସ ଏବଂ ଫର୍ଚ୍ୟୁନର୍ର କିଛି ଭାରିଆଣ୍ଟକୁ ବନ୍ଦ ମଧ୍ୟ କରିଛି। ତେବେ ଟାଇସର, ହାଇକ୍ରସ, ର୍ଯ୍ୟୁମିୟନ, ହିଲକ୍ସ, କ୍ୟାମେରି, ଓ୍ୱେଲଫାୟାର ଏବଂ ଲ୍ୟାଣ୍ଡ୍ କ୍ରୁଜର ୩୦୦ର ଦାମ୍ରେ କୌଣସି ପରିବର୍ତ୍ତନ ହୋଇନାହିଁ। କମ୍ପାନି ଏହାର ଲୋକପ୍ରିୟ ଏମ୍ୟୁଭି କାର୍ ଇନୋଭା କ୍ରିଷ୍ଟାର ମୂଲ୍ୟରେ ୩୩ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛି। ଏହି ମଡେଲର ସବୁଠାରୁ ବଡ଼ ବୃଦ୍ଧି ଏହାର ବେସ୍ GX ଭାରିଆଣ୍ଟରେ ହୋଇଛି।ମିଡ୍ ସେଗମେଣ୍ଟ GX+ ଭାରିଆଣ୍ଟ ୨୧ ହଜାର ଟଙ୍କା ପର୍ଯ୍ୟନ୍ତ ମହଙ୍ଗା ହୋଇଛି। ଟପ୍ ଭାରିଆଣ୍ଟ VX ଏବଂ ଟପ୍- ଏଣ୍ଡ ZX ଭାରିଆଣ୍ଟ ଯଥାକ୍ରମେ ପ୍ରାୟ ୨୫ ହଜାର ଟଙ୍କା ଏବଂ ୨୬ ହଜାର ଟଙ୍କା ବୃଦ୍ଧି ହୋଇଛି। ବର୍ତ୍ତମାନ ଇନୋଭା କ୍ରିଷ୍ଟାର ମୂଲ୍ୟ ୧୮. ୯୯ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇ ୨୫. ୫୩ ଲକ୍ଷ ଟଙ୍କା ମଧ୍ୟରେ ରହିଛି। ତେବେ କମ୍ପାନି ଟୋୟୋଟା ଇନୋଭା ହାଇକ୍ରସର G ଭାରିଆଣ୍ଟକୁ ବନ୍ଦ କରିଦେଇଛି। ଏହା ମଡେଲର ବେସ୍ ଭାରିଆଣ୍ଟ। ଏହି MPVର ମୂଲ୍ୟ ବର୍ତ୍ତମାନ ୧୯.୧୫ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇ ୩୨. ୩୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ସେହିଭଳି GX(O) ଭାରିଆଣ୍ଟ ୩୧ ହଜାର ଟଙ୍କା ମହଙ୍ଗା ହୋଇଛି। ହାଇବ୍ରିଡ୍ ଭାରିଆଣ୍ଟଗୁଡ଼ିକର ମୂଲ୍ୟ ଏବେ ପ୍ରାୟ ୪୦ ହଜାର ଟଙ୍କା ଅଧିକ ହୋଇଛି। ଟପ୍-ସ୍ପେକ୍ ZX(O) ହାଇବ୍ରିଡ୍ ସର୍ବାଧିକ ୪୮ ହଜାର ଟଙ୍କା ବୃଦ୍ଧି ପାଇଛି।

ଟୟୋଟା ଫର୍ଚ୍ୟୁନର ଏବଂ ଫର୍ଚ୍ୟୁନର ଲେଜିଣ୍ଡରର ମୂଲ୍ୟ ଯଥାକ୍ରମେ ୭୪ ହଜାର ଏବଂ ୭୧ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏହାର ଏଣ୍ଟ୍ରି ଲେବୁଲ ପେଟ୍ରୋଲ ମାନୁଆଲ୍ ଭାରିଆଣ୍ଟ ଏବେ ୫୧ ହଜାର ଟଙ୍କା ମହଙ୍ଗା ହୋଇଛି। 4x4 ଭାରିଆଣ୍ଟଗୁଡ଼ିକର ମୂଲ୍ୟ ମଧ୍ୟ ୫୦ ହଜାର ଟଙ୍କାରୁ ଅଧିକ ବୃଦ୍ଧି ପାଇଛି। ପ୍ରଥମ ମୂଲ୍ୟ ୯.୫୧ ଲକ୍ଷ ଟଙ୍କା ଥିଲା, ଯାହାକୁ ଏଣ୍ଟ୍ରି-ଲେବଲ୍ ର୍ଯ୍ୟୁମିୟନ୍ E MT ଭାରିଆଣ୍ଟ ବନ୍ଦ କରିଦିଆଯାଇଛି। MPV ଏବେ ୧୦.୪୪ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି, ଯେତେବେଳେ ସର୍ବୋଚ୍ଚ ମୂଲ୍ୟ ୧୩.୬୨ ଲକ୍ଷ ଟଙ୍କାରେ ଅପରିବର୍ତ୍ତିତ ରହିଛି। ସମସ୍ତ ମୂଲ୍ୟ ନୂଆଦିଲ୍ଲୀର ଏକ୍ସ-ଶୋରୁମ୍ ଅଟେ।

ଗ୍ରାହକଙ୍କୁ ୨ ଲକ୍ଷ ଟଙ୍କା ଅଫର ଦେଉଛି ଏସବିଆଇ!

ନୂଆଦିଲ୍ଲୀ,୧୦।୧: ଆପଣ ହୁଏତ ଆପଣଙ୍କ ଇନଷ୍ଟାଗ୍ରାମ ଫିଡ୍‌ରେ ଏକ ଭିଡିଓ ଦେଖିଥିବେ ଯେଉଁଥିରେ ଦାବି କରାଯାଇଛି ଯେ ଏସବିଆଇ ଏହାର ପୁରୁଣା ଗ୍ରାହକମାନଙ୍କୁ ୨ ଲକ୍ଷ ଦେଉଛି। ଏହା ପ୍ରକୃତରେ ଏସବିଆଇର ଆରଟିଏକ୍ୱସି (ରିଅଲ-ଟାଇମ ଏକ୍ସପ୍ରେସ କ୍ରେଡିଟ୍) ଅଫର୍ ବିଷୟରେ, ଯାହା କେବଳ ୨ ଲକ୍ଷ ନୁହେଁ, ବରଂ ୩.୫ ମିଲିୟନ ପର୍ଯ୍ୟନ୍ତ ପ୍ରଦାନ କରେ। ଏସବିଆଇ ଏହାର ବିଶେଷ ଗ୍ରାହକମାନଙ୍କ ପାଇଁ ରିୟଲ ଟାଇମ ଏକ୍ସପ୍ରେସ କ୍ରେଡିଟ୍ (ଆରଟିଏକ୍ୱସି) ଅଫର୍ ଆରମ୍ଭ କରିଛି। ଏହି ଅଫର୍ ଅନ୍ତର୍ଗତ, ଗ୍ରାହକମାନେ ୟୋନୋ ଆପ ମାଧ୍ୟମରେ ୩.୫ ମିଲିୟନ ପର୍ଯ୍ୟନ୍ତ ବ୍ୟକ୍ତିଗତ ଋଣ ପାଇପାରିବେ। ବିଶେଷ କଥା ହେଉଛି ଏହି ଋଣ ପାଇଁ କୌଣସି କାଗଜପତ୍ର ଆବଶ୍ୟକ ନାହିଁ। କେତେବେଳେ, ଆପଣଙ୍କୁ ହଠାତ୍ ଟଙ୍କାର ଆବଶ୍ୟକତା ପଡ଼ିଥାଏ। ପ୍ରାୟତଃ, ଆପଣ ବନ୍ଧୁ, ସମ୍ପର୍କୀୟ କିମ୍ବା ପରିଚିତ ଲୋକଙ୍କ ସହିତ ଯୋଗାଯୋଗ କରି ଟଙ୍କା ସଂଗ୍ରହ କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ଯଦି ଆବଶ୍ୟକ ପରିମାଣ ଅଧିକ ହୁଏ ତେବେ କ'ଣ ହେବ? ଏପରି ପରିସ୍ଥିତିରେ, ଏକ ବ୍ୟକ୍ତିଗତ ଋଣ ଏକ ଭଲ ବିକଳ୍ପ ପ୍ରମାଣିତ ହୋଇପାରେ ଏବଂ ଯଦି ଆପଣଙ୍କର ଦେଶର ସବୁଠାରୁ ବଡ଼ ବ୍ୟାଙ୍କ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ) ରେ ଏକ ଆକାଉଣ୍ଟ ଅଛି, ତେବେ ଆପଣଙ୍କର ସମସ୍ୟା ତୁରନ୍ତ ସମାଧାନ ହୋଇପାରିବ। ଆପଣ ଆପଣଙ୍କ ମୋବାଇଲରେ ୟୋନୋ ଆପ ବ୍ୟବହାର କରି ଏହି ଋଣ ପାଇଁ ସହଜରେ ଆବେଦନ କରିପାରିବେ। ଆପଣ ଆପଣଙ୍କର ଆଧାର ଓଟିପି ବ୍ୟବହାର କରି ଇ-ସାଇନ କରିପାରିବେ। ଏହି ଅଫର କିଏ ପାଇପାରିବେ: ଏହି ଅଫର ଏସବିଆଇରେ ଦରମା ଆକାଉଣ୍ଟ ଥିବା ଗ୍ରାହକମାନଙ୍କ ପାଇଁ ଖୋଲା। କେନ୍ଦ୍ର କିମ୍ବା ରାଜ୍ୟ ସରକାର, ପ୍ରତିରକ୍ଷା ଏବଂ କର୍ପୋରେଟ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀମାନେ ଆବେଦନ କରିପାରିବେ। ବ୍ୟାଙ୍କ ଅନୁଯାୟୀ, ସିବିଲ ସ୍କୋର ଯାଞ୍ଚ କରିବା ସହିତ, ଯୋଗ୍ୟତା ଏବଂ ଋଣ ଅନୁମୋଦନ ସମେତ ସମସ୍ତ ପ୍ରକ୍ରିୟା ଡିଜିଟାଲ ଭାବରେ କରାଯିବ, ଯାହା ଶୀଘ୍ର ସମାପ୍ତିକୁ ସୁନିଶ୍ଚିତ କରିବ। ଆପଣଙ୍କର ଏସବିଆଇରେ ଏକ ଦରମା ଆକାଉଣ୍ଟ ଥିବା ଆବଶ୍ୟକ। ଆପଣଙ୍କର ଇଏମଆଇ/ଏନଏମଆଇ ଅନୁପାତ ୫୦-୬୦% ରୁ କମ ହେବା ଉଚିତ ଏବଂ ଆପଣଙ୍କର ସିବିଲ ସ୍କୋର ୬୫୦ କିମ୍ବା ୭୦୦ରୁ ଅଧିକ ହେବା ଉଚିତ।

ବଜେଟ୍ ୨୦୧୬: ଟିକସଦାତାଙ୍କ ପାଇଁ ବଡ଼ ଘୋଷଣା

ନୂଆଦିଲ୍ଲୀ,୧୦।୧: କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବୃଆରୀ ୧, ୨୦୨୬ (ରବିବାର) ରେ ଡାଙ୍କର କ୍ରମାଗତ ନବମ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ମଧ୍ୟବିତ୍ତ ଏବଂ ବେତନଭୋଗୀ କର୍ମଚାରୀମାନେ ମୋଦି ୩.୦ ସରକାରଙ୍କ ଏହି ଦ୍ୱିତୀୟ ପୂର୍ଣ୍ଣ ବଜେଟ ଠାରୁ ବହୁତ ଆଶା ରଖିଛନ୍ତି, ବିଶେଷକରି ଗତ ବର୍ଷ ଟିକସ ସ୍ଲାବରେ ବଡ଼ ପରିବର୍ତ୍ତନ ପରେ। କରଦାତାମାନେ ୨୦୨୬ ବଜେଟ ପାଇଁ ବହୁତ ଆଶା ରଖିଛନ୍ତି। ଆସନ୍ତୁ ଆମେ ପାଞ୍ଚଟି ସମ୍ଭାବ୍ୟ ଘୋଷଣାକୁ ରୂପରେଖା କରିବା ଯାହା ଏଥର ଆଶା କରାଯାଇପାରେ।

ବର୍ତ୍ତମାନ, ବେତନଭୋଗୀ କର୍ମଚାରୀମାନେ ନୂତନ ଟିକସ ବ୍ୟବସ୍ଥା ଅନୁଯାୟୀ ୭୫,୦୦୦ ମାନକ ଡିଡକ୍ସନ ପାଆନ୍ତି, ଯାହା ପୁରୁଣା ସମୟରେ ୫୦,୦୦୦ ଥିଲା। ବର୍ଦ୍ଧିତ ମୁଦ୍ରାସ୍ଫୀତିକୁ ଦୃଷ୍ଟିରେ ରଖି, ବିଶେଷଜ୍ଞମାନେ ଆକଳନ କରୁଛନ୍ତି ଯେ ଏହାକୁ ୧୦୦,୦୦୦ କୁ ବୃଦ୍ଧି କରାଯାଇପାରିବ। ଏହା କର୍ମଚାରୀଙ୍କ ଘରକୁ ନେବା ଦରମା ବୃଦ୍ଧି କରିବ। ଗତ ବଜେଟ (୨୦୨୫) ରେ, ୧୨ ଲକ୍ଷ ପର୍ଯ୍ୟନ୍ତ ଆୟକୁ କରମୁକ୍ତ କରାଯାଇଥିଲା (ରିବେଟ ସହିତ)। ଏଥର, ମଧ୍ୟବିତ୍ତ ବର୍ଗକୁ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ, ସରକାର ଧାରା ୮୭ଏ ଅନ୍ତର୍ଗତ ଛାଡ ସୀମାକୁ ୧୩ ଲକ୍ଷରୁ ୧୫ ଲକ୍ଷକୁ ଆହୁରି ବୃଦ୍ଧି କରିବାକୁ ବିଚାର କରିପାରନ୍ତି। ପୁରୁଣା ଟିକସ ବ୍ୟବସ୍ଥା ବାଛିଥିବା ଲୋକଙ୍କ ପାଇଁ ଧାରା ୮୦ସି ଅଧୀନରେ ୧.୫ ଲକ୍ଷ ସୀମା କିଛି ବର୍ଷ ଧରି ଅପରିବର୍ତ୍ତିତ ରହିଛି। ନିବେଶକୁ ଉତ୍ସାହିତ କରିବା ପାଇଁ ଏହି ସୀମାକୁ ୨ ଲକ୍ଷରୁ ୨.୫ ଲକ୍ଷକୁ ବୃଦ୍ଧି କରାଯାଇପାରେ ବୋଲି ଆଶା କରାଯାଉଛି। ଏହା ସହିତ, ସଞ୍ଜୀବ୍ୟ ବୀମା ପ୍ରିମିୟମ (୮୦ଡି) ପାଇଁ ସୀମା ମଧ୍ୟ ୨୫,୦୦୦ରୁ ୫୦,୦୦୦କୁ ବୃଦ୍ଧି କରାଯାଇପାରେ। ନିବେଶକମାନେ ଦାବି କରୁଛନ୍ତି ଯେ ସେୟାର ବଜାର ଏବଂ ମ୍ୟୁଚୁଆଲ ଫଣ୍ଡରୁ ଦୀର୍ଘକାଳୀନ ପୁଞ୍ଜି ଲାଭ (ଏଲଟିସିଜି) ଉପରେ ଟିକସ ଛାଡ ସୀମା, ଯାହା ବର୍ତ୍ତମାନ ୧.୨୫ ଲକ୍ଷ ଅଛି, ତାହାକୁ ୧.୫ ଲକ୍ଷ କିମ୍ବା ୨ ଲକ୍ଷକୁ ବୃଦ୍ଧି କରାଯାଉ। ଏହା ଛୋଟ ନିବେଶକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିବ। ଅବସର ଯୋଜନାକୁ ଅଧିକ ଆକର୍ଷଣୀୟ କରିବା ପାଇଁ, ସରକାର ଏନପିଏସ ଟିୟର-୨ ଆକାଉଣ୍ଟ ଉପରେ ଟିକସ ଛାଡ ପ୍ରଦାନ କରିପାରିବେ କିମ୍ବା ନିଯୁକ୍ତିଦାତାଙ୍କ ଅବଦାନ ଉପରେ ଛାଡ ସୀମାକୁ ୧୪%ରୁ ସମସ୍ତଙ୍କ ପାଇଁ ଏକ ସମାନ ସ୍ତରକୁ ବୃଦ୍ଧି କରିପାରିବେ।

ଦେଢ଼ଲକ୍ଷ ଯାଏ ମାଗଣା ଚିକିତ୍ସା!

ସରକାରଙ୍କ ବଡ଼ ଘୋଷଣା

ନୂଆଦିଲ୍ଲୀ,୧୦।୧: ପ୍ରତିବର୍ଷ ଭାରତରେ ପ୍ରାୟ ୧୫୦,୦୦୦ ଲୋକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରନ୍ତି। ଏହି ମୃତ୍ୟୁ ମଧ୍ୟରୁ ଅନେକ ଚିକିତ୍ସା ଅଭାବରୁ ହୋଇଥାଏ। ଯଦି ସମୟସାପେକ୍ଷ ଚିକିତ୍ସା ଯୋଗାଇ ଦିଆଯାଏ, ତେବେ ଶହ ଶହ ଜୀବନ ବଞ୍ଚାଇ ଦିଆଯାଇପାରିବ। ଚିକିତ୍ସାରେ ଏକ ପ୍ରମୁଖ ସମସ୍ୟା ହେଉଛି ଟଙ୍କା। ଚିକିତ୍ସା ପାଇଁ ଯଥେଷ୍ଟ ପାଣ୍ଠି ଆବଶ୍ୟକ ହୁଏ, ଏବଂ କେତେକ ସମୟରେ ସମ୍ପର୍କୀୟମାନେ ଉପଲବ୍ଧ ହୁଅନ୍ତି ନାହିଁ, ଏବଂ ଯଦି ସେମାନଙ୍କ ପାଖରେ ଆବଶ୍ୟକ ପାଣ୍ଠିର ଅଭାବ ଥାଏ, ତେବେ ମଧ୍ୟ କେନ୍ଦ୍ର ସରକାର ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ କାର୍ଯ୍ୟ କରୁଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୁବ ଶୀଘ୍ର ସଡ଼କ ଦୁର୍ଘଟଣା ପୀଡିତଙ୍କ ପାଇଁ "ନଗଦମୁକ୍ତ ଚିକିତ୍ସା ଯୋଜନା" ଆରମ୍ଭ କରିବାକୁ ଯାଉଛନ୍ତି। ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ଯୋଜନା "ସୁବର୍ଣ୍ଣ ଘଣ୍ଟା" (ଦୁର୍ଘଟଣା ପରେ ପ୍ରଥମ ଘଣ୍ଟା) ସମୟରେ ଜୀବନ ବଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛି। ୧୪ ମାର୍ଚ୍ଚ, ୨୦୨୪ ରେ, ସଡ଼କ ପରିବହନ ମନ୍ତ୍ରଣାଳୟ ଚଣ୍ଡିଗଡ଼ରେ ସଡ଼କ ଦୁର୍ଘଟଣା ପୀଡିତଙ୍କୁ ନଗଦମୁକ୍ତ ଚିକିତ୍ସା ପ୍ରଦାନ କରିବା ପାଇଁ ଏକ ପାଇଲଟ ପ୍ରକଳ୍ପ ଆରମ୍ଭ କରିଥିଲା। ଏହି ପ୍ରକଳ୍ପକୁ ପରେ ଛଅଟି ରାଜ୍ୟରେ ବିସ୍ତାର କରାଯାଇଥିଲା। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏହି ଯୋଜନା ଏହି ମୃତ୍ୟୁକୁ ୩୦%ରୁ ୫୦% ପର୍ଯ୍ୟନ୍ତ ହ୍ରାସ କରିପାରିବ। ଏହି ଯୋଜନା ଅଧୀନରେ, ପ୍ରତ୍ୟେକ ସଡ଼କ ଦୁର୍ଘଟଣା ପୀଡିତଙ୍କୁ ୧.୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦହୀନ ଚିକିତ୍ସା ମିଳିବ। ଏହି ସୁବିଧା ଦୁର୍ଘଟଣା ସମୟରୁ ସର୍ବାଧିକ ୭ ଦିନ ପାଇଁ ବୈଧ ରହିବ। ଯେକୌଣସି ଭାରତୀୟ ନାଗରିକ (ସେମାନଙ୍କର ଅନ୍ୟ କୌଣସି ବୀମା ଅଛି କି ନାହିଁ) ଏବଂ ବିଦେଶୀ ପର୍ଯ୍ୟଟକ ମଧ୍ୟ ଏହି ଯୋଜନା ପାଇଁ ଯୋଗ୍ୟ ହେବେ।

ଡାକ୍ତରଙ୍କ ଅନୁଯାୟୀ, ଯେକୌଣସି ଦୁର୍ଘଟଣା ପରେ ପ୍ରଥମ ୬୦ ମିନିଟ 'ସୁବର୍ଣ୍ଣ ଆୱାର' କୁହାଯାଏ, ଯାହା ଚିକିତ୍ସା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଟଙ୍କା କିମ୍ବା କାଗଜପତ୍ର ଅଭାବରୁ ଚିକିତ୍ସା ବିଳମ୍ବ ନହେବା ନିଶ୍ଚିତ କରିବା। ପୀଡିତଙ୍କୁ ଏହି ଯୋଜନା ଅଧୀନରେ ତାଲିକାଭୁକ୍ତ ଯେକୌଣସି ନିକଟବର୍ତ୍ତୀ ହସ୍ପିଟାଲ (ସରକାରୀ କିମ୍ବା ବେସରକାରୀ)କୁ ନିଆଯାଇପାରିବ। ସରକାର ସିଧାସଳଖ ହସ୍ପିଟାଲଗୁଡ଼ିକୁ ଦେୟ ଦେବେ। ସଡ଼କ ଦୁର୍ଘଟଣା ପାଇଁ ଏକ ଉତ୍ସର୍ଗୀକୃତ 'ଡହସିଲ' ସୃଷ୍ଟି କରାଯାଇଛି, ଯାହାକୁ ବୀମା କମ୍ପାନୀ ଏବଂ ଅନ୍ୟାନ୍ୟ ଉତ୍ସ ଦ୍ୱାରା ପାଣ୍ଠି ଯୋଗାଇ ଦିଆଯିବ। ଦୁର୍ଘଟଣାର ସୂଚନା ମିଳିବା ପରେ, ହସ୍ପିଟାଲ କିମ୍ବା ଆମ୍ବୁଲାନ୍ସ କର୍ମଚାରୀ ପୋର୍ଟାଲରେ ସୂଚନା ପ୍ରବେଶ କରିବେ। ପୋଲିସ ଏବଂ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଡିଜିଟାଲ ଭାବରେ ଦୁର୍ଘଟଣାକୁ ନିଶ୍ଚିତ କରିବେ। ହସ୍ପିଟାଲ କୌଣସି ଆଗୁଆ ଜମା ନକରି ତୁରନ୍ତ ଚିକିତ୍ସା ଆରମ୍ଭ କରିବ। ସରକାର ହସ୍ପିଟାଲ ଆକାଉଣ୍ଟରେ ସିଧାସଳଖ ଚିକିତ୍ସା ଖର୍ଚ୍ଚ ଫେରସ୍ତ କରିବେ।

ଏହି ନୂତନ କ୍ୟାସଲେସ ଯୋଜନା (ଯାହାକୁ ସଡ଼କ ଦୁର୍ଘଟଣା ପୀଡିତ କ୍ୟାସଲେସ ଚିକିତ୍ସା ଯୋଜନା କୁହାଯାଏ) ଅଧୀନରେ ତାଲିକାଭୁକ୍ତ ହସ୍ପିଟାଲଗୁଡ଼ିକର ତାଲିକା ଦେଖିବାର ପ୍ରକ୍ରିୟା ବହୁତ ସରଳ। ଯେହେତୁ ଏହି ଯୋଜନା ଆୟୁଷ୍ମାନ ଭାରତ (ପିଏମଜେଏୱାଇ) ନେଟୱାର୍କ ବ୍ୟବହାର କରେ, ଆପଣ ଆୟୁଷ୍ମାନ ଭାରତ ୱେବସାଇଟ ମାଧ୍ୟମରେ ବ୍ୟବହାର କରିପାରିବେ। ଏହି ଆପ ଆପଣଙ୍କୁ ଆପଣଙ୍କ ଘରର ନିକଟତମ ହସ୍ପିଟାଲ ଦେଖାଇବ ଯାହା ଦୁର୍ଘଟଣା ହେଲେ ନଗଦହୀନ ଚିକିତ୍ସା ପ୍ରଦାନ କରେ। ପ୍ରଧାନମନ୍ତ୍ରୀଙ୍କ ଯୋଜନା ଆରମ୍ଭ ହେବା ପରଠାରୁ, ଜାତୀୟ ରାଜପଥରେ ପ୍ରତି କିଛି କିଲୋମିଟରରେ 'ଜରୁରୀକାଳୀନ ଯୋଗାଯୋଗ ବୋର୍ଡ' ଲଗାଯାଉଛି। ଏହି ବୋର୍ଡଗୁଡ଼ିକ ଅଞ୍ଚଳର ନିକଟତମ ନଗଦହୀନ ହସ୍ପିଟାଲର ଦୂରତା ଏବଂ ଯୋଗାଯୋଗ ନମ୍ବର ପ୍ରଦର୍ଶନ କରେ।

ସଂଚାର THE SANCHAR

ବିଦ୍ୟାଳୟରେ ସଡ଼କ ସୁରକ୍ଷା ସପ୍ତାହ ପାଳନ

ବୈଶିଙ୍ଗା,୧୦।୧ (ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ ରାଇକମା ଆଶ୍ରମ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଶ୍ରୀ ରଜତ କୁମାର ଦାଶଙ୍କ ଅଧକ୍ଷତାରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ବେତନଟୀ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରୀ ମଦନ ସିଂ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସଡ଼କ ସୁରକ୍ଷାର ଆବଶ୍ୟକତା ସମ୍ପର୍କରେ ଅବଗତ କରିଥିଲେ।ପ୍ରଧାନ ଶିକ୍ଷକ ସଡ଼କ ସୁରକ୍ଷା ଦିଗରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଟ୍ରାଫିକ ନିୟମ ସମ୍ପର୍କରେ ଜଣାଇଥିଲେ। ସୁବାସିନୀ ପରିଡା କୁଇଜ୍ ପରିଚାଳନା କରିଥିବା ସମୟରେ ଶ୍ରୀମତୀ ପ୍ରତିମା ପରିଡ଼ା ଶପଥ ପାଠ କରାଇଥିଲେ। ଏଥି ସହିତ ନିଜେ ସଡକ ସୁରକ୍ଷା ବିଷୟରେ ଅବଗତ ହେବା ସହିତ ଅନ୍ୟମାନଙ୍କୁ ସୂଚନା ଦେବା ପାଇଁ ତତ୍ପର ହେବାକୁ ପରାମର୍ଶ ଦିଆଯାଇଥିଲା। ମୁଖ୍ୟ ଅତିଥିଙ୍କୁ ବିଦ୍ୟାଳୟ ତରଫରୁ ବହି ତଥା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କାଗଜରେ ପ୍ରସ୍ତୁତ ଫୁଲ ତୋଡ଼ା ଦିଆଯାଇ ନବବର୍ଷର ଅଭିନନ୍ଦନ ଜଣାଇ ଦିଆଯାଇଥିଲା।

● ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା

ପଞ୍ଜିକରଣ କଲେ ୧୦୬୫ ନିଯୁକ୍ତି ଆଶାୟୀ

ନୟାଗଡ଼,୧୦।୧ (ସଂଚାର ବ୍ୟୁରୋ): ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ଏକ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଆରକ୍ଷୀ ପ୍ରଶିକ୍ଷଣ ବିଦ୍ୟାଳୟ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା କୁ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଏବଂ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଏହି ମେଳାରେ ଆରକ୍ଷୀ ପ୍ରଶିକ୍ଷଣ ବିଦ୍ୟାଳୟର ଅଧକ୍ଷ ଭବେଶ କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଅଧକ୍ଷ କାନ୍ତି ରଞ୍ଜନ ସାହୁ ଉପସ୍ଥିତ ରହି ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାକୁ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ମନସ୍ୱୀ ସେଠୀ ପରିଚାଳନା କରିଥିଲେ। ଏହି ନିଯୁକ୍ତି ମେଳାରେ ମୋଟ ୨୩ ଗୋଟି ନିଯୁକ୍ତି ଦାତା କମ୍ପାନୀ ଏବଂ ୭ ଜଣ ପ୍ରଶିକ୍ଷଣ ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ। ଏହି ମେଳାରେ ବିଭିନ୍ନ ବ୍ଲକରୁ ସର୍ବମୋଟ ୧୦୬୫ ଜଣ ଛାତ୍ର ଛାତ୍ରୀ ଏବଂ ନିଯୁକ୍ତି ଆଶାୟୀ ପ୍ରାର୍ଥୀ ମାନେ ଯୋଗ ଦେଇ ନିଜର ପସନ୍ଦର ନିଯୁକ୍ତି ଦାତା ଙ୍କ ପାଖରେ ପଞ୍ଜିକରଣ କରିଥିଲେ।

ଉମାପଦା ଗ୍ରାମର ମା'ବୁଢୀଜାଗୁଳାଇ ମନ୍ଦିରର ନବମ ବାର୍ଷିକ ଉତ୍ସବ ପାଳନ

ଯାଜପୁର ରୋଡ଼,୧୦।୧(ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଞ୍ଚଳ ସହରର ୱାର୍ଡ ନମ୍ବର - ୧୬ ସ୍ଥିତ ଉମାପଦା ଗ୍ରାମର ଓଁ ଶ୍ରୀ ଶ୍ରୀ ମା'ବୁଢୀଜାଗୁଳାଇ ଠାକୁରାଣୀ ମନ୍ଦିରର ନବମ ବାର୍ଷିକ ଉତ୍ସବ ଭକ୍ତିମୟ ପରିବେଶରେ ବଡ଼ ଧୁମଧାମରେ ପାଳନ ହୋଯାଇଅଛି। ଏହି ଅବସରରେ ଠାକୁରାଣୀଙ୍କର ଯଜ୍ଞ ଓ ପୂଜାର୍ଚ୍ଚନା କାର୍ଯ୍ୟର କର୍ତା ଭାବରେ ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ରାଉତ, ତାଙ୍କ ପତ୍ନୀ ମମତା ରାଉତ ଦାଇତ୍ୱ ତୁଲାଇଥିବା ବେଳେ ଜ୍ଞାନି ପଣ୍ଡିତ ବ୍ରାହ୍ମଣ ଶ୍ରୀ ଶ୍ରୀ ଶିବ ପ୍ରସାଦ ପଣ୍ଡା, ନୁରସିଂଘ ଦେବ ପଣ୍ଡା, ସଂଜୟ କୁମାର ପଣ୍ଡା, ବ୍ରଜକିଶୋର ପଣ୍ଡା ଓ ପଂଚାନନ ଦେଉରି'ଙ୍କ ଦ୍ୱାରା ଠାକୁରାଣୀଙ୍କ ଯଥାବିଧି ଅନୁଯାୟୀ ପୂଜା କାର୍ଯ୍ୟ ସମାପନ କରାଯାଇଥିଲା। ଉମାପଦା ଗ୍ରାମର ଆଖପାଖ ଅଂଚଳର ସମସ୍ତ ଜନସାଧାରଣ ମାନଙ୍କୁ ଠାକୁରାଣୀଙ୍କ ମନ୍ଦିରର ପ୍ରସାଦ ପ୍ରଦାନ କରାଯାଇଥିଲା। ଏହି ଉତ୍ସବ କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀମାନେ ସହଯୋଗ ପ୍ରଦାନ କରିଥିଲେ।

'ମୋ ଗାଁରେ ମୋ ତହସିଲ' କାର୍ଯ୍ୟକ୍ରମ

ନୟାଗଡ଼,୧୦।୧ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗର ନିର୍ଦ୍ଦେଶ କ୍ରମେ ନୟାଗଡ଼ ତହସିଲ ପକ୍ଷରୁ 'ମୋ ଗାଁରେ ମୋ ତହସିଲ' ପରିକଳ୍ପିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ତହସିଲଦାର ରାଜେଶ କେଶରୀ ସ୍ୱାଇଁଙ୍କ ପରାମର୍ଶ କ୍ରମେ ଅତିରିକ୍ତ ତହସିଲଦାର ଅମିତା ପଟ୍ଟନାୟକ ବିଭିନ୍ନ ଗାଁକୁ ଯାଇ ସଚେତନର ବାର୍ତ୍ତା ବହନ କରିଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ରାଜସ୍ୱ ସେବାକୁ ଗ୍ରାମସ୍ତରରେ ପହଞ୍ଚାଇବା ପାଇଁ ଏକ ଅଭିନବ ପ୍ରୟାସ କରାଯାଇଛି। ଏହି କାର୍ଯ୍ୟକ୍ରମ ପ୍ରଜାପଟ୍ଟାରେ ଥିବା ୨ୟ କଲମ (ପ୍ରଜାଙ୍କ ନାମ) ସଂଶୋଧନରେ ଜନସାଧାରଣଙ୍କ ଅଂଶଗ୍ରହଣ ବୃଦ୍ଧି କରିବା ସହିତ ଜମିଜମା ସମ୍ବନ୍ଧୀୟ ବିବାଦର ତୁରନ୍ତ ସମାଧାନ ଏବଂ ରାଜସ୍ୱ ପ୍ରଶାସନରେ ସ୍ପଷ୍ଟତା ଓ ଜନବିଶ୍ୱାସକୁ ସୁଦୃଢ଼ କରିବ। ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦେବାପାଇଁ "ମୋ ଗାଁରେ ମୋ ତହସିଲ" କାର୍ଯ୍ୟକ୍ରମ କରାଯାଇଛି। ଓଡ଼ିଶାର ଲୋକକଳା ପାଲା ଓ ଦାସକାଠିଆ ମାଧ୍ୟମରେ ଲୋକ ମାନଙ୍କୁ ସଚେତନ କରାଇବା ସହ ବାର୍ତ୍ତା ମଧ୍ୟ ଦିଆଯାଉଛି।

ଜଙ୍ଘା ବଡଦେଓଙ୍କର ପୂଜା ବାର୍ଷିକୀ ଧୁମଧାମରେ ପାଳିତ

ସୁନ୍ଦରଗଡ଼,୧୦।୧(ସଂଚାର ବ୍ୟୁରୋ): ଶନିବାର ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଉଚ୍ଚଳପୁର ଠାରେ ଶ୍ରୀ ଶ୍ରୀ ଜଙ୍ଘା ବଡଦେଓଙ୍କର ୩୪ ତମ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି। ଷଡବଶୀୟ ଗଣ୍ଡ ସମାଜର ଆରାଧ ଦେବତା ଶ୍ରୀ ଶ୍ରୀ ଜଙ୍ଘା ବଡଦେଓ ଙ୍କର ବାର୍ଷିକ ପୂଜା ପ୍ରତି ବର୍ଷ ମାଘ ମାସ କୃଷ୍ଣ ପକ୍ଷ ପଞ୍ଚମୀ ତିଥିରେ ପାଳିତ ହୋଇଥାଏ। ଉଚ୍ଚଳପୁର ସର୍କଲ ଗୁଡି ଅନ୍ତର୍ଗତ ୧୬ ଗୋଟି ଆଞ୍ଚଳିକ ଗୁଡିର ତଥା ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଭକ୍ତବୃନ୍ଦ ଶ୍ରୀ ଜଙ୍ଘା ବଡଦେଓଙ୍କର ଦର୍ଶନ ଲାଭ କରିଥିଲେ। ସଦର ବିଧାୟକ ଯୋଗେଶ କୁମାର ସିଂ ଶ୍ରୀ ଜଙ୍ଘା ବଡଦେଓଙ୍କର ପୂଜାରେ ଉପସ୍ଥିତ ରହି ପ୍ରଭୁଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ପବିତ୍ର ଦିବସକୁ ଚିର ସ୍ମରଣୀୟ ରଖିବା ନିମନ୍ତେ ଜଙ୍ଘା ବଡଦେଓଙ୍କର ମନ୍ଦିର ପ୍ରାଙ୍ଗଣରେ ଗ୍ରୀନ ମେମୋରୀ କେମ୍ପେନ ତରଫରୁ ଏକ ଚାରା ରୋପଣ କରାଯାଇଥିଲା। ଷଡବଶୀୟ ଗଣ୍ଡ ସମାଜକୁ ସୁଦୃଢ଼ କରିବା ପାଇଁ ଉଚ୍ଚଳପୁର ସର୍କଲ ଗୁଡି ତରଫରୁ ୯୨ ଜଣ ସ୍ୱେଚ୍ଛାସେବୀ ଯୁବକ ଯୁବତୀ ମାନଙ୍କୁ ସମାଜ ତରଫରୁ ଉତ୍ସାହିତ କରାଯାଇଥିଲା ଏବଂ କୃତି ବିଦ୍ୟାର୍ଥୀଙ୍କୁ ବିଧାୟକଙ୍କ ହାତରୁ ମାନପତ୍ର ପ୍ରଦାନ କରାଯାଇଥିଲା।

ସ୍ୱାମୀର ନିଖୋଜ ସମ୍ପର୍କରେ ଥାନାରେ ଅଭିଯୋଗ

ବୈଶିଙ୍ଗା,୧୦।୧(ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ ଯୁଗଳ ପଞ୍ଚାୟତର ମାର୍ଚ୍ଚଣ୍ଡପୁର ଗ୍ରାମର ରବି ସିଂ ର ସ୍ତ୍ରୀ ଗେହ୍ଲି ଆଜି ଶନିବାର ବୈଶିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗରେ ତାଙ୍କ ସ୍ୱାମୀ ୫ ବର୍ଷ ହେବ ନିଖୋଜ ଥିବା ଦର୍ଶାଇଛନ୍ତି, ଘଟଣା ରୁ ପ୍ରକାଶ ଗେହ୍ଲି ସିଂ ର ସ୍ୱାମୀ ରବି (ପିଃ ଧୂମା ସିଂ) ଙ୍କୁ ଗତ ୨୦୨୧ ମସିହା ନଭେମ୍ବର ୨୨ ତାରିଖ ଦିନ ବାଲିଆପାଳ ଅଞ୍ଚଳର ✓ମାଲୁଆ ବେହେରା ଙ୍କ ପୁଅ ଗୌରାଙ୍ଗ ଏବଂ ✓ଭାଗବତ ସିଂ ଙ୍କ ପୁଅ ରବି ଉଭୟେ ଛତିଶଗଡ଼ କୁ ଏକ ପ୍ଲାଏ ବୋର୍ଡ କମ୍ପାନୀ କାମ କରିବା ପାଇଁ ନେଇ ଯାଇଥିଲେ। ଦୀର୍ଘ ଦିନ ଧରି ମୋ ସ୍ୱାମୀ ଘରକୁ ନ ଆସିବା କିମ୍ବା କିଛି ଖବର ନ ମିଳିବାରୁ ମୁଁ ଗୌରାଙ୍ଗ ଏବଂ ରବି ଙ୍କୁ ପଚାରିବାରୁ ମୋତେ ନାନାଦି ଅକଥା କହି ଗାଳି ଦିଅନ୍ତି ବୋଲି ସ୍ତ୍ରୀ ଗେହ୍ଲି ଦର୍ଶାଇଛନ୍ତି। ହଠାତ ଶୁକ୍ରବାର ତା .୯.୧.୨୬ରିଖ ଦିନ ଏକ ଅଜଣା ନମ୍ବର ୯୩୪୩୩୮୭୮୬୪ ରେ କଲ ଆସିଲା ଆପଣଙ୍କ ସ୍ୱାମୀ ଙ୍କର ଖୋଜ ଖବର ଚାଲିଛି ବୋଲି କହି ଫୋନ କାଟି ଦେଲେ। ଏଥିରୁ ମୋର ସନ୍ଦେହ ହେଉଛି କି ଗୌରାଙ୍ଗ ଓ ରବି ମୋ ସ୍ୱାମୀ ଙ୍କୁ କେଉଁଠି ବିକ୍ରୀ କରି ଦେଇଛନ୍ତି। ଏଣୁ ମୋର ଗୁହାରୀ ଯେ ମୋ ସ୍ୱାମୀ ଙ୍କ ବିଷୟରେ ଖୋଜ ଖବର କରି ମୋତେ ମୋ ସ୍ୱାମୀ ଙ୍କ ଆସିବାର ବ୍ୟବସ୍ଥା କରିଲେ ମୁଁ ଉପକୃତ ହେବି ବୋଲି ଦର୍ଶାଇଛନ୍ତି।

ନୂତନ ବସ୍‌ଷ୍ଟାଣ୍ଡ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଛାନଭିନ୍

ନୟାଗଡ଼,୧୦।୧ (ସଂଚାର ବ୍ୟୁରୋ): ନୟାଗଡ଼ ଜିଲ୍ଲାରେ ନୂତନ ଭାବେ ଯୋଗ ଦେଇଥିବା ଜିଲ୍ଲାପାଳ ମଧୁମିତା ରଥ ସକାଳୁ ସକାଳୁ ପରିଭ୍ରମଣରରେ ବାହାରି ଛାନଭିନ୍ କରିବା ସହ ଅଧିକାରୀଙ୍କୁ ସଠିକ ଭାବେ କାର୍ଯ୍ୟ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ଶ୍ରୀମତି ରଥ ପ୍ରଥମେ ନୂଆ ବସଷ୍ଟାଣ୍ଡକୁ ଯାଇ ସେଠାକାର ପରିସ୍ଥିତି ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ସହ ଆଲୋଚନା କରିଥିଲେ । ଆବଣ୍ଟିତ ହୋଇଥିବା ଦୋକାନ ଗୃହ ଗୁଡ଼ିକ ଖୋଲିବା ପାଇଁ ବ୍ୟବସାୟୀଙ୍କୁ ନୋଟିସ କରିବାକୁ ପରାମର୍ଶ ଦେଇଥିଲେ ।

ଯେଉଁ ବ୍ୟବସାୟୀ ଦୋକାନ ଖୋଲୁ ନାହାନ୍ତି, ତାହାକୁ ସିଲ କରିବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି । ଏହା ସହିତ ସହରର ଅନ୍ୟ କୌଣସି ସ୍ଥାନରେ ବସ କିଭଳି ନରହିବା, ସେ ନେଇ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ଆଲୋଚନା କରିଛନ୍ତି । ସହର ମଧ୍ୟରେ ବସ ରହଣୀ ହେଲେ ଆବଶ୍ୟକ ସ୍ଥାନରେ ଜରିମାନା କଷିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ସୂଚନା ଦେଇଛନ୍ତି । ଏହା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ସେଠାକାର ଅବ୍ୟବସ୍ଥାକୁ ତାଦରଖ କରିଛନ୍ତି । ସଠିକ ଭାବେ ସଫେଇ କରାଯିବା, ବେଡସିଡ୍ ବଦଳାଇବା, ଲିଫ୍ଟ କାର୍ଯ୍ୟକ୍ଷମ କରାଇବା ସହ ରୋଗୀଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଠିକା କର୍ମଚାରୀଙ୍କ ଦରମା ମାସର ୫ ତାରିଖ ସୁଦ୍ଧା ପ୍ରଦାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିବା ସୂଚନା ମିଳିଛି । ଡାକ୍ତରଖାନାକୁ ଜିଲ୍ଲାପାଳ ନିଜ କାର୍ଯ୍ୟାଳୟ ଅଭିମୁଖେ ଆସିବା ବେଳକୁ ହଠାତ୍ ଟ୍ରେଜେରୀକୁ ଯାଇ ତଦାରଖ କରିଛନ୍ତି । କାର୍ଯ୍ୟାଳୟ ପରିସରରେ ପାନ ଛେପ ପଡ଼ିଥିବା ଦେଖି ବିରକ୍ତି ପ୍ରକାଶ କରିବା ସହ ଏଭଳି ପୁନରାବୃତ୍ତି ନକରିବା ପାଇଁ ପରାମର୍ଶ ଦେଇଛନ୍ତି ।

ଏଷ୍ଟି ଜାଭିୟର ହାଇ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

ଧାମନଗର,୧୦।୧ (ସଂଚାର ବ୍ୟୁରୋ): ଧାମନଗର ଏନ୍. ଏ.ସି ସ୍ଥିତ ଏଷ୍ଟି ଜାଭିୟର ହାଇ ସ୍କୁଲ୍ ର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଯାଇଅଛି। ଛାତ୍ରଛାତ୍ରୀ ମାନଙ୍କ ଶାରିରୀକ ଓ ମାନସିକ ବିକାଶ ପାଇଁ କ୍ରୀଡ଼ାଭ୍ୟାସର ଆବଶ୍ୟକତା ରହିଛି। ଏଷ୍ଟି ଜାଭିୟର ହାଇ ସ୍କୁଲ୍ ର ପ୍ରତିଷ୍ଠାତା ଓ ଚେୟାର ମେନ୍ ଜଗ୍ଜୀତ ପଣ୍ଡା ଯୋଗ ଦେଇ କ୍ରୀଡ଼ାକୁ ସୁସ୍ଥ ଓ ମନୋରଞ୍ଜନର ସାଧନ ଭାବେ ଆରହିତ କରିଥିଲେ। ପ୍ରିନ୍ସିପାଲ୍ ଆଶାବରି ମିଶ୍ର ଯୋଗଦେଇ ଆଧୁନିକ ଶିକ୍ଷା ବ୍ୟବସ୍ଥାରେ କ୍ରୀଡ଼ାର ଭୂମିକାକୁ ବର୍ଦ୍ଧିତ କରିଦିଆଯାଇଛି ବୋଲି ପ୍ରକାଶ କରିଛନ୍ତି ଓ ଛାତ୍ରଛାତ୍ରୀ ମାନେ ଆଜିକା ସମାଜ ଦୁନିଆ ରେ ମୋବାଇଲ୍ ପାଖରେ ବନ୍ଧା ପଡିଛନ୍ତି ବୋଲି ପ୍ରକାଶ କରିଛନ୍ତି।

ଦୟାନଦୀ ଜଳ ଦୂଷିତ ଯୋଗୁଁ ଜଣ୍ଡିସ ବ୍ୟାପିଲା, ପହଞ୍ଚିଲେ ଡ଼ିକ୍ଟରୀ ଦଳ

କଣାସ,୧୦।୧ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲାର କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥିତ ହୋଇଥିବାରୁ ବର୍ଷ ସାରା ଏଠାରେ ପାନୀୟ ଜଳ ସମସ୍ୟା ଲାଗି ରୁହେ। ଲୋକେ ମାନେ ମୁଖ୍ୟତଃ ଦୟା ନଦୀ ର ପ୍ରଦୂଷିତ ଜଳ ବ୍ୟବହାର କରିଥାନ୍ତି ଜଳ ବ୍ୟବହାର କରି ଗତ ବର୍ଷ ନୂଆଗାଁ, ନିକୁଳପାଟଣା, ଜାଗୁଲେଇପଦର, କଳାପଦାର, ଗୋପୀନାଥପୁର ଗ୍ରାମରେ ଝଡାବାନ୍ତି ଲାଗି ୭ ଜଣ ମାରିଥିବା ବେଳେ। କିଛି ଦିନ ହେଲା ଦୟା ନଦୀ ର ଦୂଷିତ ଜଳ ବ୍ୟବହାର କରି ଦୋକାନ ପଞ୍ଚାୟତର ନୂଆଦୋକନ୍ଦା ଓ ଆଖ ପାଖ ଗ୍ରାମରେ ୧୦ ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଜଣ୍ଡିସ

ରୋଗରେ ଆକାରନ୍ତ ହୋଇଛନ୍ତି। ଏହି ଖବର ଆଜି ଗଣ ମାଧ୍ୟମରେ ପ୍ରକାଶ ପାଇବାରୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରୁ ଅଧିକାରିଣୀ ଡାକ୍ତର ଶିଲ୍ପା ଦାସ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼. ବିବେକ ଅନୁରାଗ, ଶିଶୁ ବିକାଶ ଅଧିକାରିଣୀ ସ୍ମିତା ମହାନ୍ତି ଓ ସ୍ୱାସ୍ଥ୍ୟ କର୍ମୀ ମାନେ ନୂଆଦୋକନ୍ଦା କୁ ଯାଇ ପ୍ରତି ପରିବାରର ଲୋକ ଙ୍କୁ ପରୀକ୍ଷା ନିରୀକ୍ଷା କରି ଦୟା ନଦୀର ଦୂଷିତ ଜଳ ବ୍ୟବହାର ନକରିବା ପାଇଁ ଜନ ସଚେତନା କରିଥିଲେ। ପ୍ରକାଶ ଥାଉକି ଭୁବନେଶ୍ୱର ସହରର ବିଷାକ୍ତ ଜଳ ଗଙ୍ଗୁଆ ନାଳ ଦେଇ ଦୟା ନଦୀ ରେ ପ୍ରବେଶ କରୁଥିବାରୁ ଦୟା ନଦୀ ଜଳ ଦ୍ରିଘ ଦିନ ହେଲା ବିଷାକ୍ତ ହୋଇଯାଇଛି। ସେହି ଦିନ ଠାରୁ କଣାସ ଅଞ୍ଚଳରେ ଝାଡା ବାନ୍ତି ଜଣ୍ଡିସ ଚର୍ମ ରୋଗ ପିଛା ଛାଡୁନାହିଁ। ଆଜି ସତ୍ୟବାଦୀ ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂହ ନିଜ ମତରେ କହିଛନ୍ତି। ଗତବର୍ଷ ହଇଜାରେ ୩୦୦ଜଣ ଆକ୍ରାନ୍ତ ହୋଇଥିଲେ ଏବଂ ସେଥିରେ ୭ଜଣ ମୃତ୍ୟୁ ବରଣ କରିଥିଲେ।ଏ ସମ୍ପର୍କରେ ସରକାରଙ୍କୁ ବାରମ୍ବାର ଅବଗତ କରା ଯାଇଥିଲେ ମଧ କୌଣସି ସୁଫଳ ମିଳିନଥିଲା।

ଫକୀରମୋହନ ମେଡିକାଲ୍ କଲେଜ୍ ଓ ହସପିଟାଲରେ ଅଧିକ ପିଜି ସିଟ୍ ଖୋଲିବା ପାଇଁ ଦାବି

ବାଲେଶ୍ୱର,୧୦।୧ (ସଂଚାର ବ୍ୟୁରୋ): ଦୈନିକ ସମ୍ବାଦପତ୍ରରେ ଓଡ଼ିଶାର ବିଭିନ୍ନ ମେଡିକାଲ୍ କଲେଜରେ ଓଡ଼ିଶା ସରକାରଙ୍କର ୫୦୨ଟି ଡାକ୍ତରୀ ପିଜି ସିଟ୍ ବଢ଼ିବାର ପ୍ରସ୍ତାବ ଥିବାବେଳେ

ବାଲେଶ୍ୱରର ନାମ ନଥିବାରୁ ଆଦି ସାପ୍ତାହିକ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଯଦିଓ, ଫକୀରମୋହନ ମେଡିକାଲ୍ କଲେଜ୍‌ରେ ପୂର୍ବରୁ ପ୍ରସୂତି ବିଭାଗରେ ୨ଟି, ନାସା କର୍ଣ୍ଣ ଗଳା ବିଭାଗରେ ୨ଟି ଓ ନିସ୍ଚେତକ ବିଭାଗରେ ୧ଟି ପିଜି ସିଟ୍ ପାଇଁ ଅନୁମୋଦନ ହୋଇଛି, ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ଯଥା କାର୍ଡିଓଲୋଜି, ନ୍ୟୁରୋଲୋଜି, ନେଫ୍ରୋଲୋଜି, ୟୁରୋଲୋଜି, ଆଇ, ଗେଷ୍ଟ୍ରୋଏଣ୍ଟ୍ରୋଲୋଜି, ପିଏମ୍‌ଆର ପ୍ରଭୃତି ବିଭାଗରେ ପିଜି ସିଟ୍ ଖୋଲାଯାଇ ନାହିଁ। ଏ ସମସ୍ତ ବିଭାଗରେ ପିଜି ସିଟ୍ ଖୋଲିବା ପାଇଁ ଓଡ଼ିଶା ସରକାର ପୁନର୍ବିଚାର କରି ଫକୀରମୋହନ ମେଡିକାଲ୍ କଲେଜ୍‌ରେ ପିଜି ସିଟ୍ ବଢ଼ାଇବାର ବ୍ୟବସ୍ଥା କରିବା ପାଇଁ ଦାବି କରାଯାଇଛି।

କଳାହାଣ୍ଡି ଉତ୍ସବ ଘୁମୁରା: ପ୍ରତିଯୋଗିତାରେ ଭାଗନେଲେ ଛାତ୍ରୀଛାତ୍ର

କେସିଙ୍ଗା,୧୦।୧ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା କେସିଙ୍ଗାସ୍ଥିତ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଆନନ୍ଦ ଉଲ୍ଲାସର ସହିତ

ଏକ ବର୍ଣ୍ଣାଢ୍ୟ ପରିବେଶରେ ଶନିବାର ସକାଳେ ମହାସମାରୋହରେ ୨୮ତମ ଏନଏସି ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟିତ ହୋଇଯାଇଛି। ପୂର୍ବାହ୍ନ ୮ଟାରେ ସହରର ଅଧିଷ୍ଠାତ୍ରୀ ଦେବତା ବୁଢ଼ାରଜା ବୁଢ଼ା ଡଙ୍ଗର ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ବୀର ବାଦ୍ୟ ଘୁମୁରାବାଦ୍ୟରେ ସହର କମ୍ପି ଉଠିଥିଲା ସହର ପରିକ୍ରମା କରି ବିଦ୍ୟାପୀଠସ୍ଥିତ ବୁଢ଼ାରଜା ମଞ୍ଚ ଯାଏ ମଶାଲ ଶୋଭାଯାତ୍ରା କରି ମଶାଲ ସ୍ଥାପନ କରାଯାଇଥିଲା। ଏହି ମଶାଲ ଯାତ୍ରାପରେ ବୁଢ଼ାରଜା ମଞ୍ଚକୁ ନିମନ୍ତ୍ରିତ ଅତିଥି ଭାବେ ଏନଏସି ଅଧକ୍ଷା ନୃପରାଜ ଯାଦବ, ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀଙ୍କ ସମେତ ସମସ୍ତ କାଉନ୍‌ସିଲରବୃନ୍ଦ ଯୋଗଦାନକରି ମଞ୍ଚକୁ ଉଦ୍‌ଘାଟନ କରିଥିଲେ। ପରେ ପୂର୍ବାହ୍ନରେ ଲୋକଗୀତ, ଲୋକନୃତ୍ୟ, ଝୋଟି, ମୁରୁଜ, କଳାହାଣ୍ଡିଆ ପିଠା, ବିଭିନ୍ନ ଭଜନ, ଦଉଡଡିଆ, ଆଦି ଛାତ୍ରୀଛାତ୍ରଙ୍କ ଦ୍

ନବଜାତ ଶିଶୁଙ୍କ ପାଇଁ ବିପଦ ହାଇପୋଥର୍ମିଆ

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଏବେ ଶୀତ ଓ କୁହୁଡ଼ି ଅଚାନକ ଭାବେ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିବାବେଳେ ନବଜାତ ଶିଶୁଙ୍କ ପାଇଁ ବିପଜ୍ଜନକ ହେଉଛି ହାଇପୋଥର୍ମିଆ। ଯେତେବେଳେ ଆମପରି ବୟସ୍କ ଲୋକମାନେ ହାଡ଼ଭଙ୍ଗା ଶୀତରେ ଜଡ଼ଶଡ଼ ହୋଇଯାଉଛେ ସେତେବେଳେ ଭାବନ୍ତୁ ନବଜାତକଙ୍କ ପାଇଁ ଏହା କେତେ ଘାତକ ସାବ୍ୟସ୍ତ ହୋଇପାରେ। ସହଯେ ବିଷାକ୍ତ ବାୟୁ ପ୍ରଦୂଷଣ ସମଗ୍ର ବାୟୁମଣ୍ଡଳକୁ ବିପଜ୍ଜନକ ସାବ୍ୟସ୍ତ କରିଥିବା ସମୟରେ ଆସନ୍ତୁ ନବଜାତକ ଶିଶୁଙ୍କ ପାଇଁ ଘାତକ ସାବ୍ୟସ୍ତ ହେଉଥିବା ହାଇପୋଥର୍ମିଆ ସମ୍ପର୍କରେ ଆଲୋଚନାଟି ରଖିବା।

ହାଇପୋଥର୍ମିଆ ଦୁଇ ପ୍ରକାର ବୟସସୀମା ଭିତରେ ଦେଖାଯାଏ। ମାସକର ଶିଶୁ ଓ ଦୁଇ ମାସରୁ ୧ ବର୍ଷ ବୟସର ପିଲାଙ୍କ ଶରୀରରେ ଏହା ଅଧିକ ଦେଖାଯାଏ। ମାସକରୁ କମ ବୟସର ଶିଶୁଙ୍କ ଶରୀର ଜଲଦି ଥଣ୍ଡା ପଡ଼ିଯାଏ, ଅତ୍ୟାବଶ୍ୟକ ଗରମ ପୋଷାକ ପିନ୍ଧା ନଗଲେ, ମା' ପେଟର ତାପମାତ୍ରା ଠାରୁ ବାହାର ତାପମାତ୍ରା କମ ହୋଇଗଲେ ଶିଶୁଙ୍କ ଠାରେ ଏହି ରୋଗ ଦେଖାଯାଏ। ବର୍ଷକରୁ କମ ବୟସର ପିଲାମାନଙ୍କର ଶରୀରରେ ହାଇପୋଥର୍ମିଆ ଦେଖାଯିବାର କାରଣ ହେଲା ପରିବେଶ।

ଯେତେବେଳେ ପିଲା ଖାଇବେ ନାହିଁ, ସେମାନଙ୍କ ଠାରେ ବିଭିନ୍ନ ସଂକ୍ରମଣ ଦେଖାଯିବ, ହାର୍ଟରେଟ କମିଯିବ ଏବଂ ଥଣ୍ଡା ଧରିବ, ସେତେବେଳେ ଜାଣିବେ ସେ ବୋଧେ ହାଇପୋଥର୍ମିଆରେ ଆକ୍ରାନ୍ତ ହୋଇଛି।

ନବଜାତ ପିଲାଙ୍କ ହାତ ଓ ପାଦକୁ ବାରମ୍ବାର ଧ୍ୟାନ ଦେବା ଉଚିତ, କାରଣ ଏହି ରୋଗରେ ସେମାନଙ୍କ ହାତ ଓ ପାଦ ନଳୀ ପଡ଼ିଯାଏ। ପିଲାମାନେ ଖାଇବା ଗ୍ରହଣ କରିବେ ନାହିଁ, ଅଧିକ ସମୟ ଶୋଇବେ। ତାଙ୍କଠାରୁ ବଡ଼ ପିଲାଙ୍କ ଶରୀରରେ ବାରମ୍ବାର ସର୍ଦ୍ଦି ଧରିବ, ଖେଳାଖେଳି କରିବେ ନାହିଁ। ବ୍ୟବହାରରେ ଏପରି କିଛି ପରିବର୍ତ୍ତନ ଆସିଲେ ସଙ୍ଗେ ସଙ୍ଗେ ପାଖ ଡାକ୍ତରଖାନାକୁ ନେଇଯିବା ଉଚିତ।

ଶରୀରର ଉପଯୁକ୍ତ ତାପମାତ୍ରା ପାଇଁ ବିଭନ୍ନ ପ୍ରକାର ଗ୍ରେଡ଼ିଂ ରହିଛି। ମାଇଲଡ ହାଇପୋଥର୍ମିଆରେ ଶରୀର ତାପମାତ୍ରା ୩୬ ଡିଗ୍ରୀରୁ ୩୬.୫ ଡିଗ୍ରୀ ସେଲସିୟସ ରହିବା ଉଚିତ। ସେହିପରି ମଡରେଟରେ ତାପମାତ୍ରା ୩୨-୩୬ ଡିଗ୍ରୀ ମଧ୍ୟରେ ଏବଂ ସିଭିଅର ହାଇପୋଥର୍ମିଆରେ ୩୬ ଡିଗ୍ରୀରୁ କମ ତାପମାତ୍ରା ରହିବ। ସେଥିପାଇଁ ମଡରେଟ ଓ ସିଭିଅର ହାଇପୋଥର୍ମିଆ ଅଧିକ ବିପଦପୂର୍ଣ୍ଣ। ଏହି ସମୟରେ ଡାକ୍ତରଖାନାରେ ଶିଶୁଙ୍କ ରେଡିଆଣ୍ଟ ୱାର୍ମର ତଳେ ରଖିଥାଉ। ୩୪ ଡିଗ୍ରୀ ତାପମାତ୍ରା ଆଣିବା ପର୍ଯ୍ୟନ୍ତ ସେମାନଙ୍କୁ ଜୋର ଜୋର ଘସାଯାଏ। ଏହାପରେ ୩୬ ଡିଗ୍ରୀ ପର୍ଯ୍ୟନ୍ତ ଆଣିବାକୁ ଚେଷ୍ଟା କରାଯାଏ।

ନବଜାତ ଶିଶୁଙ୍କୁ ମାସକ ଭିତରେ ଗାଧେଇବେ ନାହିଁ। ମୋଟା ପୋଷାକ ପିନ୍ଧାଇବେ ଏବଂ ବଡ଼ ପିଲା ଘରେ ଥିଲେ ବି ଗରମ ପୋଷାକ ପିନ୍ଧାଇବେ। ଘରର ଉଷ୍ମତା ବଜାୟ ରଖିବା ଦରକାର। ନାଜାଲ ଡ୍ରପ ନାକରେ ପକାଇବା ଉଚିତ, କାରଣ ଏହା ନାକକୁ ଆର୍ଦ୍ର ରଖିଥାଏ। କୁହୁଡ଼ି ଓ ବିଷାକ୍ତ ବାୟୁମଣ୍ଡଳ ଆପଣଙ୍କ ଆଖପାଖ ପରିବେଶରେ ରହୁଥିଲେ କୌଣସି ପରିସ୍ଥିତିରେ ନବଜାତ ଶିଶୁ ଯେପରି ଏହାର ସଂସ୍ପର୍ଶରେ ନ ଆସିବେ ସେ ଦିଗ ପାଇଁ ଯତ୍ନବାନ ହୁଅନ୍ତୁ। ନବଜାତ ମାନଙ୍କୁ ସାମାନ୍ୟ ଥଣ୍ଡଜ୍ୱର, ଛିଙ୍କ ବା କୌଣସି ଶାରୀରିକ ଅସ୍ୱସ୍ତିକର ଅବସ୍ଥା ଦେଖିବାମାତ୍ରେ ତୁରନ୍ତ ନିକଟସ୍ଥ ସରକାରୀ ଡାକ୍ତରଖାନା, ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ପିଲାଟି ଯେପରି ଉଷୁମ ପରିବେଶ ପାଇବ ଓ ପର୍ଯ୍ୟାପ୍ତ ପରିମାଣର ମା'କ୍ଷୀର ଖାଇବ ସେ ଦିଗକୁ ଅଣଦେଖା କରନ୍ତୁ ନାହିଁ। କେହି କେହି ଶୀତ ଦିନ ସୂର୍ଯ୍ୟକିରଣ ନବଜାତକଙ୍କ ପାଇଁ ଭଲ ବୋଲି ବିଚାର କରିଥାନ୍ତି କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସୂର୍ଯ୍ୟକିରଣ ପିଲାଟି ପାଉ କିନ୍ତୁ ବାୟୁମଣ୍ଡଳର ଜଳୀୟ କଣା ଏବଂ ବିଷାକ୍ତ ପରିବେଶ ଯେପରି ତାହା ସ୍ୱାସ୍ଥ୍ୟ ଅବସ୍ଥାକୁ ନ ବିଗାଡ଼େ ସେ ଦିଗକୁ ଅଣଦେଖା କରନ୍ତୁ ନାହିଁ। ପିଲାଟି କ୍ଷୀର ଖାଉଥିଲେ ମା'ମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି। ସେମାନେ ଥଣ୍ଡାଜାତୀୟ ଜିନିଷ ଠାରୁ ଦୂରେଇ ରହିବା ସହ ନିଜେ ଯେପରି କୁହୁଡ଼ି ଧୂଳି ଧୂଆଁଠାରୁ ଦୂରେଇ ରହିବେ ସେଥିନିମିତ୍ତ ଯତ୍ନବାନ ହୁଅନ୍ତୁ। ହାଇପୋଥର୍ମିଆ ସେପରି ଏକ ଭୟଙ୍କର ରୋଗ ନୁହେଁ କିନ୍ତୁ କୌଣସି ପ୍ରକାରରେ ଡୁଟୁକା ଡୁଟୁକି ବା ଗୁଣୀ ଗାରେଡ଼ି ଚିକିତ୍ସାକୁ ଆଦୌ ଗ୍ରହଣ କରନ୍ତୁ ନାହିଁ। ସରକାରୀ ବ୍ୟବସ୍ଥାରେ ପିଲାଟିର ଚିକିତ୍ସା କରନ୍ତୁ। ଅଧୈର୍ଯ୍ୟ ନହୋଇ ଭଗବାନଙ୍କ ଉପରେ ବିଶ୍ୱାସ ରଖି ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ଓ ଚିକିତ୍ସା ବ୍ୟବସ୍ଥାକୁ ଆପଣାଇଲେ ଦେଖିବେ ପିଲାଟି ହାଇପୋଥର୍ମିଆରୁ ନିଶ୍ଚିନ୍ତ ଆରୋଗ୍ୟ ଲାଭ କରିପାରିବ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର



ଶ୍ରବଣ ଶକ୍ତି ହ୍ରାସର ପୂର୍ବାଭାସ

ନାରାୟଣ ଚନ୍ଦ୍ର ବିଶ୍ୱାଳ

ଶ୍ରବଣଶକ୍ତି କ୍ଷୀଣ ହେବା ଆରମ୍ଭ ନକଲା ଯାଏ ଅଧିକାଂଶ ଲୋକ ତାହାକୁ ଅଣଦେଖା କରିଥାନ୍ତି। ଶ୍ରବଣଶକ୍ତି ହ୍ରାସର ପ୍ରାଥମିକ ଓ ସାଧାରଣ ଲକ୍ଷଣ ମଧ୍ୟରୁ ଗୋଟିଏ ହେଉଛି ଅନ୍ୟମାନେ କ୍ଷୀଣ ସ୍ୱରରେ କଥା ହେଉଛନ୍ତି ପରି ଲାଗିବା। ଆପଣଙ୍କୁ ନିୟମିତ ଭାବେ କ'ଣ କହିଲେ, ବୁଝିପାରିଲି ନାହିଁ, ଟିକିଏ ଜୋରରେ କୁହନ୍ତୁ କହିବାକୁ ପଡ଼ିବା ଆଉ ଏକ ଲକ୍ଷଣ। ସେହିପରି ଶ୍ରବଣଶକ୍ତି ହ୍ରାସର ଅନ୍ୟତମ ଲକ୍ଷଣ ହେଲା କୋଳାହଳପୂର୍ଣ୍ଣ ସ୍ଥାନରେ ସ୍ପଷ୍ଟ ଭାବରେ ଶୁଣିବାରେ ସମସ୍ୟା ହେବା। ଯଦି ରେସ୍ତୋରାଁ, କାଫେ, ବଜାର କିମ୍ବା ପାରିବାରିକ ସମାବେଶରେ କଥା ବୁଝିବାରେ ସମସ୍ୟା ହେଉଛି ତାହା ଶ୍ରବଣଶକ୍ତି ହ୍ରାସର ସଙ୍କେତ। ଲୋକେ କଥାବାର୍ତ୍ତା କରୁଥିବା ଶୁଣିପାରୁଥିଲେ ହେଁ ସେମାନେ କ'ଣ କହୁଛନ୍ତି ବୁଝିବା କଷ୍ଟ ହୁଏ। ଏହାକୁ ଅଣଦେଖା କରିବା ଦ୍ୱାରା ସାମାଜିକ ଦୂରତା, ହତାଶା ଓ ଗୋଷ୍ଠୀ କାର୍ଯ୍ୟକଳାପରେ ଅଂଶ ଗ୍ରହଣ ହ୍ରାସ ହୋଇପାରେ। ଅନ୍ୟତମ ଲକ୍ଷଣ ହେଲା ଅନ୍ୟ ମାନଙ୍କ ତୁଳନାରେ ଟିଭି କିମ୍ବା ଫୋନ ଭଲ୍ୟୁମ ଅଧିକ ବଢ଼ାଇବା, ସବୁବେଳେ ସ୍ପିକରଫୋନ ବ୍ୟବହାର କରିବା, ଶାନ୍ତ ଜାଗାରେ ମଧ୍ୟ ଫୋନ ଭଲ୍ୟୁମ ବଢ଼ାଇବା।

ସେହିପରି କଥାବାର୍ତ୍ତା ପରେ କ୍ଲାନ୍ତ କିମ୍ବା ଚାପଗ୍ରସ୍ତ ଅନୁଭବ କରିବା ହେଉଛି ଅନ୍ୟତମ ଲକ୍ଷଣ। ଶୁଣିବାରେ ଆମ କାନ ଅପେକ୍ଷା ମସ୍ତିଷ୍କର କାମ ଅଧିକ। ଯେତେବେଳେ ଆମ କାନ ସ୍ପଷ୍ଟ ଭାବରେ ଶବ୍ଦ ଗ୍ରହଣ କରେ ନାହିଁ, ସେତେବେଳେ ମସ୍ତିଷ୍କକୁ ଓଠ ପଢ଼ିବା, ଶବ୍ଦ ଅନୁମାନ କରିବା ଏବଂ ସ୍ୱର ଅନୁସରଣ କରିବା ପାଇଁ ଅଧିକ କଠିନ ପରିଶ୍ରମ କରିବାକୁ ପଡ଼ିଥାଏ। ସେହିପରି ସାଧାରଣତଃ ଶ୍ରବଣ ଶକ୍ତି ହ୍ରାସ ପାଇବା ଆରମ୍ଭ ହେବା ପରେ ଡୋରବେଲ କିମ୍ବା ଫୋନ, ମାଇକ୍ରୋୱେଭ କି ୱାସିଂ ମେସିନ ବିପ, ପିଲା କିମ୍ବା ମହିଳାଙ୍କ ସ୍ୱର ପରି କେତେକ ଉଚ୍ଚଫ୍ରିକ୍ୱେନ୍ସି ଶବ୍ଦ ପ୍ରଥମେ ଅସ୍ପଷ୍ଟ ହୋଇଯାଏ। ତେଣୁ ଉପରୋକ୍ତ ଲକ୍ଷଣ ଗୁଡ଼ିକ ମଧ୍ୟରୁ ଗୋଟିଏ କିମ୍ବା ଦୁଇଟି ଦେଖାଗଲେ ଶ୍ରବଣ ପରୀକ୍ଷା କରିବା ଜରୁରୀ।

ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, କଟକ

ଶାଢ଼ି ସୁନ୍ଦରୀ ଓ ଓଡ଼ିଶାର ଲୋକପ୍ରିୟ ଶାଢ଼ି



ଅପର୍ଣ୍ଣା ନାୟକ

ଆମ ରାଜ୍ୟର ହସ୍ତତନ୍ତ ବିଶ୍ୱ ବିଖ୍ୟାତ। କେବଳ ଭାରତ ନୁହେଁ, ବିଦେଶରେ ମଧ୍ୟ ଓଡ଼ିଶାର ହସ୍ତତନ୍ତ ଶାଢ଼ିର ଚାହିଦା ରହିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଠାରୁ ନେଇ ବରିଷ୍ଠ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଓ ସୋନିଆ ଗାନ୍ଧୀ ମଧ୍ୟ ଓଡ଼ିଶା ହସ୍ତତନ୍ତ ଶାଢ଼ିର ସାବଲୀଳତାକୁ ସାଦରେ ଆପଣାଇ ନେଇଛନ୍ତି। ଉନ୍ନତ ବୟନଶିଳ୍ପର ଭୂମି ଓଡ଼ିଶାରେ ରହି ହସ୍ତତନ୍ତ ଶାଢ଼ିର ସମ୍ଭାର।

ମାଣିଆବନ୍ଧ: କଟକ ଜିଲ୍ଲାର ମାଣିଆବନ୍ଧ ଗ୍ରାମରେ ପ୍ରସ୍ତୁତ କରାଯାଉଥିବା ମାଣିଆବନ୍ଧ ଶାଢ଼ି ବିଶ୍ୱ ପ୍ରସିଦ୍ଧ। ହସ୍ତତନ୍ତ ଓ ବାନ୍ଧକଳାରେ ପାରଦର୍ଶିତା ହାସଲ କରିଥିବା ମାଣିଆବନ୍ଧ ଶାଢ଼ି ସ୍ୱତନ୍ତ୍ର। ଅବିଭକ୍ତ ମାଣିଆବନ୍ଧ ଗ୍ରାମପଞ୍ଚାୟତର ୧୧୨୦ ପରିବାର ପ୍ରାୟ ପାଞ୍ଚହଜାର ବୁଣାକାର ବୁଣନ୍ତି ଏହି ଶାଢ଼ି। ଏଥିସହ ବଡ଼ମ୍ବା ବ୍ଲକର ଅନ୍ୟ ଗୋଟିଏ ଗ୍ରାମ ସହ କଟକ ଜିଲ୍ଲାର ତିଗିରିଆ ଓ ବାଙ୍କୀ ସମେତ ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ନୟାଗଡ଼ରେ ମଧ୍ୟ ମାଣିଆବନ୍ଧ ଶାଢ଼ି ପ୍ରସ୍ତୁତ କରାଯାଏ।

ମାକିଡ଼ିଆ ଟସର: ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ ଜଳେଶ୍ୱର ବ୍ଲକ ମାକିଡିଆ ଗ୍ରାମ ସମଗ୍ର ରାଜ୍ୟ ତଥା ଦେଶରେ ଟସର ଶାଢ଼ି ପାଇଁ ଏକଦା ଖ୍ୟାତି ଅର୍ଜନ କରିଥିଲା। ମାତ୍ର ଆଧୁନିକତା କବଳରେ ଏହି ଶିଳ୍ପ ଦିନକୁ ଦିନ ତାର ଲୋକପ୍ରିୟତା ହରାଉଛି।

ଭଗାମୁଣ୍ଡା ଟସର: କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକରେ ବୁଣାଯାଉଥିବା ଭଗାମୁଣ୍ଡା ଟସର ଶାଢ଼ି ବିଶ୍ୱ ଦରବାରରେ ପରିଚୟ ପାଇଥିବା ଓଡ଼ିଶାର ଅନନ୍ୟ ହସ୍ତତନ୍ତ। ଟସରରୁ ପ୍ରସ୍ତୁତ ପାଟ କପଡ଼ାରେ ବୁଣାଯାଏ ଏହି ଶାଢ଼ି।୨୦୧୨-୧୩ରେ ସ୍ୱତନ୍ତ୍ର ସିଲ୍କ ପାର୍କ ପ୍ରସ୍ତୁତ ହେବା ପରେ ଅତ୍ୟାଧୁନିକ ସୌରଚାଳିତ ମେସିନ ସାହାଯ୍ୟରେ ଏଠାରେ ଶାଢ଼ି ବୁଣାଯାଇ ଦେଶବିଦେଶକୁ ରପ୍ତାନି କରାଯାଉଛି।

ଗୋପାଳପୁର ରେଶମୀ: ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମାଖଣ୍ଡ ପଞ୍ଚାୟତ ଗୋପାଳପୁର ଗ୍ରାମର ଅଧିକାଂଶ ଘରେ ବୁଣାଯାଏ ଏହି ଶାଢ଼ି। ଏହି ଗ୍ରାମର ବୁଣାକାରମାନେ ନିଜ ବେଉସାକୁ ନେଇ ସନ୍ତୁଷ୍ଟ। ରାଜ୍ୟ ତଥା ରାଜ୍ୟ ବାହାରେ ଏହି ଶାଢ଼ିର ଚାହିଦା ରହିଛି।



ହାବସପୁରୀ: କଳାହାଣ୍ଡି ଜିଲ୍ଲାର ହାବସପୁର ଗ୍ରାମର ନାମ ଅନୁସାରେ ହାବସପୁରୀ ଶାଢ଼ିର ନାମକରଣ କରାଯାଇଛି। ହାବସପୁରୀ ଶାଢ଼ି ବୁଣା କାମ ଏକ କୁଟୀରଶିଳ୍ପ ଭାବେ ଆରମ୍ଭ ହୋଇଥିଲା। ଅନ୍ୟ ହସ୍ତତନ୍ତ ପରି ଏହାର ପ୍ରଚାର ପ୍ରସାର ଅଧିକ ନଥିଲେ ମଧ୍ୟ ଓଡ଼ିଶାର ଅନନ୍ୟ ହସ୍ତତନ୍ତ ଭାବରେ ଏହା ବିଶ୍ୱ ବିଦିତ।

ବୋମକାଇ: ଜଟିଳ କୌଶଳରେ ବୁଣାଯାଉଥିବା ଏକ ହସ୍ତତନ୍ତ ହେଉଛି ବୋମକାଇ। ବିଭିନ୍ନ ଜ୍ୟାମିତିକ ଆକୃତିରେ ବୁଣାଯାଉଥିବା ଏହି ଶାଢ଼ିକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଏହି ଶାଢ଼ିରେ ଗଛଲତା ଓ ଫୁଲର ଚିତ୍ର ଅଙ୍କାଯାଇଥାଏ।

କୋଟପାଡ଼ : ପ୍ରକୃତିର ରଙ୍ଗରୁ ପ୍ରସ୍ତୁତ ହୁଏ କୋଟପାଡ଼ ଶାଢ଼ି। କୋରାପୁଟର କୋଟପାଡ ଗ୍ରାମର ମିରିଗା ସଞ୍ଜ୍ରବାୟ ଦ୍ୱାରା ପ୍ରସ୍ତୁତ କରାଯାଏ ଏହି ଶାଢ଼ି। ପ୍ରାକୃତିକ ଭାବରେ ବିଭିନ୍ନ ଫଳରୁ ପ୍ରସ୍ତୁତ ରଙ୍ଗ ଦ୍ୱାରା ଏହି ଶାଢ଼ି ତିଆରି କରାଯାଏ।



ପ୍ରତୀକ ନୁହେଁ। ଏହା କେତେକ କ୍ଷେତ୍ରରେ ଭୌଗୋଳିକ ଭିନ୍ନତାର କାନଭାସ ପାଲଟିଥାଏ। ଏହା କେବେ ପୁଣି କେଉଁ ଅଞ୍ଚଳର ସ୍ୱତନ୍ତ୍ର ପରିଚୟ ଦେଇଥାଏ ତ କେବେ ଏହା ବୁଣାକାରଙ୍କ ପାଇଁ ଗୌରବ ସାଜିଥାଏ। ଭାରତର ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ଶାଢ଼ିର ସମ୍ଭାର ଦେଖାଯାଏ। ଶାଢ଼ିର ପ୍ରଚଳନ ସଂସ୍ପର୍କରେ ଆଲୋଚନା କଲାବେଳେ ଐତିହାସିକ ତଥ୍ୟ ରହିଛି ଯେ ଏହା ସିନ୍ଧୁ ସଭ୍ୟତା ସମୟରୁ ଆରମ୍ଭ। ଶାଢ଼ିର ନାମଟି ଆସିଛି 'ସାଉକା' ଶବ୍ଦରୁ ଯାହାର ଭାବାର୍ଥ ହେଉଛି ମହିଳା ମାନଙ୍କ ପରିଧେୟ ବସ୍ତ୍ର। ଜୈନ ଓ ବୌଦ୍ଧ ଲିପିରେ ଏହି ଶବ୍ଦର ଉଲ୍ଲେଖ ରହିଛି। ସାଉକା ହେଉଛି ତିନିଖଣ୍ଡରେ ବିଭାଜିତ ପୋଷାକ। ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀରେ ସଂସ୍କୃତ ସାହିତ୍ୟ ଏବଂ ବୌଦ୍ଧ ପାଲ୍ଲି ସାହିତ୍ୟରେ ମଧ୍ୟ ଏହା ଉଲ୍ଲେଖ ରହିଛି।

ଭାରତର ପ୍ରତି ରାଜ୍ୟର ବୟନର ସ୍ୱତନ୍ତ୍ରତା ରହିଛି ଯାହାପାଇଁ କେତେକ ଭାରତୀୟ ଶାଢ଼ିକୁ ଜିଆଇ ଟ୍ୟାଗ ବା ଭୌଗୋଳିକ ସୂଚକ ୨୦୦୫ରେ ଏହି ହସ୍ତତନ୍ତର ସ୍ୱାତନ୍ତ୍ର୍ୟ ଯୋଗୁଁ ଏହାକୁ ଜିଆଇ ଟ୍ୟାଗ ମିଳିଥିଲା।

ସମ୍ବଲପୁରୀ : ଉତ୍କର୍ଷତା, ସ୍ଥାୟୀରଙ୍ଗ, ଆକର୍ଷଣୀୟ ଡିଜାଇନ ସହ ହସ୍ତତନ୍ତ କ୍ଷେତ୍ରରେ ଏକ ବିପ୍ଳବ ସୃଷ୍ଟି କରିବାରେ ସକ୍ଷମ ହୋଇଛି ସମ୍ବଲପୁରୀ ଶାଢ଼ି। କେବଳ ଜାତୀୟ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଏହି ଶାଢ଼ି ପ୍ରସିଦ୍ଧି ଲାଭ କରିଛି।

ଶାଢ଼ି କେବଳ ଆମ୍ଭ ମାନଙ୍କର ଆଭିଜାତ୍ୟର ମର୍ଯ୍ୟାଦା ଦିଆଯାଉଛି। ଯେପରି ଆନ୍ଧ୍ରପ୍ରଦେଶର ଉପାଡ଼ାସିଲ୍କ, ଭେଙ୍କଟଗିରି ଶାଢ଼ି, ମଙ୍ଗଳଗିରି ଶାଢ଼ି। ଆସାମର ମୁଗା, ବିହାରର ଭାଗଲପୁରୀ, ଛତିଶଗଡ଼ର କୋଷା ସିଲ୍କ, ଗୁଜୁରାଟର ପଟୋଲା ଶାଢ଼ି, କର୍ଣ୍ଣାଟକର ମହୀଶୂର ସିଲ୍କ ଓ ଇଲକାଲ ଶାଢ଼ି, କେରଳର କାଶାବୁ ଶାଢ଼ି, ମଧ୍ୟପ୍ରଦେଶର ଚାନ୍ଦେରୀ ଓ ମାହେଶ୍ୱରୀ ଶାଢ଼ି, ମହାରାଷ୍ଟ୍ରର ପୈଠାନୀ ଶାଢ଼ି, ପଶ୍ଚିମବଙ୍ଗର ଟାଙ୍ଗାଇଲ, ବାଲୁଚରୀ ଓ ଶାନ୍ତିପୁରୀ ଏହା ବ୍ୟତୀତ ମଦୁରାଇ, ମୌରାଙ୍ଗପି ଓ ଖଣ୍ଡୁଆ ପାଟକୁ ମଧ୍ୟ ଭାରତ ସରକାରଙ୍କ ପକ୍ଷରୁ ଜିଆଇ ଟ୍ୟାଗ ମିଳିଛି। ତେବେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ସବୁଠାରୁ ମହଙ୍ଗା ଶାଢ଼ି ଥିଲା କାଞ୍ଜିପୁରମ୍ ରେଶମୀ ଶାଢ଼ି ଯାହାର ମୂଲ୍ୟ ୩୯ଲକ୍ଷ ୩୧ ହଜାର ୬୨୬ ଟଙ୍କା। ୨୦୦୮ ଜାନୁଆରୀ ୫ ତାରିଖରେ ବିକ୍ରି ହୋଇଥିବା ଏହି ଶାଢ଼ି ବିଶ୍ୱବ୍ୟାପି ଚହଳ ସୃଷ୍ଟି କରିଥିଲା। ତେବେ ସବୁଠାରୁ ବଡ଼କଥା ହେଉଛି ଭାରତ ବ୍ୟତୀତ ଶ୍ରୀଲଙ୍କା, ପାକିସ୍ତାନ, ନେପାଳ ଓ ବାଙ୍ଗଲାଦେଶରେ ମଧ୍ୟ ଶାଢ଼ିର ସ୍ୱତନ୍ତ୍ର ପରିଚୟ ରହିଛି। ତେବେ ଭାରତର ବିଭିନ୍ନ ରାଜ୍ୟରେ ଶାଢ଼ି ଚୟନ ପ୍ରକ୍ରିୟା, କପଡ଼ା ଓ ପିନ୍ଧିବା ଶୈଳୀ ଭିନ୍ନ ହୋଇଥାଏ। ପ୍ରତ୍ୟେକ ରାଜ୍ୟରେ ଶାଢ଼ି ଡ୍ରେପିଂର ରହିଛି ଐତିହାସିକ ଓ ସାଂସ୍କୃତିକ ଗୁରୁତ୍ୱ। ସମ୍ପ୍ରତି ପ୍ରାୟ ସମସ୍ତେ ଗୋଟିଏ ପଟକୁ ପଣତ କରି ଶାଢ଼ି ପିନ୍ଧୁଥିବାବେଳେ ରାଜ୍ୟ ଓ ଚଳଣି ଭିତ୍ତିରେ ଶାଢ଼ି ପିନ୍ଧା ଭିନ୍ନ ହୋଇଥାଏ। ଯେପରି ପଶ୍ଚିମବଙ୍ଗରେ ଦୁଇ କାନ୍ଧରେ କାନି ପକାଯାଇ ଶାଢ଼ି ପିନ୍ଧିବାର ପରମ୍ପରା ଥିବାବେଳେ ଗୁଜୁରାଟରେ ଶାଢ଼ିର ପଣତ ସାମ୍ନା ଭାଗରେ ରଖାଯାଇଥାଏ। ବିଭିନ୍ନ ରାଜ୍ୟର ଶାଢ଼ି ଓ ଶାଢ଼ି ପିନ୍ଧାର ଶୈଳୀ ବାସ୍ତବିକ ଅନନ୍ୟ। ତାମିଲନାଡୁର ପ୍ରିୟ ଶାଢ଼ି କୁର୍ଗି ହୋଇଥିବାବେଳେ, ଆନ୍ଧ୍ରପ୍ରଦେଶର ନିଭି, ମହାରାଷ୍ଟ୍ରର ନୋଭାରୀ, କେରଳର ମୁଣ୍ଡୁମ ନେରିୟାଥୁମ, ତାମିଲନାଡୁର ପିନକୋସୁଭମ, ଗୁଜୁରାଟର ସଞ୍ଜୁଖ ଭାଗକୁ କାନି, ପଶ୍ଚିମବଙ୍ଗର ଆଟପୋରେ, ଆସାମର ମେକେଲା,

କର୍ଣ୍ଣାଟକର ହାଲ୍ଲାକି ଭୋକାଲିଗା, ଆନ୍ଧ୍ରପ୍ରଦେଶର କପ୍ପୁଲୁ ପିନ୍ଧା ଶୈଳୀ, ଗୋଆର ଢାଙ୍ଗାଡ, ତେଲେଙ୍ଗାନାର ଗୋଚ୍ଛିକାଚ୍ଛୁ ପ୍ରମୁଖ।

ଆଜିକାଲି ମହିଳାମାନଙ୍କ ଭିତରେ ଶାଢ଼ିର ଟ୍ରେଣ୍ଡେ ଦିନକୁ ଦିନ ବଦଳୁଛି। ପ୍ରାକୃତିକ ଭାବରେ ପ୍ରସ୍ତୁତ ଅର୍ଗାନିକ କଟନ୍, ପାଟ, ଲିନେନ, ବାମ୍ବୋ ସିଲ୍କ, ବାନାନା ଫାଇବର, ପଦ୍ମନାଡ଼ ସିଲ୍କ ସମଗ୍ର ବିଶ୍ୱରେ ଆଦୃତ। ସେହିପରି ପାରମ୍ପରିକ ଖଦି ଓ ହସ୍ତତନ୍ତ ଶାଢ଼ି ମଧ୍ୟ ପରିବେଶ ଉପଯୋଗୀ। ବର୍ତ୍ତମାନ ବଜାରରେ ୱାନମିନିଟ ଶାଢ଼ିର ଚାହିଦା ବଢ଼ିଛି। କାରଣ ବାସ୍ତବରେ ଶାଢ଼ି ପିନ୍ଧିବା ଏତେ ସହଜ ହୋଇନଥାଏ। ପାରମ୍ପରିକ ଢଙ୍ଗରେ ଶାଢ଼ି ପିନ୍ଧିବା ପାଇଁ ଧୈର୍ଯ୍ୟ ଓ କୌଶଳ ସହ ଘଣ୍ଟା ଘଣ୍ଟା ଧରି ଏହାକୁ ସଜ୍ଜିତ କରିବା ପାଇଁ ଲାଗିଯାଇଥାଏ। ଅସଲକଥା ଶାଢ଼ି ପିନ୍ଧିବା ବେଳେ କୁଞ୍ଚ ସଜାଡ଼ିବା ଓ ପଣତ ପ୍ଲେଟିଂ କରିବାରେ ସମୟ ଲାଗିଥାଏ। ତେଣୁ ବର୍ତ୍ତମାନ ବଜାରରେ ଚାହି

କିଏ ବୁଝିବ ଉପାନ୍ତ ଲୋକଙ୍କ ଯନ୍ତ୍ରଣା ?

ଦୁର୍ବିସହ ହୋଇପଡ଼ିଛି କୋରାପୁଟ ଗାଦବାଗୁଡ଼ା ଲୋକଙ୍କ ଜୀବନ

କୋରାପୁଟ,୧୦।୧ (ସଂଚାର ବ୍ୟୁରୋ): କଚ୍ଚା ରାସ୍ତାରେ ସମସ୍ତେ ଧାଡ଼ି ବାନ୍ଧି ଚାଲିଛନ୍ତି । କାହା ହାତରେ ବାଲଟି ଅଛି ତ' ଆଉ କାହା ହାତରେ ଗରା। ଏମିତି ଗୋଟେ କିଲୋମିଟର ଚାଲିଲେ ପଡ଼ିବ ଶୁକନାଳ । ଏଠାରୁ ପାଣି ନେଲେ ଶୋଷ ମେଣ୍ଟିବ। ଆଜ୍ଞା ହଁ, ଏହି ଅପରିଷ୍କାର ପାଣି ହିଁ ଗାଁ ଲୋକଙ୍କ ଏକମାତ୍ର ସାହା ଭରସା। ବୈପାରିଗୁଡ଼ା ବ୍ଲକ ଗୁପ୍ତେଶ୍ୱର ପଞ୍ଚାୟତର ଗାଦବାଗୁଡା ଗାଁରେ ପିଇବା ପାଣି ସମସ୍ୟାକୁ ନେଇ ସମ୍ବାଦରେ ଖବର ପ୍ରକାଶିତ ପରେ ପ୍ରଶାସନ ପକ୍ଷରୁ ଗୋଟିଏ ନଳକୂପ ଖୋଲାଗଲା। ଯାହା ଗତ ୩ ମାସ ହେଲାଣି ଅଚଳ ହୋଇପଡ଼ିଛି। ବାରମ୍ବାର ଅଭିଯୋଗ ପରେ ବି ଏହାର ମରାମତି ହୋଇପାରୁନି। ତେଣୁ ବାଧ ହୋଇ ପାହାଡ଼ି ଶୁକନାଳ ପାଣି ବ୍ୟବହାର କରୁଛନ୍ତି ଗାଁ ଲୋକ । ଗାଦବାଗୁଡ଼ା ଓ କନ୍ଧଗୁଡ଼ା ଗାଁକୁ ପାଦ ଚଲା ପାହାଡ଼ିଆ ରାସ୍ତା ଯାତୟାତର ଏକମାତ୍ର ମାଧ୍ୟମ। ରୋଗୀ କିମ୍ବା ଗର୍ଭବତୀ ମହିଳାଙ୍କୁ ଭାରରେ ବୋହି ୪ କିଲୋମିଟର ଦୂର ପିଚୁ ରାସ୍ତା ପର୍ଯ୍ୟନ୍ତ ନେଲେ ମିଳେ ଆମ୍ବୁଲାନ୍ସ ସୁବିଧା ! ଗାଦବାଗୁଡ଼ାରେ ଅଙ୍ଗନବାଡ଼ି କେନ୍ଦ୍ର ବି ନାହିଁ । ଜଙ୍ଗଲ ରାସ୍ତା ଦେଇ ପାଖ ଗାଁରେ ଥିବା ଶିରିବେଡା ଅଙ୍ଗନବାଡ଼ିକୁ ଯାଇ ପଢୁଛନ୍ତି ପିଲା । ଇଏ ସବୁ ଖରା ଓ ଶୀତ ଦିନ କଥା, ବର୍ଷାଦିନେ ଗାଁ ଲୋକ ଜଳବନ୍ଦୀ ଜୀବନ ବିତାନ୍ତି। କୋଟପାଡ଼ ବିଧାୟକଙ୍କ ପ୍ରତିନିଧି କହୁଛନ୍ତି, ଅଧା ରାସ୍ତା ହୋଇଛି, ଖୁବଶୀଘ୍ର କାମ ସମ୍ପୂର୍ଣ୍ଣ ହେବା ସହ ନୂଆ ନଳକୂପ ଖୋଳାଯିବ। ଏହି ଖବର ଦେଖିଲେ ଲାଗୁଛି ସରକାରଙ୍କ ବିକଶିତ ଓଡ଼ିଶା ସ୍ୱପ୍ନରେ ଉପାନ୍ତ ଗାଁ ଆସୁନି । ନହେଲେ ଯେଉଁଠି ମୌଳିକ ସୁବିଧା ପାଇଁ ନେହୁରା ହେବାକୁ ପଡ଼ୁଛି । ସେଠି ଉପାନ୍ତ ମଣିଷ ବିକାଶ କଥା କ'ଣ ବା ଚିନ୍ତା କରିବ।

ମହିମା ସୁବର୍ଣ୍ଣପୁର ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା

ସୁବର୍ଣ୍ଣପୁର,୧୦।୧ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାର କଳା, ସଂସ୍କୃତି, ଐତିହ୍ୟ ଓ ବିକାଶ ଧାରାର ବାର୍ତ୍ତାବହ ୩୨ ତମ 'ମହିମା' ସୁବର୍ଣ୍ଣପୁର ଲୋକ ମହୋତ୍ସବ ୨୦୨୬ ଓ ରାଜ୍ୟ ସ୍ତରୀୟ ପଲ୍ଲୀଶ୍ରୀ ମେଳାର ତୃତୀୟ ସନ୍ଧ୍ୟାରେ ପ୍ରବଳ ଜନ ସମାଗମ ଦେଖିବାକୁ ମିଳିଥିଲା। ସନ୍ଧ୍ୟା ବେଳେ ପ୍ରଥମେ ପଶ୍ଚିମ ଓଡ଼ିଶାର କଳାକାର ମାନେ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ ସଭା ଜିଲ୍ଲାପାଳ ଡ଼. ନୃପରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ବେଳେ ଡ଼. ସାହୁ ସମସ୍ତ ଅତିଥି ମାନଙ୍କ ସହିତ ଉପସ୍ଥିତ ଦର୍ଶକ ମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରି ଉତ୍ସବକୁ ଶାନ୍ତି ଶୃଙ୍ଖଳାରେ ଉପଭୋଗ କରିବା ସହ କିଣାବିକା କରି ବିଭିନ୍ନ ପାରମ୍ପାରିକ ଖାଦ୍ୟର ଭରପୂର ମଜା ନେବା ପାଇଁ ଅନୁରୋଧ କରିଥିଲେ। ଏହି ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ପ୍ରଫେସର ଡ. ବିଧୁଭୂଷଣ ମିଶ୍ର, କୁଳପତି ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତି ବିହାର) ସମ୍ମାନିତ ଅତିଥି ଭାବରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ନାରାୟଣ ନାୟକ, ପ୍ରଫେସର ଡ. ରଘୁନାଥ ମେହେର ଅବସର ପ୍ରାପ୍ତ ପ୍ରାଧାପକ ସମ୍ବଲପୁର, ସୁଶାନ୍ତ କୁମାର ଦାଶ କୁଳପତି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ପ୍ରଫେସର ଡ.ଗୋପିନାଥ ବାଗ, ଓଡ଼ିଆ ବିଭାଗ ବିଶ୍ୱବିଦ୍ୟାଳୟ ସମ୍ବଲପୁର ଯୋଗଦାନ କରି ଲୋକ ମହୋତ୍ସବର ସାମଗ୍ରିକ ସାଜସଜ୍ଜା ବହୁତ୍ ଉଚ୍ଚ କୋଟୀର ହୋଇଥିବାରୁ ଜିଲ୍ଲାପାଳ ଙ୍କୁ ପ୍ରଶଂସା କରିଥିଲେ। ସୁବର୍ଣ୍ଣପୁର ମଣିଷ ର ମାଟି, ମନର ମାଟି ଓ ମହାନଦୀ ର ମାଟି ବୋଲି ମତ ରଖି ଆପଣ ଙ୍କ ଜିଲ୍ଲାପାଳ ଜଣେ ସୁନାର ଭଲ ମଣିଷ ବୋଲି ଖୁବ୍ ପ୍ରଶଂସା କରିଥିଲେ। ଶିଳ୍ପ ଓ କଳା ସଂସ୍କୃତି ସହ ଏଠାକାର ପଲ୍ଲୀଶ୍ରୀ ମେଳା ଯୋଡ଼ି ହୋଇଛି ବୋଲି କହିଥିଲେ। ଏହି ଅବସରରେ ଜିଲ୍ଲାପାଳ ଜନସାଧାରଣ ଆସି ଭରପୁର ମଜା ନେବା ପାଇଁ ଅନୁରୋଧ କରିଥିଲେ।

କୁଞ୍ଜବିହାରୀ କୃପାସିନ୍ଧୁ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ

ବାଲିଆପାଳ,୧୦।୧ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ପିଏମଶ୍ରୀ କୁଞ୍ଜବିହାରୀ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା ସଭାପତିତ୍ୱ କରିଥିଲେ। ସହକାରୀ ଶିକ୍ଷକ ଜଗନ୍ନାଥ ଜେନା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ।ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କମଳିନୀ ପ୍ରଧାନ ପ୍ରାରମ୍ଭିକ ସୁଚନା ଦେଇଥିଲା ବେଳେ ପ୍ରାକ୍ତନ ଶିକ୍ଷାବିତ ଭଗିରଥ ଗିରି ମଞ୍ଚ ସଞ୍ଚାଳନ କରିଥିଲେ। ମୁଖ୍ୟ ଅତିଥି ବସ୍ତା ଏସଡିପିଓ ମାନସ ଦେଓ ମୁଖ୍ୟ ବକ୍ତା ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଡିଓ ରାଧା ରଞ୍ଜନ ଦାସ, ବିଶିଷ୍ଟ ଅତିଥି ସାଂସଦ ପ୍ରତିନିଧି ରବିନ୍ଦ୍ର ନାଥ ଅଷ୍ଟିଆ, ସମ୍ମାନିତ ଅତିଥି କୁମ୍ଭାରୀ ସରପଞ୍ଚ ପଙ୍କଜିନୀ ମହାପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ବିକର୍ତ୍ତନ ରାଉତ, ନିଖିରା ସିଆରସିସି ରାମଚନ୍ଦ୍ର ସାହୁ, ପରିଚାଳକ କମିଟିର ସଭାପତି ଧନଞ୍ଜୟ ମହାନ୍ତି, ପ୍ରମୁଖ ଯୋଗଦେଇ ଥିଲେ। ମୁଖ୍ୟ ଅତିଥି ଶ୍ରୀ ଦେଓ ସାଇବର ସଚେତନତା ବିଷୟରେ ମୋବାଇଲକୁ ଆବଶ୍ୟକ ସ୍ଥଳେ ବ୍ୟବହାର କରିବା, ମୋବାଇଲରେ ଅଯଥା ଆପକୁ ଡାଉନଲୋଡ ନକରିବା, ଚପଲାମିରେ ବସବର୍ତ୍ତୀ ହୋଇ ଅଜଣା ଅପ୍ଲିକେସନକୁ ଗ୍ରହଣ ନକରିବା ପାଇଁ ପିଲା ମାନଙ୍କୁ ପରାମର୍ଶ ଦେଇଥିଲେ। ପିଏମଶ୍ରୀ ଉତ୍ସବରେ ପିଲା ମାନଙ୍କୁ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଏବଂ ସୁସ୍ୱାଦୁ ଖାଦ୍ୟର ପସରାକୁ ଅତିଥି ମାନେ ବୁଲି ଦେଖିଥିଲେ। ଶ୍ରେଷ୍ଠ ପ୍ରକଳ୍ପ ଗୁଡ଼ିକ ଚୟନ କରି ଛାତ୍ର ଛାତ୍ରୀ ମାନଙ୍କୁ ଆକାଂକ୍ଷୀ ଛାତ୍ର ପରିଷଦ ବିଭାଗରୁ ୧୨ ଜଣ, ଦୋକାନ ଯାତ୍ରା ବିଭାଗରୁ ୬ ଜଣ, ଆକାଂକ୍ଷୀ ମେଳା ଇନ୍ସପାଏରିଂ ଓଡିଶା- ୨୦୩୬ ବିଭାଗରୁ ୧୨ ଜଣ ଏବଂ ଏଫ୍ ଏଲ, ଏନ୍ ବିଭାଗ ରୁ ୬ ଜଣ ଙ୍କୁ ପୁରସ୍କୃତ କରାଯାଇଥିଲା।

ଜିଲ୍ଲାସ୍ତରୀୟ ନେତୃତ୍ୱ ତାଲିମ ଶିବିର ଅନୁଷ୍ଠିତ

ବାଲିଆପାଳ,୧୦।୧ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ଜଗାଇ ପିପିଲି କୃଷ୍ଣଚନ୍ଦ୍ର ମହାବିଦ୍ୟାଳୟ ରେ ଜିଲ୍ଲା ସ୍ତରୀୟ ନେତୃତ୍ୱ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ଥାନା ଅଧିକାରୀ ସାଲଖାନ ମୁର୍ମୁ, ମୁଖ୍ୟ ବକ୍ତା ଭାବେ ଡା. ରତ୍ନାକର ଦାସ, ସମ୍ମାନିତ ଅତିଥି ଭାବେ ଜାମକୁଣ୍ଡା ଫାଣ୍ଡି ଅଧିକାରୀ ଆସୋତୋଷ ଦାସ, ଏ ଡ଼ି ପି ଓ ଡ଼ ରମେଶ କଲେଜ ଅଧ୍ୟକ୍ଷା ଡ଼. ମାନସୀ ସାହୁ ଙ୍କ ପରୋହିତ୍ୟ ରେ ଅନୁଷ୍ଠିତ ଏହି ଶିବିର ରେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ଚନ୍ଦ୍ର ପଣ୍ଡା, ପି ଓ ସୁପ୍ରା। ଶିନୀ ବେହେରା, ଏନ ଏସ ଏସ ର ପୂର୍ବତନ ପି ଓ ଶାନ୍ତିଲତା ଦାସ, ମଞ୍ଚ ପରିଚାଳନା ରେ ଆଶିଷ ଓଝା ସହଯୋଗ କରିଥିଲେ ସମ୍ବାଦ ପ୍ରତିନିଧି ଶାନ୍ତନୁ କୁମାର ମହାପାତ୍ର ଏବଂ‌ଅଧ୍ୟାପକ ଅଭିଳାଷ ବେହେରା ଙ୍କୁ ରିସର୍ସ ପାର୍ସନ ଭାବେ ସମ୍ବର୍ଦ୍ଧନା ଦିଆଯାଇଛି। ସୋସିଆଲ ମିଡ଼ିଆ ର ବିଭିନ୍ନ ଉପକାରିତା ଓ ଅପକାରିତା ଏବଂ ପ୍ରାକୃତିକ ବିପର୍ଯ୍ୟୟ ଉପରେ ଆଲୋକପାତ କରିଥିଲେ।

ପେନସନର୍ସ ସଂଘର ଧାରଣା ସହ ଦାବିପତ୍ର ପ୍ରଦାନ

ସୁବର୍ଣ୍ଣପୁର,୧୦।୧ (ସଂଚାର ବ୍ୟୁରୋ): ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ୍ ଆସୋସିଏସନ୍ ସୁବର୍ଣ୍ଣପୁର ଜିଲ୍ଲା ଶାଖା ତରଫରୁ ବିଭିନ୍ନ ଦାବୀ ନେଇ ସୁବର୍ଣ୍ଣପୁର ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବା ସହ ପ୍ରଧାନମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସୁବର୍ଣ୍ଣପୁର ଡେପୁଟି କଲେକ୍ଟରଙ୍କୁ ପ୍ରଦାନ କରାଯାଇଛି। ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସର୍ବନିମ୍ନ ମାସିକ ପେନସନ ୯୦୦୦ ଟଙ୍କା ସହ ସମସ୍ତ ପେନସନର ଙ୍କୁ ଚିକିତ୍ସା ଭତ୍ତା କିମ୍ବା ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ କରିବା ସହ ବିଭିନ୍ନ ଦାବି ରହିଥିବା ବେଳେ ଆଗାମୀ ଦିନରେ ସରକାର ତାଙ୍କ ଦାବୀ ପ୍ରତି ଦୃଷ୍ଟି ନ ଦେଲେ ଅହିଂସା ଆନ୍ଦୋଳନ ଜାରି ରହିବା ନେଇ ଗଣମାଧମ ଆଗରେ ଆଜି ସଙ୍ଘର କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଏଥିରେ ସଙ୍ଘ ର ଭବାନୀ ଶଙ୍କର ପଣ୍ଡା, ବୃନ୍ଦାବନ ରଥ, ବିଜୟ କୁମାର ସାହୁ, ଯଜ୍ଞେଶ୍ୱର ମିଶ୍ର, ଶିବଦତ୍ତ ବେଦବାକ, ସତ୍ୟନାରାୟଣ ପ୍ରଧାନ, ଗୋପାଳ ପଣ୍ଡା, ମୁରଲୀ ମିଶ୍ର, ଶ୍ୟାମ କୁମ୍ଭାର, ମକରଧ୍ୱଜ ସେଠୀ, କରୁଣାକର ମେହେର, ସର୍ବେଶ୍ୱର ସେଠୀ, ଜାହ୍ନୁ ହାତୀ, ସର୍ବେଶ୍ୱର ସାମନ୍ତରାୟ ଙ୍କ ସହ ଅନେକ ସିନିଅର ସିଟିଜେନ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲ୍ଲା ରେଡ଼କ୍ରସ ତରଫରୁ ସୁର୍ଡ଼ ଗ୍ରାମରେ ହୋମିଓ ଦାତବ୍ୟ ଚିକିତ୍ସାଳୟ ପରିଦର୍ଶନ ଓ ଶୀତବସ୍ତ୍ର କମ୍ବଳ ବଣ୍ଟନ

ସୁନ୍ଦରଗଡ଼,୧୦।୧ (ସଂଚାର ବ୍ୟୁରୋ): ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ସୁର୍ଡ଼ା ଗ୍ରାମଠାରେ ଭାରତୀୟ ରେଡ଼କ୍ରସ ସୋସାଇଟି ସୁନ୍ଦରଗଡ଼ ଜିଲ୍ଲା ଶାଖା ତରଫରୁ ପରିଚାଳିତ ହେଉଥିବା ହୋମିଓ ଦାତବ୍ୟ ଚିକିତ୍ସାଳୟର ପରିଦର୍ଶନ କାଳରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଙ୍ଗନାଏକ ଯୋଗ ଦେଇଥିଲେ ଏଵଂ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଦାୟିତ୍ୱ ରେ ଥିବା ଡା.ଲବଣୀଧର ଦାନୀଙ୍କ ଠାରୁ ପଚାରି ବୁଝିଥିଲେ। ଏହି ଅବସରରେ ଜରୁରୀ କାଳୀନ ଅଫିସର ତଥା ଜିଲ୍ଲା ରେଡ଼କ୍ରସ ସୋସାଇଟିର ସମ୍ପାଦକ ଅଶ୍ୱିନୀ କୁମାର ପଣ୍ଡା, ଟାଙ୍ଗରପାଲି ବି.ଡି.ଓ. ବିରସେନ ବେହେରା, ରେଡ଼କ୍ରସ ସୋସାଇଟିର ଯୁଗ୍ମ ସମ୍ପାଦକ ଅଜିତ ପ୍ରସାଦ, ଅଭିଳାଷ ହୋତା ପ୍ରମୁଖ ଯୋଗ ଦେଇଥିଲେ। ଚିକିତ୍ସାଳୟ ପରିଦର୍ଶନ ପରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରସ୍ଥିତ ମଣ୍ଡପଠାରେ ଉପସ୍ଥିତ ବୟସ୍କ ବୃଦ୍ଧ ଓ ବୃଦ୍ଧା ତଥା ଶାରୀରିକ ଅକ୍ଷମ ବ୍ୟକ୍ତି ମାନଙ୍କୁ ଶୀତ ବସ୍ତ୍ର କମ୍ବଳ ବଣ୍ଟନ କରାଯାଇ ଥିଲା ।

● ମହିମା' ସୁବର୍ଣ୍ଣପୁର ଲୋକ ମହୋତ୍ସବ - ୨୦୨୬

ପରିବର୍ତ୍ତିତ ସାଂସ୍କୃତିକ ବିକାଶ ଓ ରଙ୍ଗମଞ୍ଚ ଉପରେ ଆଲୋଚନାଚକ୍ର



ସୁବର୍ଣ୍ଣପୁର,୧୦।୧ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ 'ମହିମା' ସୁବର୍ଣ୍ଣପୁର ଲୋକ ମହୋତ୍ସବ ଅବସରରେ 'ପରିବର୍ତ୍ତିତ ସାଂସ୍କୃତିକ ବିକାଶ ଓ ସୁବର୍ଣ୍ଣପୁର ରଙ୍ଗମଞ୍ଚ' ପ୍ରସଙ୍ଗକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ମହୋତ୍ସବ ପରିସରରେ ଆୟୋଜିତ ହୋଇଯାଇଛି। ସୁବର୍ଣ୍ଣପୁରର ସାଂସ୍କୃତିକ ପରମ୍ପରା, ନାଟ୍ୟ ଐତିହ୍ୟ ଓ ଆଧୁନିକ ସମାଜରେ ରଙ୍ଗମଞ୍ଚର ଭୂମିକାକୁ ନେଇ ଏହି ଆଲୋଚନାଚକ୍ର ଉତ୍ସାହଜନକ ଓ ଚିନ୍ତନପ୍ରବଣ ରହିଥିଲା। ଏହି ଆଲୋଚନାଚକ୍ରରେ ସଙ୍ଗୀତ ନାଟକ ଏକାଡେମୀର ସଭ୍ୟ ତଥା ପ୍ରଖ୍ୟାତ ନାଟ୍ୟ ନିର୍ଦ୍ଦେଶକ ନାଟ୍ୟଶ୍ରୀ ଗଦାଧର ବାରିକ, ସାଂସ୍କୃତିକ ପରିବର୍ତ୍ତନର ଧାରା, ଗ୍ଲୋବାଲାଇଜେସନ ଓ ଡିଜିଟାଲ ମାଧ୍ୟମର ପ୍ରଭାବ ରଙ୍ଗମଞ୍ଚ ଉପରେ କିପରି ପଡୁଛି, ସେନେଇ ଆହ୍ୱାନ ସହ ସୁବର୍ଣ୍ଣପୁର ମାଟିର କଳାକାରଙ୍କ କଳାର ବିକାଶ ପାଇଁ ମଞ୍ଚର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଯୁବ ଅଭିନେତା ପ୍ରଦ୍ୟୁମ୍ନ ସାହୁ ଏବଂ ଗବେଷକ ତଥା ଲେଖକ ସୁଦାମ ନାଏକ ଅତିଥି ଆଲୋଚକ ଭାବେ ଯୋଗଦେଇ ରଙ୍ଗମଞ୍ଚର ବଦଳୁଥିବା ଆକୃତି, ସାଂସ୍କୃତିକ ଚେତନା ଓ ସମକାଳୀନ ରୁନୌତି ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଯୁବ ଅଭିନେତା ପ୍ରଦ୍ୟୁମ୍ନ ସାହୁ ଯୁବପିଢ଼ି ସହିତ ରଙ୍ଗମଞ୍ଚର ସଂଯୋଗ, ପ୍ରଶିକ୍ଷଣ ଓ ନୂତନ ମଞ୍ଚ ସୃଷ୍ଟିର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଗବେଷକ ସୁଦାମ ନାଏକ ସୁବର୍ଣ୍ଣପୁର ରଙ୍ଗମଞ୍ଚର ଐତିହାସିକ ପୃଷ୍ଠଭୂମି ଓ ସାମାଜିକ ସଚେତନତାରେ ଏହାର ଅବଦାନ ବିଷୟରେ କହିଥିବାବେଳେ ସେନେଇ ତାଙ୍କର ଗବେଷଣାମୂଳକ ମତ ରଖିଥିଲେ।

ଦାବି ଶୁଣି ଆକ୍ସନ ମୋଡରେ ଜିଲାପାଳ: ବଦଳିଲେ ଏବିଡିଓ

ପୁରୁଷୋତ୍ତମପୁର,୧୦।୧ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏବିଡିଓ ନିରାକାର ଯେନାଙ୍କ ବିରୋଧରେ ଦୀର୍ଘ ଦିନଧରି ଲାଗିରହିଥିବା ଜନ ଅସନ୍ତୋଷ ଓ ଅଭିଯୋଗ ପରେ ଶେଷରେ ଜିଲାପାଳ ତାଙ୍କୁ ବଦଳି କରିଛନ୍ତି। ତାଙ୍କ ସ୍ଥାନରେ ନୂତନ ଏବିଡିଓ ଭାବରେ ଜୟଶ୍ରୀ ନାୟକଙ୍କୁ ନିଯୁକ୍ତି ଦେଇଛନ୍ତି। ସେ ପୂର୍ବରୁ ଛତ୍ରପୁର ଏବିଡିଓ ଭାବରେ କାର୍ଯ୍ୟକରୁଥିଲେ। ଏବିଡିଓ ନିରାକାର ଯେନାଙ୍କ ବିରୋଧରେ ବିବାହ ପଞ୍ଜୀକରଣଲାଗି ଲାଞ୍ଚ ମାଗିବା ଅଭିଯୋଗରେ ଦୀର୍ଘ ଦିନହେଲା ଜନ ଅସନ୍ତୋଷ ଲାଗିରହିଥିଲା। ପୂର୍ବରୁ ମହିଳାମାନଙ୍କ ସହ ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇ ତାଙ୍କ କୁଶପୁତ୍ତଳିକା ଦାହକରିଥିବା ବେଳେ ଗତ ୫ ତାରିଖରେ ପୁରୁଷୋତ୍ତମପୁର ଓକିଲସଂଘ ମଧ୍ୟ ଲାଞ୍ଚମାଗିବା ଓ ଅସଦ୍‌ବ୍ୟବହାର କରୁଥିବା ଅଭିଯୋଗ ଆଣି ଜିଲାପାଳଙ୍କ ପାଖରେ ଫେରାଦ ହୋଇ ଏବିଡିଓଙ୍କ ବଦଳି ଲାଗି ଦାବି କରିଥିଲେ । ଓକିଲଙ୍କଏହି ଅଭିଯୋଗକୁ ଜିଲାପାଳ ଗୁରୁତରସହ ନେଇଛ ଚିଠିନଂ ୨୨୨/ ୮.୧.୨୦୨୬ରେ ଏବିଡିଓ ଯେନାଙ୍କୁ ଶେରଗଡ ବ୍ଲକକୁ ବଦଳି କରିଛନ୍ତି।

ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ ମେଗା କ୍ୟାମ୍ପ



ସୁବର୍ଣ୍ଣପୁର,୧୦।୧ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଉଚ୍ଚ ବିଦ୍ୟାଳୟ ଠାରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ରେ ନାମ ଲେଖା ପାଇଁ ମେଗା କ୍ୟାମ୍ପ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଞ୍ଜାଲୁ ମିର୍ଦ୍ଧା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିଶ୍ୱନାଥ ମେହେର କାର୍ଯ୍ୟକ୍ରମ ରେ ଯୋଗଦାନ କରିଥିବା ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଙ୍କୁ ତଥା ସଭାରେ ଉପସ୍ଥିତଥିବାରୁ ଧନ୍ୟବାଦ ଦେବା ସହ କରିଥିଲେ। ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ କେନ୍ଦ୍ର ଡୁଙ୍ଗୁରିପାଲି ବ୍ଲକ ସଂଯୋଜକ ମନୋରଞ୍ଜନ ଛନ୍ଦ କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ କୁ ପ୍ରାଞ୍ଜଳ ଭାବରେ ବୁଝାଇ ଥିଲେ। ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ରାଜ୍ୟର ସମସ୍ତ ବର୍ଗର ଲୋକମାନଙ୍କୁ ଶିକ୍ଷା ସୁବିଧା ଯୋଗାଇ ଦେଇ ଏକ ସୁନ୍ଦର ଭବିଷ୍ୟତ ଗଠନ କରିବା ଲକ୍ଷ୍ୟରେ ପ୍ରତିଷ୍ଠା କରାଯାଇଛି। ବିଶେଷ କରି ଅଧାରୁ ପାଠ ଛାଡୁଥିବା ଟିଅ ପିଲା, ସ୍ତ୍ରୀ ଲୋକ ବା ଶିକ୍ଷାରୁ ବଞ୍ଚିତ ସହରାଞ୍ଚଳ ବା ଗ୍ରାମାଞ୍ଚଳ ଯୁବପିଢି, କାର୍ଯ୍ୟରତ ପୁରୁଷ ବା ମହିଳା, ଅନୁସୂଚିତ ଜାତି ଓ ଜନଜାତି, ବିଭିନ୍ନ ପ୍ରକାରର ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀଭୁକ୍ତ ବ୍ୟକ୍ତି ବିଶେଷ ଯେଉଁମାନେ ଆନୁଷ୍ଠାନିକ ବିଦ୍ୟାଳୟ ମାଧ୍ୟମରେ ମାଧ୍ୟମିକ ଶିକ୍ଷାକୁ ଉତ୍ତୀର୍ଣ୍ଣ ହୋଇପାରି ନାହାନ୍ତି ସେହି ମାନଙ୍କ ପାଇଁ ଉଦ୍ଦିଷ୍ଟ। ସଭାରେ ମୁଖ୍ୟ ବକ୍ତା ତଥା ସମ୍ମାନିତ ଅତିଥି ହୋସିୟା ଛତ୍ରିଆ ସମସ୍ତ ଛାତ୍ରଛାତ୍ରୀ ଙ୍କୁ ମୁଖ୍ୟ ଧାରାରେ ସାମିଲ କରାଯାଇ ପାରିବ ବୋଲି କହିଥିଲେ। ମାୟାବର୍ହା ଆଞ୍ଚଳିକ କେନ୍ଦ୍ର ସଂଯୋଜକ ସୌରଭ ସାହୁ ଓ ବେହେରାମାଲ ଆଞ୍ଚଳିକ କେନ୍ଦ୍ର ସଂଯୋଜକ ସୁରେନ୍ଦ୍ର ରଥ ଶିକ୍ଷା ଏକ ମୌଳିକ ଅଧିକାର ଓ କେହିବି ବଞ୍ଚିତ ରହିବେ ନାହିଁ ବୋଲି ମନ୍ତବ୍ୟ ଦେଇଥିଲେ। ରାମପୁର ଆଞ୍ଚଳିକ ସାଧନ କେନ୍ଦ୍ର ର ସଂଯୋଜକ ପ୍ରଦୀପ୍ତ କିଶୋର ଦାଶ ସଭାର ସଂଯୋଜନା ଓ ପରିଚାଳନା କରିଥିଲେ।

କଳା ସଂସ୍କୃତିର ବିକାଶ ଲାଗି ସହଯୋଗ ଜରୁରୀ

**କଳାହାଣ୍ଡି, ୧୦।୧ (ସଂ